

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୪ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 04 October 2026
Vol.No. 36 ■ No.260 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଆଜି ରାଜଧାନୀ ଭୁବନେଶ୍ୱରଠାରେ 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବୃହତ ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି। ଦେଶବିଦେଶରୁ ଆସିଥିବା ନିବେଶକ, ହସ୍ପିଟାଲିଟି ବ୍ରାଣ୍ଡ ଏବଂ ଟୁରିଜିମ୍ ପାର୍ଟନରମାନେ ଓଡ଼ିଶାର ଅସୀମ ସମ୍ଭାବନାକୁ ଉପଯୋଗ କରି ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି।



ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଗୁଣାତ୍ମକ ମୌଳିକ କାଠାମାଛ ନିର୍ମାଣ ନିମନ୍ତେ ୨୦୨୬ ରୁ ୨୦୩୧ ମଧ୍ୟରେ ୧,୫୦୦ କୋଟି ଟଙ୍କାର ବଜେଟ୍ ଏବଂ ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ'କୁ ମଞ୍ଜୁରୀ ଦିଆଯାଇଛି, ଯାହା ଦ୍ୱାରା ରାଜ୍ୟରେ ନୂତନ ହୋଟେଲ ଓ ରିସର୍ଟ ନିର୍ମାଣ ପାଇଁ ପଥ ସୁଗମ ହୋଇଛି। ଅତିଥିମାନଙ୍କ ସୁରକ୍ଷା ଓ ଅତିଥି ସତ୍କାରକୁ ସର୍ବାଧିକ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ କିଛି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ଘୋଷଣା କରିଛନ୍ତି। ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ବ୍ୟବସ୍ଥା ଆରମ୍ଭ କରାଯାଉଥିବାବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ 'ଓସ୍ୱାଲି' ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ। ଅଧିକ ଭିଡ଼ ପରିଲକ୍ଷିତ ହେଉଥିବା ସ୍ଥଳୀଗୁଡ଼ିକରେ 'ଡେଷ୍ଟିନେସନ୍ ମ୍ୟାନେଜର' ମଧ୍ୟ ନିଯୁକ୍ତ ହେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ରାଜ୍ୟବାସୀଙ୍କୁ ଆବାହନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର 'ଅତିଥି ଦେବୋ ଭବଃ' ଅନୁଯାୟୀ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ହିଁ ଓଡ଼ିଶାର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡର ହୋଇପାରିବେ। ଆଜିର ସୋସିଆଲ ମିଡିଆ ଯୁଗରେ ଗୋଟିଏ ବି ଅପ୍ରୀତିକର ପରିସ୍ଥିତି ବିଜୁଳି ବେଗରେ ଖେଳିଯାଉଥିବାରୁ ସମସ୍ତଙ୍କୁ ମିଳିମିଶି ଓଡ଼ିଶାର ସୁଖଦ ଅନୁଭୂତି ବିସ୍ତାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ମରୁଭୂମିକୁ ବାଦ୍ ଦେଲେ ଭୂପୃଷ୍ଠର ସମସ୍ତ ପ୍ରକାର ପ୍ରାକୃତିକ ବିଭବ ଓ ସୌନ୍ଦର୍ଯ୍ୟ ଓଡ଼ିଶାମାଟିରେ ରହିଛି ବୋଲି ଗର୍ବର ସହ ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର

◆◆ପୃଷ୍ଠା ୭

## ଓଡ଼ିଶାରେ ବିଜେପିର ନବନିଯୁକ୍ତ ପ୍ରଭାରୀ: ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ପ୍ରାଥମିକତା, ପଦାଧିକାରୀଙ୍କୁ ଦେଲେ ପଂଚାୟତ ଦଖଲର ଗୁରୁମନ୍ତ୍ର

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ବିଜେପିର ନବନିଯୁକ୍ତ ରାଜ୍ୟ ପ୍ରଭାରୀ ତଥା ସାଂସଦ ଡି. ପୁରନ୍ଦେଶ୍ୱରୀ ଓ ସହପ୍ରଭାରୀ ସ୍ୱଦେଶ ସିଂ ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହେବା ପରେ ସରକାର ଓ ସଂଗଠନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଦଳକୁ ଅଧିକ ସୁଦୃଢ଼ କରିବା ସହ ଆଗାମୀ ପଂଚାୟତ ନିର୍ବାଚନରେ ବିଜୟ ଧାରା ବଜାୟ ରଖିବା ତାଙ୍କର ପ୍ରାଥମିକତା ହେବ ବୋଲି ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଆଜି ସ୍ପଷ୍ଟ କରିଛନ୍ତି। ଏହାସହିତ ଦଳୀୟ ପଦାଧିକାରୀଙ୍କ ସହ ବୈଠକରେ ପଂଚାୟତ ନିର୍ବାଚନ ଜିତିବାର ଗୁରୁମନ୍ତ୍ର ଦେଇଥିବା ଜଣାପଡ଼ିଛି। ନବନିଯୁକ୍ତ ରାଜ୍ୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଓ ସହପ୍ରଭାରୀ ଶ୍ରୀ ସିଂ ଆଜି ବିମାନ ବନ୍ଦରରେ ପହଂଚିବା ପରେ ସେଠାରେ ଉଭୟ ନେତାଙ୍କୁ ଦଳ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଡ଼ିଶାରେ ପାଦ ଦେବା ପରେ ନିଜ ପ୍ରତିକ୍ରିୟାରେ ରାଜ୍ୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଛନ୍ତି ଯେ, ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ





ବିଜେପିର ପ୍ରଭାରୀ ଭାବେ ଦାୟିତ୍ୱ ମିଳିବା ମୋ' ପାଇଁ ଅତ୍ୟନ୍ତ ସୌଭାଗ୍ୟର ବିଷୟ। ରାଜ୍ୟରେ ଏବେ ଆମ ସରକାର ଶାସନରେ ଥିବାରୁ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଆମେ ସର୍ବାଧିକ ଗୁରୁତ୍ୱ ଦେବୁ। ଆଉ ଦଳୀୟ ସଂଗଠନକୁ ଆହୁରି ଅଧିକ ସୁଦୃଢ଼ କରାଯିବ। ଆଗାମୀ ପଂଚାୟତ ନିର୍ବାଚନ ଆମ ପାଇଁ କୌଣସି କଠିନ ଟାସ୍କ ନୁହେଁ। ଆମର କର୍ମକର୍ତ୍ତାମାନେ ଏଥିପାଇଁ ପୁରା ପ୍ରସ୍ତୁତ ହୋଇ ରହିଛନ୍ତି। କର୍ମକର୍ତ୍ତାଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଲୋକଙ୍କ ଆଶୀର୍ବାଦରେ ଆଗାମୀ ପଂଚାୟତ ନିର୍ବାଚନରେ ଆମର ନିଶ୍ଚିତ ବିଜୟ ହେବ। ସହପ୍ରଭାରୀ ସ୍ୱଦେଶ ସିଂଙ୍କ ସହ ମିଶି ଏକାଠି କାମ କରି ଦଳକୁ ଆଗକୁ ନେବୁ ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଛନ୍ତି। ସେହିପରି ନବନିଯୁକ୍ତ ସହପ୍ରଭାରୀ ସ୍ୱଦେଶ ସିଂ କହିଛନ୍ତି ଯେ, ଦଳକୁ ଶକ୍ତିଶାଳୀ କରିବା ସହିତ ସାଧାରଣ ଲୋକଙ୍କ ପାଇଁ କାମ କରିବା ଆମର ଲକ୍ଷ୍ୟ। ସମସ୍ତଙ୍କ ସହ ବସି ଆଲୋଚନା କରିବି ଓ ମିଳିମିଶି ଦଳକୁ ଆହୁରି ମଜବୁତ କରିବା ପାଇଁ କାମ କରିବୁ। ନିଜେ ଯୁବମୋର୍ଚ୍ଚାରେ କାମ କରିଛି, ଛାତ୍ର ପରିଷଦରେ କାମ କରିଛି । ଯୁବ ସମାଜ ସହିତ ଦୃଢ଼ ଭାବେ ଠିଆ ହୋଇଛି। ଆଜି ସାରା ଦେଶର ଯୁବ ସମାଜ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଏକାଠି ହୋଇଛି ଓ ଆମ ସରକାର କରିଥିବା କାମକୁ ସମର୍ଥନ କରୁଛନ୍ତି ବୋଲି ସେ କହିଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ,'ପୁରନ୍ଦେଶ୍ୱରୀ ଦୀର୍ଘ ସମୟ ଧରି ଓଡ଼ିଶାରେ ସଂଗଠନ ସହ ଜଡ଼ିତ ଅଛନ୍ତି।

## ଅତିଥି ଅଧ୍ୟାପକ ନିଯୁକ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିବା ପରେ ତତ୍ପର ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପକ ନିଯୁକ୍ତି ମାମଲାରେ ହାଇକୋର୍ଟଙ୍କ ରହିତାଦେଶ ପରେ ତତ୍ପର ହୋଇଛି ଉଚ୍ଚଶିକ୍ଷା ବିଭାଗ । ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପଦ ପୂରଣ ପାଇଁ ରାଜ୍ୟପାଳଙ୍କ ଅଧକ୍ଷତାରେ ହୋଇଛି ବୈଠକ । ବିଶ୍ୱବିଦ୍ୟାଳୟର କୁଳପତି, ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଖୁବଶୀଘ୍ର ନିଯୁକ୍ତି ଦେବାକୁ ହୋଇଛି ନିଷ୍ପତ୍ତି । ରାଜ୍ୟରେ ଥିବା ୧୪ ବିଶ୍ୱବିଦ୍ୟାଳୟରେ ଖାଲି ପଡିଛି ୧୪୩୫ଟି ପଦ। ଏହି ପଦ ପୂରଣ



ପାଇଁ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କ ଅଧକ୍ଷତାରେ ହୋଇଛି ବୈଠକ । କୁଳାଧିପତି, ଉଚ୍ଚଶିକ୍ଷାମନ୍ତ୍ରୀ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରକ୍ରିୟା ସାରିବାକୁ କହିଛନ୍ତି। ଏହା ନିଯୁକ୍ତି ପ୍ରକ୍ରିୟାକୁ ବଡ଼ ଗତି ଦେବ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀ । ନିକଟରେ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ ହାଇକୋର୍ଟ। ଯୋଗ୍ୟ ବେକାର ଯୁବକଯୁବତୀଙ୍କୁ ସୁଯୋଗ ନଦେଇ ଅବସରପ୍ରାପ୍ତ ଶିକ୍ଷକ ଓ ଅଧ୍ୟାପକଙ୍କୁ ଅତିଥି ଶିକ୍ଷକ,

◆◆ପୃଷ୍ଠା ୭

## ଧାମନଗରରେ ଭୋଟର ତାଲିକାକୁ ନେଇ ବଡ଼ ବିବାଦ: ନିର୍ବାଚନ କମିଶନଙ୍କ ଅନୁମୋଦନ ପରେ ଅଧିକାରୀ ନିଲମ୍ବିତ

ଭଦ୍ରକ, ୦୩/୧୦ (ନି.ପ୍ର): ଏସଆଇରର ପ୍ରକ୍ରିୟାକୁ ରଦ୍ଦ କରିବାକୁ ସାରା ଦେଶର ବିରୋଧରେ ସ୍ୱର ତେଜିଛି । ସିଇସି ଜ୍ଞାନେଶ କୁମାରଙ୍କୁ ଇସ୍ତଫା ଦାବିରେ ଓଡ଼ିଶାରୁ ଦିଲ୍ଲୀ ବିକ୍ଷୋଭ ତେଜିଛି । ଏପରି ସମୟରେ ଭଦ୍ରକ ଜିଲ୍ଲା ଧାମନଗର ଏନଏସିରୁ ଆସିଛି ଏସଆଇଆର ଅନିୟମିତତାକୁ ନେଇ ସାଂଘାତିକ ଖବର। ଏସଆଇଆର ଫର୍ମ-୭ର ଅପବ୍ୟବହାର ଅଭିଯୋଗରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ ହୋଇଛନ୍ତି । ନାଁ ସନ୍ତୋଷ ନାୟକ, ଭଦ୍ରକ ଜିଲ୍ଲା ଧାମନଗର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ । ଭୋଟର ତାଲିକାରୁ ସଂଖ୍ୟାଲଘୁଙ୍କ ନାଁ କାଟିବାକୁ ଷଡ଼ଯନ୍ତ୍ର



କରି ଫସିଯାଇଛନ୍ତି ବାବୁ। ଏସଆଇଆର ଫର୍ମ-୭ର ଅପବ୍ୟବହାର ଓ ଭୋଟର ତାଲିକାରୁ ନାଁ ବାଦ ଦେବାକୁ ବିଏଲଓଙ୍କ ଚାପ ପକାଇବା ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହୋଇଛି । (ଲେଟର) ନିର୍ବାଚନ କମିସନରଙ୍କ ଅନୁମୋଦନ ପରେ ନିଲମ୍ବିତ ହୋଇଛନ୍ତି । କାର୍ଯ୍ୟନିର୍ବାହୀ ଅଧିକାରୀ ବିଏଲଓଙ୍କ ମୋବାଇଲରୁ ଚଞ୍ଚକତା କରି ଓଟିପି ନେଇ ନିଜେ ଭୋଟର ତାଲିକାରେ ଜାଲିଆତି କରିଥିବା ଜଣାପଡ଼ିଛି । ଧାମନଗର ଏନଏସିରେ ଏସଆଇରର ପ୍ରକ୍ରିୟାରେ ଭୋଟର ତାଲିକାରୁ ନାମ ବାଦକୁ ନେଇ ବିବାଦ ତେଜିଛି। ମୃତ, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ଏକାଧିକ ସ୍ଥାନରେ ନାଁ ଥିବା ଭୋଟରଙ୍କ ନାମ ବାଦ ପାଇଁ ବ୍ୟବହୃତ ଫର୍ମ-୭ର ଅପବ୍ୟବହାରକୁ ନେଇ ୧୦ଜଣ ବିଏଲଓଙ୍କ କଡ଼ା ଆପତ୍ତି ଜାହିର କରିଥିଲେ। ନାଁ କାଟିବାକୁ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚାପ ପକାଉଥିବା ନେଇ ଥାନାରେ ଏତଲା ଦେଇଥିଲେ। ଫର୍ମ-୭ର ଅପବ୍ୟବହାର କରି ୩ ହଜାରରୁ ଅଧିକ ସଂଖ୍ୟାଲଘୁ ଭୋଟରଙ୍କ ନାଁ ବାଦ ଦେବାକୁ ଷଡ଼ଯନ୍ତ୍ର ଅଭିଯୋଗରେ

◆◆ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୁରୀର ମଠାଧୀଶ

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ପୁରୀର ମଠାଧୀଶମାନେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ପୁରୀର ବିଭିନ୍ନ ମଠ ଓ ମନ୍ଦିରର ଉନ୍ନତିକରଣ ଏବଂ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ସମ୍ବିତ ପାତ୍ର , ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ,ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ଃ ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ କମିଛି ବର୍ଷା

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ରାଜ୍ୟରେ କମିଛି ବର୍ଷା। ବଢ଼ିଲା ଦିନ ତାପମାତ୍ରା । ବର୍ତ୍ତମାନ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ଅଧିକ ରହିଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ଏହା ପ୍ରାୟ ୪ ଡିଗ୍ରୀ ଅଧିକ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ଗୋଟିଏ-ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ବଜ୍ରପାତ ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଅନ୍ୟ ଜିଲ୍ଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ସେହିପରି ଆସନ୍ତାକାଲି ପାଇଁ ମଧ୍ୟ ବାଲେଶ୍ୱର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଅନ୍ୟ କିଛି ଜିଲ୍ଲାର ଗୋଟିଏ-ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି।

## ମୁମ୍ବାଇ ପରେ ଦିଲ୍ଲୀ ଜନ୍ତର-ମନ୍ତରରେ ଗର୍ଜନ କରିବ ସିଜେପି: ଜ୍ଞାନେଶ ଇସ୍ତଫା ନଦେବା ଯାଏଁ ଚାଲିବ ଆନ୍ଦୋଳନ

ନୂଆଦିଲ୍ଲୀ,୦୩/୧୦ : ମୁମ୍ବାଇ ପରେ ଏବେ ଦିଲ୍ଲୀ ଜନ୍ତର-ମନ୍ତରରେ ପ୍ରଦର୍ଶନ ପାଇଁ ବଡ଼ ଘୋଷଣା କରିଛି 'କକ୍ରୋଚ୍ ଜନତା ପାର୍ଟି' । ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଛି । କକ୍ରୋଚ୍ ଜନତା ପାର୍ଟି' ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଯଦି ସିଇସି ଇସ୍ତଫା ନ ଦିଅନ୍ତି, ତେବେ ଆସନ୍ତା ଅକ୍ଟୋବର ୧୦ ତାରିଖରେ ସମଗ୍ର ଦେଶରୁ କର୍ମୀମାନେ ଦିଲ୍ଲୀର ଜନ୍ତର-ମନ୍ତରରେ ମାର୍ଚ୍ଚ କରିବେ । ଗାନ୍ଧୀ ଜୟନ୍ତୀ ଅବସରରେ ଦିଲ୍ଲୀ, ମୁମ୍ବାଇ, ଅହମଦାବାଦ, ଲକ୍ଷ୍ନୌ ଏବଂ ପାଟନା ସମେତ ବିଭିନ୍ନ ସ୍ଥାନରେ ଏହି ପ୍ରସଙ୍ଗରେ ବ୍ୟାପକ ପ୍ରଦର୍ଶନ ଦେଖିବାକୁ



ମିଳିଥିଲା । ବିରୋଧୀ ଦଳ ଏବଂ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି । ଗତକାଲି ପ୍ରଦର୍ଶନ ସମୟରେ ଦିଲ୍ଲୀରେ ୭୦୦ରୁ ଅଧିକ ପ୍ରଦର୍ଶନକାରୀଙ୍କୁ ପୋଲିସ ହେପାଜତକୁ ନେଇଥିଲା । ତଥାପି, ଆନ୍ଦୋଳନକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ଗାନ୍ଧୀଜୀଙ୍କ ଅହିଂସା ମାର୍ଗକୁ ଆପଣାଇ ସେମାନଙ୍କର ଏହି ଲଢ଼େଇ ଜାରି ରହିବ । ସିଜେପି ଚେତାବନୀ ଦେଇଛି ଯେ, ଯଦି ପୋଲିସ ସେମାନଙ୍କୁ ଅଟକାଏ, ତେବେ ଯେଉଁଠାରେ ଅଟକାଇବ, ସେହି ସ୍ଥାନ ହିଁ ସେମାନଙ୍କର 'ଜନ୍ତର-ମନ୍ତର' ପାଲଟିବ । ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଏବେ ତୀବ୍ରତର ହେବାରେ ଲାଗିଛି ।

## ଫ୍ଲାଏଦୁବାଇ ବିମାନ ଘଟଣାକୁ ଆତଙ୍କବାଦୀ ଆକ୍ରମଣ କହିଲା ୟୁଏଇ

ନୂଆଦିଲ୍ଲୀ,୦୩/୧୦ : ମଧ୍ୟପ୍ରାଚ୍ୟ ଆକାଶରେ ୩୫ ହଜାର ଫୁଟ ଉଚ୍ଚତାରେ ଭୟଙ୍କର ଆତଙ୍କବାଦୀ ଷଡ଼ଯନ୍ତ୍ର ପଣ୍ଡ ହୋଇଛି । ଦୁବାଇରୁ ଇସ୍ରାଏଲ ଯାଉଥିବା ଫ୍ଲାଏଦୁବାଇ ବିମାନରେ ଘଟିଥିବା ଅଘଟଣକୁ ୟୁଏଇ ପ୍ରଶାସନ ଆତଙ୍କବାଦୀ ଆକ୍ରମଣ ବୋଲି ଘୋଷଣା କରିଛି । କକ୍‌ପିଟ୍‌ରେ ଥିବା ଏମର୍ଜେନ୍ସି ଅସ୍ତ୍ର ଧରି ମୁଖ୍ୟ ପାଇଲଟ୍‌ଙ୍କୁ ହତ୍ୟା ଉଦ୍ୟମ ସହ ବିମାନକୁ ନିଜ କବ୍‌ଜାକୁ ନେବାକୁ ଚେଷ୍ଟା କରୁଥିଲା ଓମାନୀ କୋ-ପାଇଲଟ୍ । କିନ୍ତୁ ରକ୍ତାକ୍ତ ଅବସ୍ଥାରେ ମଧ୍ୟ ହାର୍ ମାନିନଥିଲେ ଭାରତୀୟ କ୍ୟାପ୍ଟେନ୍ ସ୍ମିତ୍ ମଛାର । ମଧ୍ୟପ୍ରାଚ୍ୟ ଆକାଶରେ ଏକ ଭୟଙ୍କର ଆତଙ୍କବାଦୀ ଷଡ଼ଯନ୍ତ୍ରର ଅନ୍ତ ଘଟିଛି । ଦୁବାଇରୁ ଇସ୍ରାଏଲ୍ ଅଭିମୁଖେ ଉଡ଼ାଣ ଭରୁଥିବା ଫ୍ଲାଏଦୁବାଇର ବିମାନ କକ୍‌ପିଟ୍ ଭିତରେ ଘଟିଥିବା ରକ୍ତାକ୍ତ ଆକ୍ରମଣକୁ ସଂଯୁକ୍ତ ଆରବ ଏମିରେଟ୍ସ ଆନୁଷ୍ଠାନିକ ଭାବେ ଏକ ଆତଙ୍କବାଦୀ ଆକ୍ରମଣ ଘୋଷଣା କରିଛି । ବିମାନଟି ୧୭୪ ଜଣ





ଯାତ୍ରୀଙ୍କୁ ଧରି ଉଡୁଥିବା ବେଳେ ଓମାନୀ କୋ-ପାଇଲଟ୍ ହାମାମ ଅଲ୍-ହାମାମି କକ୍‌ପିଟ୍‌ରେ ଥିବା ଏମର୍ଜେନ୍ସି କ୍ରାସ୍ କୁରାଢ଼ୀ ସାହାଯ୍ୟରେ ଭାରତୀୟ କ୍ୟାପ୍ଟେନ୍ ସ୍ମିତ୍ ମଛାରଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲା। କ୍ୟାପ୍ଟେନ୍‌ଙ୍କୁ ହତ୍ୟା କରି ବିମାନର ନିୟନ୍ତ୍ରଣ ଛଡ଼ାଇ ନେବା ତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, କିନ୍ତୁ ଶେଷ ନିଶ୍ୱାସ ଥିବା ଯାଏଁ ହାର୍ ନମାନି କ୍ୟାପ୍ଟେନ୍ ସ୍ମିତ୍ ଏବଂ ସାହସୀ କ୍ରୁ ସଦସ୍ୟମାନେ ସେହି ଆତଙ୍କୀଙ୍କୁ କାବୁ କରି ଏକ ବଡ଼ ବିମାନ ଦୁର୍ଘଟଣାକୁ ଟାଳି ଦେଇଥିଲେ । ୟୁଏଇ ସରକାର ଏହି ଘଟଣାକୁ ଅତ୍ୟନ୍ତ ବିପଜ୍ଜନକ ଆତଙ୍କବାଦୀ କାର୍ଯ୍ୟ ବୋଲି ବର୍ଣ୍ଣନା କରିଛନ୍ତି । କ୍ୟାପ୍ଟେନ୍ ସ୍ମିତ୍‌ଙ୍କ ଅସାଧାରଣ ସାହସ, କର୍ତ୍ତବ୍ୟନିଷ୍ଠା ଓ ଉପସ୍ଥିତ ବୁଦ୍ଧିକୁ ଖୋଲାଖୋଲି ପ୍ରଶଂସା କରିବା ସହ ତାଙ୍କୁ ଜଣେ ପ୍ରକୃତ ହିରୋର ଆଖ୍ୟା ଦେଇଛନ୍ତି । ଗୁରୁତର ଭାବେ ରକ୍ତାକ୍ତ ହୋଇ ମଧ୍ୟ ଭାରତୀୟ କ୍ୟାପ୍ଟେନ୍ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିଲେ, ଯାହା ଆଜି ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତକାଲି ସ୍ମିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେଦିନର ଘଟଣା ବଖାଣିଥିଲେ । ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବା ସହ ଅଭିଯୁକ୍ତ ହାମାମ ଅଲ୍-ହାମାମି ବିଷୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଚରମପନ୍ଥୀ ଚିନ୍ତାଧାରା ପାଇଁ ଓମାନ୍ ଏୟାର୍ ତାକୁ ଉଡ଼ାଣ ଡ୍ୟୁଟିରୁ ନିଲମ୍ବିତ କରି ଅନ୍ୟ ପଦରେ ଥଇଥାନ କରିଥିଲା । ପରେ ସେ ରୟାଲ୍ ଏୟାର୍ ମାରୋକ୍ ଦେଇ ଚଳିତ ବର୍ଷ ଫ୍ଲାଏ ଦୁବାଇରେ ନିଯୁକ୍ତି ପାଇଥିଲା। ଉଗ୍ରବାଦୀ ମାନସିକତା ଥିବା ଜଣେ ବ୍ୟକ୍ତି ସୁରକ୍ଷା ଯାଞ୍ଚର ଫାଙ୍କ ଦେଇ ପୁଣି କିଭଳି କକ୍‌ପିଟ୍‌କୁ ପ୍ରବେଶ କଲା, ତାହା ଏବେ ବିମାନ ନିରାପତ୍ତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଘଟଣା ଦିନ ଅଭିଯୁକ୍ତ ତାର ସୋସିଆଲ୍ ମିଡିଆ ଆକାଉଣ୍ଟରେ ଅଲ୍-କାଏଦା ସଦସ୍ୟଙ୍କ ଫଟୋ ଓ ଭିଡିଓ ସିଡ୍ୟୁଲ୍ ହୋଇ ପୋଷ୍ଟ କରାଯାଇଥିଲା । ଏହି ସମସ୍ତ ପ୍ରମାଣ ସ୍ପଷ୍ଟ କରୁଛି ଯେ ଏହା କୌଣସି ଆକସ୍ମିକ କ୍ରୋଧର ପରିଣାମ ନଥିଲା ବରଂ ଏକ ସୁଚିନ୍ତିତ ଚରମପନ୍ଥୀ ଷଡ଼ଯନ୍ତ୍ର ଥିଲା ।

# ଜନସମ୍ପର୍କ ପଦଯାତ୍ରା ନେଇ ବିଜେଡିର ପ୍ରସ୍ତୁତି ବୈଠକ



ବାରିପଦା, ୦୩/୧୦ (ନି.ପ୍ର): ଜନସମ୍ପର୍କ ପଦଯାତ୍ରା ନେଇ ବାରିପଦାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମୂଖ୍ୟମନ୍ତ୍ରୀ ତଥା ସଭପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨ ତାରିଖ ଅର୍ଥାତ୍ ଗାନ୍ଧୀ ଜୟନ୍ତୀ ଠାରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ନଭେମ୍ବର ୨ ଅର୍ଥାତ୍ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଯାଏଁ ମାସକ ଧରି ଚାଲିବ। ଏ ସମ୍ବନ୍ଧରେ ନେତୃତ୍ୱ ମାନଙ୍କ ଉପସ୍ଥିତିରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଡବଲ ଇଞ୍ଜିନ ସରକାରରେ ଓଡିଶାବାସୀ ଉପେକ୍ଷିତ ହେଉଛନ୍ତି। ଉକ୍ତ ପଦଯାତ୍ରା ସମୟରେ ଡବଲ ଇଞ୍ଜିନ ସରକାରରେ ଜନ ସମସ୍ୟାକୁ ନେଇ ଲୋକଙ୍କ ନିକଟକୁ ଯିବୁ। ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଲୋକ ମାନଙ୍କୁ ଯେଉଁ ପ୍ରତିଶୃତି ଦେଇଥିଲେ। ତାହାକୁ ଗତ ଅଢ଼େଇ ବର୍ଷ ମଧରେ ପୂରଣ କରିଲେ ନାହିଁ। ଚାଷୀ, ଯୁବ, ଛାତ୍ର, ନାରୀ, ଆଦିବାସି, ଦଳିତ, ସଂଖ୍ୟା ଲଘୁ ଆଦି ସମସ୍ତ ବର୍ଗର ଲୋକେ ପ୍ରତାରଣାର ଶିକାର ହୋଇଛନ୍ତି। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଛି। କେନ୍ଦ୍ର ସରକାର ଏମଏମଡିଆର ଆକ୍ଟ ଜରିଆରେ ସଂଘୀୟ ବ୍ୟବସ୍ଥାର ହତ୍ୟା କରି ଓଡ଼ିଶାର ଅର୍ଥନୈତିକ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି।ପୁସ୍ତକ ତ୍ରୁଟି, ଏସଆଇଆର ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ଜଳ ଜଳ ହୋଇ ଦେଖଯାଉଛି। ଧାନ ମଣ୍ଡି, କୃଷି, ଭତ୍ତା, ପେନସନ ଆଦି କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରାଜ୍ୟବାସୀ ପୂର୍ବତନ ମୂଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶାସନ ସମୟର ଓଡ଼ିଶାର ବିକାଶ ଧାରାକୁ ମନେ ପକାଉଛନ୍ତି। ଡବଲ ଇଞ୍ଜିନ ସରକାର ପ୍ରତି ଜନସାଧାରଣ ମାନଙ୍କ ଅନେକ ରୋଷ ରହିଛି। ପ୍ରତିଶୃତି ଗୁଡିକ ପ୍ରତାରଣାରେ ପରିଣତ ହୋଇଛି। ବିଜେପି ସରକାରଙ୍କ ବିଫଳତାକୁ ନେଇ ବିଜେଡି ଜନ ସମ୍ପର୍କ ପଦଯାତ୍ରା ଜରିଆରେ ଲୋକଙ୍କ ନିକଟକୁ ଯିବ। ଜିଲ୍ଲାର ମୁଖ୍ୟାଳୟ ସମେତ ବ୍ଲକ୍, ପୌରପାଳିକା, ଏନ୍ଏସି ସବୁଠି ପଦଯାତ୍ରା ଅନୁଷ୍ଠିତ ହେବ। ଜନ ସାଧାରଣ ମାନଙ୍କ ସମସ୍ୟା ଭିତ୍ତିକ ସ୍ୱରକୁ ଶାଣିତ କରିବା ପାଇଁ ବିଜେଡି ଲଢେଇ ଜାରି ରଖିବ। ଜନ ସମ୍ପର୍କ ପଦଯାତ୍ରାକୁ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଛି। ଉକ୍ତ ପଦଯାତ୍ରାରେ ପଦାଧିକାରୀ, ନେତା, ଶୁଭେଚ୍ଛୁ, ଯୋଗ ଦେବାକୁ ଆହ୍ୱାନ ଦିଆଯାଇଛି। ଉକ୍ତ ବୈଠକରେ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ସଭାପତି ଡ଼ା ଦେବାଶିଷ ମାରାଣ୍ଡି, ସାନନ୍ଦ ମାରାଣ୍ଡି, ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁନ୍ଦର ମୋହନ୍ ସିଂ, ଶ୍ରାବଣୀ ଦାସ, ଅରୁଣ ବରାଡ, ସୁନୀଲ କୁମାର ନାୟକ, ଆଭାସ ଦେ, ଦୀପ୍ତିଲତା ମିଶ୍ର, ପ୍ରଭାତ ନାୟକ, କୃଷ୍ଣ ଦାସ, ରାଜ କିଶୋର ଦାସ, ପ୍ରୀତିନନ୍ଦା କାନୁନଗୋ, ଦୀପକ ମଢୁଆଳ, ସବିତା ବେହେରା, ଅବଦୁଲ ହବିବ, ସରୋଜ ଶତପଥୀ, ଜିତ୍ ପଟ୍ଟନାୟକ, ସମର୍ଜିତ୍ ଗୋସ୍ୱାମୀ, ଗୋବିନ୍ଦ ବେହେରା, ଦିଲ୍ଲୀପ ଘୋଷ, ଶ୍ରବଣ ଗୋପ, ଶେକ୍ ନୁରୁଲ ହସନ, ଶେକ୍ ନିଜାମ୍, ମନୀଷ ବେହେରା, ଅମିତ୍ ବୈଠା, ବିଦୁରାଜ ସୋରେନ, ରାଧେ ଶ୍ୟାମ୍ ହାଁସଦା, ବିଦ୍ୟାଧର ମହାନ୍ତ, ଅଭିଜିତ୍ ଦାସ, ତାପଶି ଜେନା, ରୀନା ରାୟ, ଦ୍ରୌପଦୀ ସାହୁ, ସସ୍ମିତା ନନ୍ଦ, ରଞ୍ଜିତା ମହାପାତ୍ର, ଭାର୍ଗବୀ ବେହେରା, ନମିତ ଚାନ୍ଦ, ସନ୍ଧ୍ୟାରାଣୀ ଦାସ, ସକୁନ୍ତଳା ସେଠୀ, ସୁରଭି ଦାସ, ଜଗନ୍ନାଥ୍ ମହାପାତ୍ର, ଅକ୍ଷୟ ସିଂ, ବିନାୟକ ସାହୁ, ସୁଜଳ୍ ବେହେରା, କାଉନସିଲର ସୁକେଶିନି ସେଠୀ, ଉପ ନଗରପାଳ ସୀମା ଦାସ, ରୀନା ଶର୍ମା, ପ୍ରଭାତୀ ପୃଷ୍ଟି, ମହେଶ ଭଞ୍ଜଦେଓ, ବିବେକାନନ୍ଦ ନାୟକ, ଦିଗ ବିଜୟ ହାଁସଦା, ସୁଧୀର ବାରିକ, ଅନନ୍ତ ଦାସ, ଦେବାଶିଷ୍ ପାତ୍ର, ଭାଗ୍ୟ ଲକ୍ଷ୍ମୀ ନାୟକ, ଶିବ ଶଙ୍କର ପାତ୍ର, ଜିତା ସିଂ, ନିରୋଜ ସାହୁ, ପ୍ରଦୋଷ ଦାସ, ମାଖନ୍ ଲାଲ ମହାନ୍ତ, ସରୋଜ ମହାପାତ୍ର, ସନ୍ତୋଷ ପଟ୍ଟନାୟକ, ଦର୍ପ ନାରାୟଣ ପାଲ, ଗୀତା ବେହେରା, ରତ୍ନାକର ବେହେରା, ସୁଜିତ୍ ମହାନ୍ତି, ଅମର ସେଠୀ, ସରୋଜ ବୋଷ, ନରେନ୍ଦ୍ର ହାଁସଦା, ଦେବୀ ଦତ୍ତ ଦାସ, ଡ଼ା କିଶୋର ପାତ୍ର, ଶୈଳେନ୍ଦ୍ର ପାତ୍ର, ଜ୍ଞାନ ରଞ୍ଜନ ଦାସ, ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ବିଜୟ ଦାସ, ରବୀନ୍ଦ୍ର ଦଣ୍ଡପାଟ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ବରିଷ୍ଠ ଦୌଡାଳି ଉମ୍ବରୁଧର ଚଣ୍ଡଙ୍କୁ ଆମେରିକା ଡାକରା: ଅର୍ଥ ସାଜିଛି ବାଧକ




ନୀଳଗିରୀ, ୦୩/୧୦ (ନି.ପ୍ର): ନୀଳଗିରି କଲେଜର ୧୯୮୮ରୁ ୧୯୯୧ବ୍ୟାଚ ଛାତ୍ର ଉମ୍ବରୁଧର ଚଣ୍ଡଙ୍କ ପ୍ରତିଭାରେ ସମଗ୍ର ରାଜ୍ୟ ସମେତ ଦେଶରେ ଚର୍ଚ୍ଚା। ୫୦+ବର୍ଗ ମାରାଥନରେ ଅଂଶଗ୍ରହଣ କରି ଆଣିଛନ୍ତି ଦେଶପାଇଁ ଗୌରବ।୫୭ବର୍ଷୀୟ ଉମ୍ବରୁଧରଙ୍କୁ ୨୦୨୭ମସିହା ଏପ୍ରିଲ ୧୯ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ବୋଷ୍ଟନ ସହରରେ ଅନୁଷ୍ଠିତ ହେବାକୁଥିବା ୧୩୧ତମ ବୋଷ୍ଟନ ମାରାଥନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଆମନ୍ତ୍ରଣ ଆସିଛି। ବାଲେଶ୍ୱର ସହରର ଅନତି ଦୂରରେ କୁରୁଡ଼ା ନିକଟବର୍ତ୍ତୀ ନୁଟିପାଟଣା ଗ୍ରାମରେ ୧୯୭୦ମସିହା ମେ ୭ତାରିଖରେ ଜନ୍ମିତ ଶ୍ରୀଯୁକ୍ତ ଚଣ୍ଡ ପିଲାବେଳୁ ଦୌଡ଼କୁଦରେ ରୁଚି ରଖିଥିଲେ। ପରବର୍ତ୍ତୀ ସମୟରେ ସ୍କୁଲ, କଲେଜ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣକରି ସଫଳତାର ସହ କୃତିତ୍ୱଅର୍ଜନ କରିଥିଲେ। ତେବେ ଦୌଡରେ ତାଙ୍କର ଦୁର୍ବଳତା ଥିବାରୁ ବ୍ଲକସ୍ତରରୁ ଆରମ୍ଭକରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ସମୟରେ ଅଂଶଗ୍ରହଣକରି ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମକରି ଅନେକଗୁଡ଼ିଏ ମେଡାଲ ହାସଲ କରିଛନ୍ତି। ବିଗତ ଦୁଇବର୍ଷ ମଧ୍ୟରେ ୨୪ଟି ରାଜ୍ୟ ଏବଂ ୫ଟି କେନ୍ଦ୍ରଶାସିତ ଅଞ୍ଚଳରେ ମାରାଥନରେ ଅଂଶଗ୍ରହଣକରି ୧୭ଟି ମଞ୍ଚରୁ (ପୋଡ଼ିଅମ୍) ମେଡାଲ ହାସଲ କରିଛନ୍ତି। ଏଥିସହ ଏକମାତ୍ର ଓଡ଼ିଆ ଭାବେ ଲଦାଖ ମାରାଥନରେ ୨ସ୍ଥାନ ଅଧିକାରକରି ପଦକ ହାସଲକରି ଓଡିଶାପାଇଁ ଗୌରବ ଆଣିଛନ୍ତି। ଗତ ୨୩ତମ ଏସିଆଡ୍ ମାଷ୍ଟର୍ ଚମ୍ପିଆନସିପର ୧୫୦୦ମିଟର ଦୌଡରେ ଦ୍ୱିତୀୟସ୍ଥାନ ଅଧିକାରକରି ରୌପ୍ୟପଦକ ହାସଲ କରିଛନ୍ତି। ଚଳିତ ଅକ୍ଟୋବର ୪ତାରିଖରେ ଦିଲ୍ଲୀଠାରେ ଆୟୋଜିତ ସେଖୋନ୍ ଭାରତୀୟ ଏୟାରଫୋର୍ସ ୨୦୨୬ମାରାଥନରେ ଅଂଶଗ୍ରହଣ କରିବାକୁ ଦିଲ୍ଲୀରେ ଅଛନ୍ତି।ଶ୍ରୀଯୁକ୍ତ ଚଣ୍ଡ ୫୭ବର୍ଷରେ ଏବେବି ଥକିପଡିନଥିବା ବେଳେ ଏବେ ସେ ଆମେରିକାର ବୋଷ୍ଟନ ମାରାଥନରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୨୭ହଜାର ଟଙ୍କାର ରେଜିଷ୍ଟ୍ରେସନ୍ ଫିସ ଦେବାକୁ ପଡିଛି। ତେବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁହେଲେ ଯିବାଆସିବା, ରହିବା ଓ ଖାଇବାପିଇବା ପାଇଁ ପାଖାପାଖି ୩ଲକ୍ଷ ଟଙ୍କାର ଆବଶ୍ୟକତା ଥିବାରୁ ଅର୍ଥ ତାଙ୍କପାଇଁ ବାଧକ ସାଜିଛି। ରାଜ୍ୟ ତଥା କେନ୍ଦ୍ରସରକାର ସାହାଯ୍ୟର ହାତ ବଢ଼ାଇଲେ ତାଙ୍କର ସ୍ୱପ୍ନପୂରଣ ହୋଇପାରନ୍ତା ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି ଶ୍ରୀଯୁକ୍ତ ଚଣ୍ଡ। ରାଜ୍ୟର ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଯୁବ ଓ କ୍ରୀଡ଼ାବ୍ୟାପାର ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସମେତ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ପ୍ରତିଭାଙ୍କୁ ସମ୍ମାନ ଜଣାଇ ଆମେରିକା ଯିବାପାଇଁ ଯଦି ଆର୍ଥିକସାହାଯ୍ୟ କରନ୍ତି ତାହେଲେ ଜଣେ ସିନିଅର ପ୍ରତିଭା ତାଙ୍କର ଶ୍ରେଷ୍ଠ ପ୍ରତିପାଦନ କରିପାରନ୍ତେ ଏବଂ ରାଜ୍ୟ ଓ ଦେଶପାଇଁ ଗୌରବଅର୍ଜନ କରିପାରନ୍ତେ ବୋଲି କ୍ରୀଡ଼ାପ୍ରେମୀ ଆଶାବ୍ୟକ୍ତ କରିଛନ୍ତି।

# ନୟାପଲ୍ଲୀ ଯୁବତୀ ଦୁଷ୍କର୍ମ ଘଟଣା : ପୋଲିସ ଏନକାଉଂଟରରେ ଅଭିଯୁକ୍ତ ଆହତ

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ଭୁବନେଶ୍ୱର ନୟାପଲ୍ଲୀରେ ଯୁବତୀ ଦୁଷ୍କର୍ମ ଘଟଣାରେ ପୋଲିସର ଏନକାଉଂଟରରେ ଅଭିଯୁକ୍ତ ଆହତ ହୋଇଛି। ଖସିଯିବାକୁ ଉଦ୍ୟମ କରି ପୁଲିସ ଉପରକୁ ଗୁଳି ଚଳାଇଥିବା ବେଳେ ପୁଲିସର ପାଲଟା ଗୁଳି କରିଥିଲା। ଏଥିରେ ଅଭିଯୁକ୍ତ ଯୁବକଙ୍କ ଗୋଡ଼ରେ ଗୁଳି ବାଜିଥିବା ସୂଚନା ମିଳିଛି। ଆହତ ଅଭିଯୁକ୍ତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ସୂଚନା ଦେଇ ପୋଲିସ୍ କମିଶନର ଏସ୍ ଦେବଦତ ସିଂ କହିଛନ୍ତି ଯେ ଅଭିଯୁକ୍ତ ଚୋରି ପାଇଁ ଘରେ ପଶି ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା। ଏକ ପିସ୍ତଲ ସଦୃଶ ଲାଇଟର ନେଇ ଅଭିଯୁକ୍ତ ଘରେ ପଶିଥିଲା।

# ବଲିଉଡ ଚଳଚ୍ଚିତ୍ର ଲୋହିତାକ୍ଷର ପୋଷ୍ଟର ଉନ୍ମୋଚନ ଓ ଟିଜର୍ ରିଲିଜ୍



ଭୁବନେଶ୍ୱର, ୦୩/୧୦ (ନି.ପ୍ର): ଗଣ ବିକାଶ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଲୋହିତାକ୍ଷ ଚଳଚ୍ଚିତ୍ର ର ପୋଷ୍ଟର ଉନ୍ମୋଚନ ଓ ଟିଜର ରିଲିଜ୍ ହୋଇଛି । ମର୍ଡର ମିଷ୍ଟ୍ରି ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ ରଚନା, ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଭୂପିନ୍ଦର। ଆଙ୍କରିଂ ରୁ କ୍ୟାରିୟର ଆରମ୍ଭ କରିଥିବା ଭୂପିନ୍ଦର ଆଜି ବଲିଉଡ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଭାବେ ଉଭା ହୋଇଛନ୍ତି । ଅନେକ ହିଟ୍ ମ୍ୟୁଜିକ୍ ଭିଡିଓ ଓ ଚଳଚ୍ଚିତ୍ରର ନାୟକ ଭୂପିନ୍ଦର ଶୁଭ ବିବାହ, ଜଗୁ ଅଟୋ୍ୱାଲା ଭଳି ଅନେକ ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା ପରେ ଏବେ ପ୍ରଥମଥର ପାଇଁ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି । ତାଙ୍କ କ୍ୟାରିୟରର ପ୍ରଥମ ନିର୍ଦ୍ଦେଶିତ ଚଳଚ୍ଚିତ୍ରରେ ବଲିଉଡର ବହୁତ ବଡ଼ ବଡ଼ ଆର୍ଟିଷ୍ଟମାନଙ୍କୁ ନେଇ ଏକ ବଲିଉଡ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି । ବଲିଉଡ ଇଣ୍ଡଷ୍ଟ୍ରିର ଜଣେ ମହାନ କଳାକାର ପୁନିତ ଇଶାରଙ୍କ ସୁପୁତ୍ର ସିଦ୍ଧାନ୍ତଙ୍କୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଏଣ୍ଟ୍ରି ଦେଇଛନ୍ତି । ତାଙ୍କ ସହିତ ବଲିଉଡ ଅଭିନେତ୍ରୀ ଅପସରା, ବଲିଉଡ କଳାକାର କମଲେଶ ସାୱନ୍ତ, ସୁକୁମାର ଟୁଡୁ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ସେମାନଙ୍କ ବ୍ୟତୀତ ଓଲିଉଡ଼ରୁ ବବି ମିଶ୍ର, ଭୂପିନ୍ଦର, ଗୌରବ ମହାନ୍ତି, ଦିପେଶ, ଜୀବନ ପଣ୍ଡା, ମୋହନ ମାଜିଠିଆ, ସୁଶାନ୍ତ ଦାସ ମହାପାତ୍ର, ଦୀପାଳି, ଶ୍ରୁତି, ସୁମନ ମହାରଣା ପ୍ରମୁଖ ଅଭିନୟ କରିଛନ୍ତି । ଲୋହିତାକ୍ଷ ଚଳଚ୍ଚିତ୍ରର କାହାଣୀ ଦୀପାଳି ଦେବସ୍ମିତା ଦାଶ ଲେଖିଛନ୍ତି ଏବଂ ଚିତ୍ରନାଟ୍ୟ, ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ଭୂପିନ୍ଦର । ସଂଳାପ ରଚନା କରିଛନ୍ତି ନିଶାନ୍ତ ମାଜିଠିଆ । ଏହି ଚଳଚ୍ଚିତ୍ରର ଚିତ୍ରତ୍ତୋଳନ କରିଛନ୍ତି ସାରଦା କୃଷ୍ଣ ସାହୁ ଏବଂ ସମ୍ପାଦନା ମାନସ କୁମାର ସାହୁ । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସ୍ୱର୍ଗତ ଅଭିଜିତ ମଜୁମଦାର । ପ୍ରଥମଥର ପାଇଁ ଲୋହିତାକ୍ଷର ଥିମ୍ ଗୀତ କମ୍ପୋଜ କରିଛନ୍ତି ଅଭିଜିତ ତ୍ରିପାଠୀ । ତାଙ୍କ ସହିତ ନବ୍ୱ ଏବଂ ସରୋଜ ମଧ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ସଞ୍ଜୟ ମହାକୁଡ଼ କାର୍ଯ୍ୟକାରୀ ଭାବେ କାର୍ଯ୍ୟ କରିଛନ୍ତି । ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ରହିଛନ୍ତି । କାହାଣୀ କଟକ ମାଟିର ହୋଇଥିବା ବେଳେ ଫିଲ୍ମର ସମସ୍ତ ଦୃଶ୍ୟ ଓଡିଶାରେ ସୁଟିଂ ହୋଇଛି । ଏହି ଫିଲ୍ମ ମାଧ୍ୟମରେ ଅନେକ ସାମାଜିକ ବାର୍ତ୍ତା ରହିଛି। ଓଡିଆ ଇଣ୍ଡଷ୍ଟ୍ରିରୁ କ୍ୟାରିୟର ଗଢ଼ିଥିବା ଭୂପିନ୍ଦର, ପ୍ରଥମ ନିର୍ଦ୍ଦେଶନା ଏକ ବଲିଉଡ ସିନେମାରୁ ଆରମ୍ଭ କରିଛନ୍ତି । ତେବେ ପ୍ରଭୁ ଜଗନ୍ନାଥ ଏବଂ ସ୍ୱର୍ଗତ ବାପା ମାଆଙ୍କର ଆଶୀର୍ବାଦରୁ ଓଲିଉଡ଼ରୁ ବଲିଉଡକୁ ପହଞ୍ଚିଥିବା ଗଣମାଧ୍ୟମ ଆଗରେ ଭୂପିନ୍ଦର ପ୍ରକାଶ କରିଛନ୍ତି । ଏବେ ବଲିଉଡ ଦେଖିବ ଓଲିଉଡ଼ର କାହାଣୀ । ଦୀର୍ଘ ବର୍ଷର ବ୍ୟବଧାନ ପରେ ଓଲିଉଡ଼ର ଜଣେ କଳାକାର ବଲିଉଡ ସିନେମା ତିଆରି କରି ଓଡ଼ିଆ ଦର୍ଶକଙ୍କୁ ଦେଖିବାକୁ ସୁଯୋଗ ଆଣିଛନ୍ତି । ସବୁଠୁ ବଡ଼ କଥା ହେଲା ଅନେକ ଓଡ଼ିଆଙ୍କୁ ବଲିଉଡରେ ପହଞ୍ଚାଇବା ପାଇଁ ସେ ଏକ ବଡ଼ ପ୍ରୟାସ କରିଛନ୍ତି । ତେବେ ଭୂପିନ୍ଦର ଙ୍କର ଏହି ପ୍ରୟାସକୁ ସର୍ବଭାରତୀୟ ସ୍ତରରେ ସମସ୍ତେ ଢେର ଭଲ ପାଇବା ଦେବେ ବୋଲି ଭୂପିନ୍ଦର ଆଶାବାଦୀ ଅଛନ୍ତି । ଭୂପିନ୍ଦର ଙ୍କର ଏହି ବଡ଼ ପ୍ରୟାସ ପାଇଁ ଓଲିଉଡ୍ ଇଣ୍ଡଷ୍ଟ୍ରିରୁ ଶୁଭେଚ୍ଛାର ସୁଅ ମଧ ଛୁଟୁଛି ।

# ଅକ୍ଟୋବର ୮ ଓଡିଶା ବଂନ୍ଦ ପାଇଁ ଇଣ୍ଡିଆ ମେଣ୍ଟ ପକ୍ଷରୁ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, ୦୩/୧୦ (ନି.ପ୍ର): ଗଣତନ୍ତ୍ର ବିରୋଧୀ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଙ୍କୁ ବରଖାସ୍ତ କରି ଗିରଫ କରିବା, ଏସ୍ଆଇଆର୍ ପ୍ରକ୍ରିୟା ବାତିଲ କରିବା, ଇଭିଏମ ହଟାଇ ବାଲାଟ ପେପର ରେ ଭୋଟ କରାଇବା, ଏମ୍ ଏମ୍ ଡି ଆର ସଂଶୋଧନ ଆଇନ-୨୦୨୬ ବାତିଲ କରିବା, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଭଦ୍ରକ ଜିଲ୍ଲାରେ ବନ୍ୟାଜନିତ ମୃତ୍ୟୁବରଣ କରିଥିବା ପରିବାର ଓ କ୍ଷତିଗ୍ରସ୍ତ ଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଆସନ୍ତା ଅକ୍ଟୋବର ୮ ତାରିଖ ସକାଳ ୬ଘଟିକା ଠାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଓଡିଶା ବଂନ୍ଦ ରହିବ । ଅତ୍ୟାବଶ୍ୟକ ସେବା କ୍ଷେତ୍ର ଦମକଳ, ଆମ୍ବୁଲାନ୍ସ, କ୍ଷୀର ଗାଡି, ପିଇବା ପାଣି ଟ୍ୟାଙ୍କ ରୁ କୁ ଛାଡିବା ପରେ ଓଡିଶା ମାଟିରେ ଟ୍ରେନ୍, ବସ୍, ଟ୍ରକ୍, ବିଭିନ୍ନ ପ୍ରକାର ଗାଡି ମଟର , ସମସ୍ତ କଳକାରଖାନା, ସମସ୍ତ ବ୍ୟାଙ୍କ, ଡାକ ତାର ସେବା,ସମସ୍ତ ଫେରିଘାଟ, ସମସ୍ତ ବୋଟ, ସମସ୍ତ ବନ୍ଦର, ସମସ୍ତ ଖଣି ଖାଦାନ, ସମସ୍ତ ଶିକ୍ଷାନୁଷ୍ଠାନ, ସମସ୍ତ ସରକାରୀ ଅଫିସ ଦପ୍ତର, ସମସ୍ତ ନ୍ୟାୟାଳୟ ବଂନ୍ଦ ରହିବ । ଏହି ବଂନ୍ଦକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ଇଣ୍ଡିଆ ମେଣ୍ଟ ପକ୍ଷରୁ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜାତୀୟ କଂଗ୍ରେସ ଭଦ୍ରକ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ସିପିଆଇ(ଏମ) ନେତା ଚନ୍ଦ୍ରଶେଖର ନାୟକ, ବରିଷ୍ଠ ସିପିଆଇ ନେତା ରମେଶ ଜେନା, ସିପିଆଇ ର ଯୁବ ନେତା ଦିଲିପ ନାୟକ, ସିପିଆଇଏମଏଲ( ଲିବରେସନ) ଜିଲ୍ଲା ସଂପାଦକ ସମର ବଳ, କଂଗ୍ରେସ ନେତା ପିତବାସ ଧଳ, ଜିଲ୍ଲା କଂଗ୍ରେସ ଉପସଭାପତି ରମେଶ ଚନ୍ଦ୍ର ନାୟକ, ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ଯୁବନେତା ବିଜୟ ବାରିକ୍, ସରୋଜ ରାଉଳ, ମହିଳା ନେତ୍ରୀ ଶର୍ମିଷ୍ଠା ପଣ୍ଡା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଶାସନ ବ୍ୟବସ୍ଥା ଓ ବିପନ୍ନ ଗଣତନ୍ତ୍ରର ସୁଧାର ପାଇଁ ଜିଲ୍ଲା ବାସୀ ଲଢେଇ କରିବାକୁ ଆହ୍ୱାନ ଦେବା ସହ ଅକ୍ଟୋବର, ୮ ଓଡିଶା ବଂନ୍ଦ କୁ ସଫଳ କରିବା ପାଇଁ ନିବେଦନ କରିଥିଲେ ।


## AFFIDAVIT

I am deponent and well acquainted with the facts ofthis affidavit that my wwife namely Subhashri andia"s neme has been erroneously mentioned in my service records as Subhashri Pradhan instead of Subhashri Andia. Actually my wife"s name is Subhashri Pradhan.my wife:s name is mentioned in her Aadhaar card and voter identity card as Subhashri pradhan this affidavit is required to produce before tht concerned army authorities for change the name of my wife in my service records as subhashri pradhan. This affidavit is required to produce before the concerned Army Authorities for change the name of my wife in my service Records as Subhashri Pradhan.

I take oath and solemnly declare/ afire that the particulars furnished by me above are correct to the best of my knowledge and belief. Solemnly affirmed and signed before me on this 03rd day of October .2026 at tahasildar ,Baliapal.

I army Number 18010356W rank :NK (E/M)Name :Benudhar Pradhan,S/O:- Sanyashi Pradhan,aged 33 years,Resident of : At:- Malikuda,P.O :- Ghantua,Via :- Singla,P.S.:-Baliapal,District:-Baleswar in the State of Odisha,PIN:- 756023, do hereby solemnly affirmed and oath as follows:-

**Benudhar Pradhan**

## AFFIDAVIT

I Shakuntala Das @ Jena, W/o Harihar Jena, Vill. Darada, P.O. Darada, Dist. Balasore hereby declared that before my marriage my name was Shakuntala Das and in all my educational documents it was mentioned as Shakuntala Das. After my marriage to Hairhar Jena my name in the Aadhar Card No.429517153066 is mentioned as Shakuntala Jena. In virtue of the affidavit in the Court of Executive Magistrate, Basta I hereby declared that Shakuntala Jena and Shakuntala Das is same and one person in our locality. The affidavit sworned before Executive Magistrate, Basta is to be submitted before competent authority in order to declaration of my above two names for all purposes by the virtue of the affidavit.

Sd-
**Shakuntala Das@Jena**


# ସ୍ରଷ୍ଟା ଦ୍ୱାରା ମଞ୍ଚସ୍ଥ ହେଲା ପୀତାମ୍ବର ଦାସଙ୍କ ନାଟକ 'ବିଶ୍ୱାସ'



ବାଲେଶ୍ୱର, ୦୩/୧୦ (ନି.ପ୍ର): ସ୍ରଷ୍ଟା ନାଟ୍ୟ ଅନୁଷ୍ଠାନ ଦ୍ୱାରା ଦୁଇ ଦିନିଆ ନାଟକ ଉତ୍ସବ ଅବକାଶରେ ପ୍ରଥମ ଦିନରେ ସ୍ରଷ୍ଟା ର କଳାକାର ଙ୍କ ଦ୍ୱାରା ପୀତାମ୍ବର ଦାସ ଙ୍କ ରଚିତ ନାଟକ 'ବିଶ୍ୱାସ' ମାକଲ୍ ପୁର୍, ବାଲେଶ୍ୱର ସ୍ଥିତ ନାଟ୍ୟ ଅନୁଷ୍ଠାନ ରେ ମଞ୍ଚସ୍ଥ ହୋଇ ଯାଇଛି। ସ୍ରଷ୍ଟାର ସଭାପତି ଶ୍ରୀଯୁକ୍ତ ଆଲୋକ ସାହୁଙ୍କ ଅଧ୍ୟକ୍ଷତାରେ, ସମ୍ପାଦକ ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଉପସଭାପତି ପ୍ରସନ୍ନ କୁମାର ଦାସଙ୍କ ଉପସ୍ଥିତିରେ ସଭାକୁ ଉଦ୍ଘାଟ ନ କରିଥିଲେ ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା ସୁସାହିତ୍ୟିକ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ। ସେମାନେ ନାଟକର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା ରଖି, ନାଟକ କିପରି ସାମାଜିକ ପ୍ରତିଫଳ ନର ବାର୍ତ୍ତା ବହନ କରି ସମାଜକୁ ସଚେତନ କରାଇ ସୁଗମ ଦିଗ ଅନୁସରଣ କରିବାକୁ ଚେଷ୍ଟା ରେ ସାହାଯ୍ୟ କରେ ଆଦି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। 'ଏକ ପରିବାର କିପରି ଧର୍ମ ପରାୟଣତାକୁ ପବିତ୍ର ସ୍ଥାନ ଦେଇ ସୁକର୍ମ, ପରୋପକାର , ସେବା କରୁଥିଲେ ମଧ ଜୀବନରେ ସଫଳତା ପାଇ ପାରୁ ନଥିଲେ। ଦିନେ ଏକ ଦୈବୀ କୃପାରୁ ଏକ ସାଧୁଙ୍କର ହଠାତ୍ ପ୍ରବେଶ ସମସ୍ତଙ୍କୁ ଚକିତ କରି ଦେଇଥିଲା। ସାଧୁ ବାବା ପରିବାରର ଅତୀତ, ବର୍ତ୍ତମାନ, ଭବିଷ୍ୟତ କଥା କହି , ପରିବାରର ଶିକ୍ଷିତ ଯୁବକ କୁ ଏକ ଲୁହା ତିଆରି ମୁଦି ପ୍ରଦାନ କରି ବାମ ହାତ ଫାଶୀ ଆଙ୍ଗୁଳିରେ ସର୍ବଦା ପିନ୍ଧି ବାକୁ ପରାମର୍ଶ ଦେଇଥିଲେ ।କହିଥିଲେ ଏଥର ପରିବାର ସବୁ ସମସ୍ୟାର ସମାଧାନ ହୋଇ ପିଲାଟି ଜୀବନରେ ସଫଳତା ହାସଲ କରିବ ।କିନ୍ତୁ ମୁଦିଟି ହଜିଗଲେ ବିପଦ ମାଡି ଆସିବ ।ସାଧୁ ବାବାଙ୍କର ପ୍ରସ୍ଥାନ ପରେ ମୁଦି ଟି ପିନ୍ଧି ବାରୁ ସତକୁ ସତ ସବୁ ସମସ୍ୟାର ସମାଧାନ ହେବା ସହିତ ପରିବାରରେ ସର୍ବଦା ସୁଖ, ଶାନ୍ତି ବିରାଜମାନ କରୁଥିଲା ।ମାତ୍ର କିଛି ବର୍ଷ ପରେ ସେ ମୁଦିଟି ହଜିଯିବାରୁ ପରିବାରକୁ ପୁଣି ବିପଦ ମାଡି ଆସିଲା ସମସ୍ତେ ଦୁଃଖରେ ଭାଙ୍ଗିପଡି ସାଧୁ ବାବାଙ୍କୁ ସ୍ମରଣ କରନ୍ତେ ବାବା ପୁନ ଆବିର୍ଭାବ ହେବାରୁ ସେଇ ମୁଦି ଟି ସେଇ ଘରୁ ମିଳିଯାଇଥିଲା ଓ ସାଧୁ ପୁଣି ଥରେ ସେଇ ବ୍ୟକ୍ତିଙ୍କ ଆଙ୍ଗୁଳିରେ ପିନ୍ଧାଇ ଦେବାରୁ ସବୁ ସମସ୍ୟାର ସମାଧାନ ହୋଇ ଯାଇ ସୁଖ,ଶାନ୍ତି ଫେରି ଆସିଲା। ପରିବାରର ସତକର୍ମ, ସେବା, ପରୋପକାର ଆଧ୍ୟାତ୍ମିକ ଚେତନା ଓ ସର୍ବୋପରି ସାଧୁଙ୍କର ମୁଦି ପ୍ରଦାନ ସବୁ ସୁଖ, ଶାନ୍ତିର କାରଣ ବୋଲି ସମସ୍ତଙ୍କର ଏକ ଅଗାଧ ବିଶ୍ୱାସ ବୋଲି ଧାରଣା ଆସିଲା 'ଏହାହିଁ ଥିଲା ନାଟକର ବିଷୟ ବସ୍ତୁ। ନାଟକ ଟିକୁ ପୀତାମ୍ବର ଦାସ ରଚନା କରିଥିବା ବେଳେ, ନିର୍ଦ୍ଦେଶନା ଦେଇଥିଲେ ଗିରିଜା ଶଙ୍କର କର। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବାପି ।ମଞ୍ଚ ପରି ଚାଳନା କରିଥିଲେ ଶ୍ରୀଯୁକ୍ତ ରଶ୍ମି ରଞ୍ଜନ ଦାସ ।ମଞ୍ଚ ସଜା ରେ ଥିଲେ ସନ୍ତୋଷ କମିଳା। ସ୍ରଷ୍ଟାର କଳାକାର ଶ୍ରୀଯୁକ୍ତ ମଦନ ମୋହନ ସାହୁ,ରତିକାନ୍ତ ମଲ୍ଲିକ, ଶ୍ୟାମରାଇ କର,ଗିରିଜା ଶଙ୍କର କର,ପ୍ରଦୀପ ଶତପଥୀ ଓ ପୁଷ୍ପିତା ପାଢ଼ୀ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ। ସ୍ରଷ୍ଟାର ସବୁ ସଦସ୍ୟ,ସଦସ୍ୟା ନାଟକର ସଫଳ ରୂପାୟନ ରେ ସାହାଯ୍ୟ କରିଥିଲେ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ




ରୂପସା , ୦୩/୧୦ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ରେ ଆୟୁଷ୍ମାନ୍ ସାଇ ସ୍ୱରୂପ ପରିବାରଙ୍କର ୧୦ମ ଏବଂ ଦିବ୍ୟାଶୁ ଗିରିଙ୍କର ୫ମ ଶୁଭ ଜନ୍ମଦିନ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀଙ୍କ ସଭାପତିତ୍ୱରେ, ମହା ସମାରୋହରେ ପାଳିତ ହୋଇଯାଇଛି ।ମଞ୍ଚାସୀନ ଥିଲେ, ଆଶ୍ରମର ପୂର୍ବତନ କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ,ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ।ଉପସ୍ଥିତ ଥିଲେ, ମୁନି ରାଜ ଗୋରହରି ବାରିକ,ମୁନି ଜଗଦୀଶ ପରିଡା, ମୁନିରାଜ୍ଞୀ ବିମଳା ଲେଙ୍କା, ବାସନ୍ତୀ ମହାଲିକ, ମୁନିମତୀ ସରସ୍ୱତୀ ନନ୍ଦ,ନିନ ସାହୁ,ଜାହ୍ନବୀ ଗିରି,କୁନୀମାଝି,ମୁନି ଯୋଗେନ୍ଦ୍ର ବେହେରା ପ୍ରମୁଖ ବହୁ ମୁନି ମୁନିମତୀ ମାନେ ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ,ସାଇ ସ୍ୱରୂପ ଏବଂ ଦିବ୍ୟାଶୁଙ୍କୁ ,ତାଙ୍କ ଶୁଭ ଜନ୍ମଦିନ ରେ,ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଶେଷ ରେ ମୁନିମତୀ ଜାହ୍ନବୀ ଗିରି ଏବଂ ସାଇ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।



## ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୪୬ ରାଜା ପସେନାଦି କୋଶଳ ବୁଦ୍ଧଙ୍କ ଜଣେ ବିଶ୍ୱସ୍ତ ସମର୍ଥକ (ଭାଗ ୧)

ରାଜା ପସେନାଦି କୋଶଳ ମଗଧର ଉତ୍ତର ଭାଗରେ ଅବସ୍ଥିତ କୋଶଳର ରାଜା ଥିଲେ, ଯାହା ରାଜା ବିମ୍ବିସାରଙ୍କ ଦ୍ୱାରା ଶାସିତ ହେଉଥିଲା। କୋଶଳ ରାଜ୍ୟର ରାଜଧାନୀ ଥିଲା ଶ୍ରୀବସ୍ତି। ତାଙ୍କର ଜଣେ ଭଉଣୀ ରାଜା ବିମ୍ବିସାରଙ୍କ ମୁଖ୍ୟ ରାଣୀ ଥିଲେ। ତେଣୁ ସେ ଥିଲେ ରାଜା ବିମ୍ବିସାରଙ୍କ ଶାଳକ।

ରାଜା ପସେନାଦି କୋଶଳ ବୁଦ୍ଧଙ୍କ ଉପଦେଶର ପ୍ରାରମ୍ଭିକ ପର୍ଯ୍ୟାୟରେ ବୁଦ୍ଧଙ୍କ ଅନୁଗାମୀ ହୋଇଯାଇଥିଲେ ଏବଂ ସେବେଠାରୁ ତାଙ୍କର ବିଶ୍ୱସ୍ତ ସମର୍ଥକ ରହି ଆସିଥିଲେ। ତାଙ୍କର ମୁଖ୍ୟ ରାଣୀ ମଲ୍ଲିକା ଥିଲେ ଜଣେ ଜ୍ଞାନୀ ଏବଂ ଧାର୍ମିକ ରାଣୀ ଯିଏ ଧର୍ମକୁ ଭଲଭାବରେ ବୁଝିଥିଲେ ଏବଂ ଅନେକ ସମୟରେ ତାଙ୍କର ଧାର୍ମିକ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରିଥିଲେ।

ରାଜା ଯେତେବେଳେ ପ୍ରଥମ ଥର ବୁଦ୍ଧଙ୍କୁ ଭେଟିଲେ, ପଚାରିଲେ, "ଗୁରୁ ଗୌତମ କିପରି ଦାବି କରୁଛନ୍ତି ଯେ ସେ ପୂର୍ଣ୍ଣ ଜ୍ଞାନ ଲାଭ କରିଛନ୍ତି? ଗୁରୁ ଗୌତମ ବୟସରେ ଯୁବକ ଏବଂ ଭିକ୍ଷୁ ଭାବରେ ଯୁବକ।"

ବୁଦ୍ଧ ଉତ୍ତର ଦେଲେ, "ମହାରାଜ, ଚାରୋଟି ଏପରି ଜିନିଷ ଅଛି ଯାହା ଯୁବାବସ୍ଥା ଥିଲେ ମଧ୍ୟ ତୁଚ୍ଛ ମନେ କରାଯିବା ଉଚିତ ନୁହେଁ। ସେମାନେ ହେଉଛନ୍ତି ଏକ ମହାନ ଯୋଦ୍ଧା, ଏକ ସର୍ପ, ଏକ ଅଗ୍ନି ଏବଂ ଏକ ଭିକ୍ଷୁ (ପବିତ୍ର ପୁରୁଷ)। ଜଣେ କ୍ରୋଧିତ ଯୁବ ଯୋଦ୍ଧା ନିର୍ଦ୍ଦୟତାପୂର୍ବକ ଅନ୍ୟମାନଙ୍କର କ୍ଷତି ପହଞ୍ଚାଇପାରେ। ଏକ ଛୋଟ ସାପର ଦଂଶନରେ ମଧ୍ୟ ମୃତ୍ୟୁ ହୋଇପାରେ। ଏକ ଛୋଟ ନିଆଁ ମଧ୍ୟ ଭୟଙ୍କର ରୂପ ନେଇ ଅଟ୍ଟାଳିକା ଓ ଅରଣ୍ୟକୁ ଧ୍ୱଂସ କରିଦେଇପାରେ। ଜଣେ ଯୁବଭିକ୍ଷୁ ମଧ୍ୟ ସନ୍ଥ ହୋଇପାରେ।"

ଏହା ଶୁଣି ରାଜା ପସେନାଦି କୋଶଳ ବୁଝିପାରିଲେ ଯେ ବୁଦ୍ଧ ବାସ୍ତବରେ ଜଣେ ଜ୍ଞାନୀ ଗୁରୁ ଥିଲେ ଏବଂ ସେ ବୁଦ୍ଧଙ୍କର ଅନୁଗାମୀ ହେବାକୁ ନିଷ୍ପତ୍ତି ନେଲେ।

ରାଜା ପସେନାଦି ପରାମର୍ଶ ପାଇଁ ବୁଦ୍ଧ ନିକଟକୁ ଯିବା ପାଇଁ ପସନ୍ଦ କରୁଥିଲେ। ତାଙ୍କର ସରକାରୀ କାର୍ଯ୍ୟ ସମୟରେ ମଧ୍ୟ ସେ ବୁଦ୍ଧଙ୍କ ସହ କଥା ହେବା ପାଇଁ ସମୟ ବାହାର କରୁଥିଲେ। ଦିନେ ବୁଦ୍ଧଙ୍କ ସହ କଥା ହେବା ସମୟରେ, ସେ ଖବର ପାଇଲେ ଯେ ତାଙ୍କ ପତ୍ନୀ, ରାଣୀ ମଲ୍ଲିକା ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ରାଜା ଏହି ଖବରରେ ଖୁସି ନ ଥିଲେ କାରଣ ସେ ଏକ ପୁତ୍ର ଚାହୁଁଥିଲେ।

ଅନ୍ୟ ସମସ୍ତ ଧାର୍ମିକ ଗୁରୁଙ୍କ ପରି ବୁଦ୍ଧ ମହିଳାଙ୍କ ବିଷୟରେ ଅନୁକୂଳ କଥା କହିଥିଲେ। ସେ କହିଥିଲେ, "ହେ ମହାରାଜ, କିଛି ମହିଳା ପୁରୁଷମାନଙ୍କ ଅପେକ୍ଷା ଭଲ। ଏପରି ମହିଳା ଅଛନ୍ତି ଯେଉଁମାନେ ଜ୍ଞାନୀ, ଗୁଣବାନ, ଯେଉଁମାନେ ନିଜ ଶାଶୂଙ୍କୁ ଦେବୀ ପରି ମାନନ୍ତି ଏବଂ ସେମାନେ ବଚନ, ବିଚାର ଏବଂ କାର୍ଯ୍ୟରେ ପବିତ୍ର। ସେମାନେ ଦିନେ ଏପରି ସାହସୀ ପୁତ୍ରମାନଙ୍କୁ ଜନ୍ମ ଦେବେ ଯେଉଁମାନେ କୌଣସି ଦେଶକୁ ଶାସନ କରିବେ।"

ଏକଦା ରାଜା ଶୁଣିବାକୁ ପାଇଲେ ଯେ ବୁଦ୍ଧ କହିଥିଲେ, "ଯେଉଁ ପ୍ରିୟଜନଙ୍କୁ ଆମେ ପ୍ରେମ କରିଥାଉ, ସେମାନେ ଆମ ପାଇଁ ଦୁଃଖ, ବିଳାପ, ପୀଡ଼ା, ଶୋକ ଓ ନିରାଶା ଆଣିଥାନ୍ତି।" ରାଜା ରାଣୀ ମଲ୍ଲିକାଙ୍କୁ ପଚାରିଲେ ଯେ ସେ ବୁଦ୍ଧଙ୍କ ଏହି କଥାରେ ସହମତ କି? ସେ କହିଲେ ଯେ ଯଦି ବୁଦ୍ଧ ଏପରି କହିଛନ୍ତି ତେବେ ଏହା ନିଶ୍ଚୟ ସତ୍ୟ ହେବ। କିନ୍ତୁ ରାଜା ସନ୍ତୁଷ୍ଟ ହେଲେନାହିଁ। "ପ୍ରିୟ ବ୍ୟକ୍ତି କିପରି ଦୁଃଖ ଆଣିପାରିବେ?" - ରାଜା ଆଶ୍ଚର୍ଯ୍ୟ ହେଲେ।

ରାଣୀ ମଲ୍ଲିକା ଜଣେ ବ୍ରାହ୍ମଣଙ୍କ ନିକଟକୁ ଯାଇ ବୁଦ୍ଧଙ୍କ ଏହି କଥନର ସ୍ପଷ୍ଟୀକରଣ ମାଗିଲେ। ବ୍ରାହ୍ମଣ ରାଣୀଙ୍କୁ ଅନେକ କାହାଣୀ କହିଲେ। ତା'ପରେ ସେ ରାଜାଙ୍କୁ ପଚାରିଲେ, "ମହାରାଜ, ଆପଣଙ୍କର ମତ କ'ଣ, ଆପଣଙ୍କ ଝିଅ ରାଜକୁମାରୀ ଭଜିରା, ଆପଣଙ୍କ ପ୍ରିୟ କି?"

"ହଁ, ମଲ୍ଲିକା, ସେ ମୋର ବହୁତ ପ୍ରିୟ," ରାଜା କହିଲେ। (କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମିନିଗଳ୍ପ-୨୪

### ମାମଲା (ଭ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ଜେଜ' ଯାହା ନାଁ ମୁରବୀ। ଖାଲି ଘର ନୁହେଁ ଖଣ୍ଡମଣ୍ଡଳରେ ନାଁ' ଡାକ୍। ଲମ୍ବ ରାଡୁଆ ଶାମଳ ଚେହେରା। କରିଥିଲେ ମାଷ୍ଟର ବୃତ୍ତି। ଜାତିରେ କରଣ। କଳିକଜିଆ ତୁଟିବାକୁ ଯେମିତି ଆଁ' କରି ରହିଥାଏ ସେ ଆସିବାକୁ। ଗାଁ' ଇସ୍କୁଲର ସଭାପତି ସେ। ସବୁ ମାଷ୍ଟରଙ୍କ ଠିପି ତାଙ୍କ ଜେରାରେ ବୋରାବୋରି ଟାଇଟ। ବୋହୂମାନେ ତୁଣ୍ଡି ବାନ୍ଧି ରହିଥାନ୍ତି। ପୁଅମାନେ ଆଗକୁ ଯାଆନ୍ତିନି। ବଡ଼ପୁଅ ଭାରି ନରମା। ମାସ ପୂରୁଣୁ ଦରମାଗଣ୍ଡାକ ଆଗ ବଢେଇ ଦବ ବାପ ହାତକୁ। ଠକଠକ ଥରୁଥବ, ବାପାଙ୍କ ନାଲିଆଖିକୁ ଦେଖି। ବଡବୋହୂ ଲକ୍ଷ୍ମୀ ଠାକୁରାଣୀ। କେଡେ ମାର୍ଜିତ ଆଦବ କାଇଦା। ସେକାଳର ମାଟ୍ରିକ ସେକେଣ୍ଡ ଡିଭିଜନ। ଅକ୍ଷର ଗୋଲଗୋଲ ବାଇଗଣ ମଞ୍ଜି। ଅନ୍ୟ ଯାଆମାନଙ୍କ ପଘାକୁ ଯଥାରୀତି ଟାଙ୍କି ରଖିଥାଏ ସେ। କେତେବେଳେ ନରମ ତ କେତେବେଳେ ହାଲକା ଗରମ। ବଡ଼ପୁଅ ହୃଦଘାତରେ ଅକାଳରେ ଆଖି ବୁଜିଲେ। ବଡବୋହୂ ଭୀଷଣ ଭାଙ୍ଗିପଡିଲେ। ତାଙ୍କର ତିନିପୁଅ ଭିତରୁ ପହିଲି ପୁଅକୁ ବଡ଼ନାତି ହିସାବରେ ଜେଜ ଭାରି ଆଦର କରୁଥିଲେ। ମା' ଅମ୍ବିକାଙ୍କ କୃପାରୁ ତାଙ୍କ ନାଁ' ହେଲା ଅମ୍ବିକାପ୍ରସାଦ। ବୁଢା ଶରଧାରେ ଡାକିଲେ ଷଣ୍ଢ।

ଜଗତ୍ର ଜାଣିଲା ବିଷ୍ଣୁ ମହାନ୍ତି ଷଣ୍ଢ।

ଷଣ୍ଢ ଭଲ ପଢେ। ହୁରୁମାପଣ ବି ବାହାରିଲା ଧିକେଧିକେ। ବୁଢା ଆଖି ଦେଖେଇଲେ ବି ଡରିଲାନି। ଭଲରେ ମାଟ୍ରିକ ପାଶ କଲା। ହେଲେ କଲେଜ ମାଟି ମାଡୁମାଡୁ ଗାଁ'ର ଆଉ ବାଲୁଙ୍ଗାଙ୍କ ସହ ମିଶି ଉଚ୍ଛନ୍ନ କଲା। ଆକୁ ମାର୍, ତାକୁ ପିଟ୍। ବଡ଼ବୋହୂ ଆଖିରୁ ଲୁହ ଝାରିଲେ।

ବୁଢା ବି ଶହେ ପାଖାପାଖି ଜିଇଁଲେ, ଚାଲିଗଲେ। ଉଦା ଖାଇଲା ଷଣ୍ଢ।

ଗୋସାଇଁ ପୁଅ ଗୋଟିଏ ବୈଷୟିକ ପାଠ ସାରି ଆସିଲା ବେଳକୁ ତାର ପ୍ରିୟସାଙ୍ଗ ଏମନ୍ତ। ଗାଁ' ବିଜ୍ଞାନ ସଂଘରେ ଗୋସାଇଁପୁଅ ଷଣ୍ଢକୁ କରିଦେଲା ଚକ୍ରାଧିକାରୀ। କହିଲା: ବୁଝି ଖବରଦାର। ତୋ ନାଁ' ଅମ୍ବିକାପ୍ରସାଦ, ଷଣ୍ଢ ନୁହେଁ। ଷଣ୍ଢକୁ ଧରି ଗୋସାଇଁପୁଅ ବୁଲିଲା ଇସ୍କୁଲ ଇସ୍କୁଲ। ପରୀକ୍ଷା କରାଇଲା ଗାଁ' ସାଥୀମାନଙ୍କ ସହ ମିଶି। ପୁରସ୍କାର ବିତରଣ ଉତ୍ସବକୁ ସଭାପତୀୟ ଅଭିଭାଷଣ ଦେଲା ଷଣ୍ଢ। ଜନତା ବିଶୁଦ୍ଧ ଟେରା! ଆହା କିସ ନଦେଖିଲା ନେତ୍ରଟି ଆଜ !ଷଣ୍ଢ ହୋଇଗଲା ପୁରୁଷର୍ଷଭ।

ପାଣଘର ହେଙ୍ଗେଳାଟୋକା କିଏ ଗୋଟିଏ ପୋଖତୀକୁତୀ ପେଟକୁ ମାରିଦେଲା ହଂସୁଳୀକାତି। ଲହୁ ବୋହିଲା କଦମ୍ବଗଛ ମୂଳରୁ ସାମଲବସ୍ତି। ପେଟ ଦେଖାଇ ଧକେଇଲା ମାଆ। ଅନ୍ତବୁଜୁଳା ବାହାରି ଆସିଲା। କଅଁଳଛୁଆ କୁଁକୁଁ ହୋଇ ଚୀରରେ ନଟକି ପଡିଥାନ୍ତି। ଷଣ୍ଢ ଦି'ହାତରେ ଅନ୍ତବୁଜୁଳା ଭରିଦେଲା କୁତୀ ପେଟରେ। ଛୁଞ୍ଚି ସୂତା ଆଣି ସିଲେଇ କଲା। ସେଇବାଟ ଦେଇ ଯାଉଥିଲେ ଡାକ୍ତର ଜଣେ। ଅନେଇ ହସି ଦେଲେ। ଷଣ୍ଢ ଗାଳି କଲା ମନ ଇଚ୍ଛା। ରାତିସାରା ତାକୁ ନିଆଁ ଜାଳି ସେକିଲା। ପାହାନ୍ତି ପହରକୁ ଆଖି ବୁଜିଲା ମାଆ କୁକୁରଟି।

ଷଣ୍ଢ ଛଳଛଳ ହୋଇ ସମାଧି ଦେଲା ତାକୁ।

ଛୁଆଙ୍କୁ କ୍ଷୀର କିଣି ଖୁଆଇ ଦିନାକାତେ ବଞ୍ଚେଇ ରଖିଲା ସେ।

ଦୀକ୍ଷିତ ବୁଢୀ ପେଟକୁ ଭୁଷିଦଲା ବୁଲାଗାଈ। ତାର ବି ବାହାରିଗଲା ଅନ୍ତବୁଜୁଳା। ଷଣ୍ଢ ପାଖକୁ ଧାଇଁଲା ବୁଢୀର ସାନପୁଅ। ନାଲି ଖୋର୍ଧା ଗାମୁଛାରେ ବୁଢୀ ପେଟକୁ ଜାକିଜୁକି ବାନ୍ଧିଦେଲା ଷଣ୍ଢ। ଧଇଲା ରାଜଦୂତ। ସାନପୁଅ ମାଆକୁ ପଛରେ ଭିଡି ଧରି ବସିଲା। ପାଞ୍ଚ ମିନିଟରେ ପନ୍ଦର କିଲୋମିଟର। ଜିଲା ସଦର ମହକୁମା ଡାକ୍ତରଖାନାରେ ପହଞ୍ଚିଲା ବୁଢୀ। ବଞ୍ଚିଗଲା।

ବାପା ଚାକିରୀ ଅବସ୍ଥାରେ ଆଖି ବୁଜିଥିଲେ। ତାଙ୍କ ଚାକିରୀରେ ରହିବା କଥା ବଡ଼ପୁଅ। ବୋଉ ପଚାରିଲା: କ'ଣ କରିବା?

ଷଣ୍ଢ ମୁଣ୍ଡ ହଲାଇଲା। କହିଲା: ବାପିକୁ ଦେଇଦେ ବୋଉ। ମୁଁ ପା ଷଣ୍ଢ।

ଛଳଛଳ ହୋଇଗଲା ବୋଉ। କହିଲା, ସତରେ ତୁ ଅମ୍ବିକାପ୍ରସାଦ ।

❤ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦

## କବିତା...

### ତା' କପାଳେ କବିଟେ ଥିଲା

**ପ୍ରଶାନ୍ତ କୁମାର ଦାଶ**



ତା' କପାଳେ କବିଟେ ଥିଲା,
ଓ କବିର ଭାଗ୍ୟରେ ତା' କପାଳ ଥିଲା ।

କବି ତା' କପାଳରେ ବସି ବୁଲିଲା ଚୌଦିଗ,
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ-ଅତଳ-ବିତଳ,
ବୁଲୁବୁଲୁ ଭେଟିଲା ଈଶ୍ୱରଙ୍କୁ,
ପୁଛିଲା ସୃଷ୍ଟିର ଗୋପନ ରହସ୍ୟ,
ଉଡୁଥିବା ଶବ୍ଦପକ୍ଷୀମାନଙ୍କ ପଥ ଅନୁସରି
ରଖିଲା ସେମାନଙ୍କୁ ଭାବ ପଞ୍ଜୁରୀରେ,
ଧ୍ୟାନସ୍ଥ ତାପସ ପରି
ନିର୍ମାଣିଲା କାବ୍ୟସୌଧ ।

ସେ ତା' କପାଳର
ରାଜସିଂହାସନେ କବିକୁ ବସେଇ
ପିନ୍ଧିଲା ମହାରାଣୀର ମୁକୁଟ,
ଦେଖିଲା କଳ୍ପନା ଲୋକରେ
ଭଳିକି ଭଳି ଚମତ୍କାର ଚିତ୍ର,
କବିର ଶବ୍ଦାୟୁଷ ନେଇ ସେ ଅଜର ଅମର ।

ପୃଥ୍ୱୀ ହସୁଥିବାବେଳେ
ସେ କବିକୁ ମା' ପରି ବାସେ,
ପୃଥ୍ୱୀ କାନ୍ଦୁଥିବାବେଳେ
ଅବିକଳ ମା' ପରି ଦିଶେ,
ତାକୁ ଜଣା କବି କେମିତି ଦିଶେ ?

ଶୂନ୍ୟକୁ ମହୋତ୍ସବ ମଣି ଉଚ୍ଚାଟରେ ଆଲୁଅରେ
ଆଖିମୁଦି କିପରି ନୃତ୍ୟ କରିହୁଏ
କବିକୁ ସେ ଶିଖାଇଥିଲା,
ଏକ୍ଲାପଣକୁ ଲାଡ କରି ଅନ୍ଧାରରେ ଆଖି ଖୋଲି
ପଥୁରିଆ ପାହାଡ଼ ଚଢ଼ିବାର
ଅଦ୍ଭୁତ କୌଶଳ ବି
ବତେଇ ଦେଇଥିଲା ଅତି ସରଳ ଭାବରେ ।

ପବନ ଓ ପୃଥିବୀର ସଂପର୍କ ପରି
କବି ଓ ତା'ର ସଂପର୍କ ।

ତା' କପାଳେ କବିଟେ ଥିଲା,
ଓ କବିର ଭାଗ୍ୟରେ ତା' କପାଳ ଥିଲା ।

❤ ରେଗଡା, କର୍ଲାମୁଣ୍ଡା
ଏମ୍.ରାମପୁର, କଳାହାଣ୍ଡି

### ଅପ୍ରାପ୍ତିର ପାହାନ୍ତା

**ପ୍ରଭାତ କୁମାର ବଳ**



ଆଜି ବି ରାତିଟିଏ ପାହିଗଲା
ପାପପୁଣ୍ୟର କୁହୁଡ଼ିରେ
ନର୍କ ଓ ଦର୍ପର ଦରଜରେ
କିଏ ଜଣେ କାନ୍ଦୁଥିଲା ସତର ଚାଦର ତଳେ
ଚମ ଧୁଡୁଧୁଡୁ ଲୁହ ଜୁଡୁବୁଡୁ
ଅହିଂସାର ଗ୍ଲାନି ଥିଲା
ତା ଆଖି କୋରଡ଼ରେ ।

ପୁଣି କାହା ହସରେ ଫାଟିଗଲା ଅନ୍ଧାରର ଛାତି
ଭୋକ ଭୋକ ବୋଲି ଶୁଭିଲା ଚିତ୍କାର
ଏ ଭୋକ ସେ ଭୋକ ନଥିଲା ,
ଏ ଥିଲା ଭୋକକୁ ଶିଳ୍ପ କରି
ଲୋକକୁ ଯନ୍ତ୍ର କରି ବଞ୍ଚୁଥିବା ପୁଞ୍ଜିପତିର।

ଏବେ ଧୀରେ ଧୀରେ ସ୍ପଷ୍ଟ ଶୁଭିଲା
ରୁକ୍ଷ ବର୍ତ୍ତମାନର ଯନ୍ତ୍ରଣାର ସ୍ୱର
ସବୁ ସ୍ୱର ଥିଲା ନୀରବ ଓ ଗମ୍ଭୀର
ଏମାନେ ହେଲେ ବିକଳିଆଙ୍କର ବିକଳ୍ପ
ସର୍ବସାଧାରଣଙ୍କ ସଙ୍କଳ୍ପ
ସଂଗ୍ରାମର ସହରରେ, ବିପ୍ଲବର ବଗିଚାରେ
ଲେଖା ଏମାନଙ୍କ ଗଳ୍ପ
ଏଠି ଦାବିକୁ ଦବେଇ ନପାରି
ପ୍ରତିଶ୍ରୁତି ମିଳୁଥିଲା ଅଳ୍ପ ଅଳ୍ପ।

ଦଳେ ସ୍ୱପ୍ନ କପଟ କରି ଲୁଚିଗଲେ
ଯୌବନର ଜଉଘରେ,
ଜଳୁଥିଲେ ସେଇମାନେ ମିଠା ଯନ୍ତ୍ରଣାରେ
ସମୟକୁ ସିଡ଼ିକରି ଚଢିଗଲେ ବୟସର ବତୀଘର
ଆଉକିଛି ସ୍ୱପ୍ନ ଏବେବି କୁହୁଳୁଥିଲେ
ସଂଘର୍ଷ ଓ ସଫଳତାର ମଧ୍ୟବର୍ତ୍ତୀ ଇଲାକାରେ ।

ନିଦ କିଛି ବାଟବଣା ହେଲେ
ସ୍ୱପ୍ନକୁ ଛାଡ଼ିଦେଇ ଭାଗ୍ୟର ଭଗାରୀ ପଣରେ
ଫର୍ଚ୍ଚା ଦିଶୁଥିଲା ଅପ୍ରାପ୍ତିର ଆକାଶ
ଲୁହ ସବୁ ଶୁଖି ଲେଞ୍ଜରା ହେଲାବେଳେ ,
ଆଜି ବି ରାତିଟିଏ ପାହିଗଲା
ପାପପୁଣ୍ୟର କୁହୁଡ଼ିରେ ।

❤ କରଣପୋଖରୀ, ଭଦ୍ରକ
(ମୋ) ୯୭୭୬୬୬୮୦୭୩

### ତୁମେ ନ ଥିବାର ଗୀତ

**ମିଳନ କୁମାର ମିଶ୍ର (ଭରଦ୍ୱାଜ)**



॥ ଏକ ॥
ଛାତିର କୋହକୁ ମୋଭିତରେ ଚାପି
ତୁମକୁ ଯୋଡେ ମୁଁ ହାତ ।
ନ ଜାଣ ଯେମିତି ତୁମକୁ ହରାଇ
ମୁଁ କେତେ ମର୍ମାହତ ?

॥ ଦୁଇ ॥
ତୁମେ ନ ଥିଲେ ବି ବେଳ ମୋ ବିତୁଛି
ତୁମ କଥା ଭାବି ଭାବି ।
ତୁମେ ନ ଥିବାର ଶୂନ୍ୟତା ଯେଣୁ
ମତେ ହିଁ କରିଚି କବି ।

॥ ତିନି ॥
ଜୀବନଠି ଆଉ ମୋହ ନାହିଁ ଅବା
ଜହ୍ନରାତିଠି ମୋହ ।
ତୁମେ ଯିବା ପରେ ଆଖିରେ ମୋ ଯେଣୁ
ସାତ ସାଗରର ଲୁହ ।

॥ ଚାରି ॥
ନା ଭୁଲି ହେଉଛି ତୁମ ଅନୁରାଗ
ନା ତୁମ ଆଦର ସ୍ନେହ ।
ବରଂ ବେଶୀ ମନେ ପଡୁଚ ବୋଲି ମୁଁ
ଲୁହମୟ ଅହରହ ।

॥ ପାଞ୍ଚ ॥
ତୁମେ ଗଲା ପରେ ସ୍ମୃତି ହିଁ ତୁମର
ସାଥୀ ଏ ଜୀବନେ ମୋର ।
ସପନକୁ ଯେଣୁ ମିଛ କରି ତୁମେ
ଗପ ଏବେ ଅତୀତର ।

❤ ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

### କାଶତଣ୍ଡୀର ଚିଠି

**ଶୁଭସ୍ମିତା ତ୍ରିପାଠୀ**



ଯାହା କିଛି ତୋଫାପଣ ଥିଲା ତମଠି
ପିନ୍ଧେଇଦେଲ ମୋ ମଣିବନ୍ଧରେ
ରାତି ଛାତିର ମାଳେ ତାରା ଭଳି
ଯାହା କିଛି ଅନ୍ଧାରର ଗାଢ଼ କଳା ଥିଲା ତମଠି
କଜଳ କରି ପିନ୍ଧେଇଦେଲ
ମୋ ନଇଁ ଆସିଥିବା ଆଖିରେ

ଯାହାକିଛି ପକ୍ଷୀଗୀତ ଥିଲା ତମଠି
ଆଙ୍କିଦେଲ ମୋ ତନୁର ତୂଳୀରେ
ମୋହ ର ଗୀତ ଗାଇ ଗାଇ

କୁହ ମତେ, ମୁହଁ ଫେରେଇନେବାର
ବାଟ ଥିଲା ମୋ'ର ?
ମାଟିରୁ ଆଞ୍ଜୁଳା ତୋଳି
ତମ ମେଘ ଛୁଆଁକୁ ମୁଁ ଚାହିଁଲି,
ନଈପଠା ସାରା
ମୋ ଲୁହର ରେଣୁରେ ଗାଇଲି
ଦୂର ନୀଳ ପାହାଡ଼ର ଓଦା ଓଦା କୋହ,
ଉଡ଼ନ୍ତା ପକ୍ଷୀର ଡେଣାରେ
ତମକୁ ଲେଖିଲି ଚିଠି ।

ଶରତ !
ମୁଁ ଏ ଯାଏଁ ମାପି ପାରିନି ତମ ଆକାଶ,
ଛିଣ୍ଡେଇ ପାରିନି ମେଘ,
ତମପାଇଁ ମୋର ଋତୁକର ଅପେକ୍ଷା କେବଳ
ମୋ ଆକାଶରେ ଆକାଶ ଭର୍ତ୍ତି କବିତା
ଏଇ ଋତୁକ ପାଇଁ ତମେ କେବଳ ମୋର,
ବଇଁଶୀ ଓ ଓଠ ଭଳି
ଆମେ ପରସ୍ପରର ଖୁବ୍ ନିକଟତର,

ତଥାପି କେଜାଣି କେମିତି ଆମ ଭିତରେ
ମାଟିରୁ ଆକାଶ ମଝିର ସଫେଦ ଦୂରତା !
ମୁଁ, ସେଇ ସ୍ୱପ୍ନ
ଯିଏ ମାଟିର କୋଳରେ ମୁହଁଗୁଞ୍ଜି
ଅତିକ୍ରମି ଯିବାକୁ ଚାହେଁ ତମ ସହ ସମୟ,

ମୁଁ, ସେଇ ସାମୁଦ୍ରିକ ଲହରୀ
ଯିଏ ଚିରକାଳ ନୀରବ,ନିଶବ୍ଦ
ନଇଁ ଆସୁଥିବା ସୂର୍ଯ୍ୟ ଭଳି
ତମ ପାପୁଲିରେ କାକଳିର ଗୀତ

ଶରତ ! ଭସା ମେଘର ବାସ୍ନାରେ
ଓଦା କରିଦେଇ ଯାଉଛ ଯଦି ଶୁଣ

ଦୁଃଖ ମୋର ଝରନ୍ତା ବିନ୍ଦୁ ଶିଶିର,
ପ୍ରେମ ମୋର ଭିଜିଲା ନଈର ବାଲି,
ଅଭିମାନ ଈଷତ ଆକାଶୀ ନୀଳ,
ଅବସୋସ ଦୂର ଦୂର ଘୁଞ୍ଚା ପଦ୍ମ

ପାରୁଛ ଯଦି ଦେଉଥାଅ ଚିରକାଳ
କିଛି ବିନ୍ଦୁ ଓଦାପଣ ଯାଚିଦେଇ
ମତେ ପ୍ରେମ କରିବାର ଭ୍ରମ !

❤ ବ୍ରହ୍ମପୁର, ଗଞ୍ଜାମ

### ପାଉଁଜିର ପାଣ୍ଡୁଲିପି-୩୫

**ବିପିନ ମହାନ୍ତି**

#### ପ୍ରେମର ଦୁଇଟି ପକ୍ଷୀ



ନୀଳନୀଳ ଆଜି ମୋ' ଆଖି ଅନଳ ଆ' ଜାଳିଦେବୀ ଗୋରୀ
ଢ଼ଳଢ଼ଳ ତୋ'ର ଭରା ଯଉବନ ପିଇପିଇ ଦେବି ସାରି
ତୋ' ଓଠୁ ଗରଳ ମୋ' ପରି ସରଳ ପ୍ରେମିକଟିଏ କେ' ଅଛି
ପାନ କରିସାରି ପୀନ ପୟୋଧାରୀ ନୀଳକଣ୍ଠ ପାଲଟିଛି।

ବିଷକୁ ହରେଇ ମୋ' ଦେହେ ଗୁରେଇ ଜଡ଼େଇ ତୁ ହୋଇଥିବୁ
ଚରୁଥିବ ମୋ'ର ଅଙ୍ଗେଅଙ୍ଗେ ବିଷ ତୁ ଇଚ୍ଛାଧାରୀ ପାଲଟିବୁ
ବେହରଣ ତୋ'ର ଖୁସି ଯାଉଥିବ ଦିଶି ଯାଉଥିବ ଜାନୁ
ଏ କି ଅଘଟଣ ଅମା ଅନ୍ଧାରେ ଉଦ୍ୟତ ଉଦିତ ଭାନୁ।

ପାଦକୁ ଚୁମିବି ଜାନୁକୁ ଚୁମିବି କଟୀରେ ଅଟକିଯିବି
ସିଂହକଟୀ ତୋ'ର କେଉଁ ନଟନଟୀ ଛଟକୀ ଛଇଳ ଛବି
ଅଗଭୀର ତୋ'ର ନାଭିର ଦୁଆର ଓଠ ସାଉଁଳେଇ ନେଇ
ମୋ' ଲଭିବି ସତେ କି ଫେରୁଛି ପୁଣ୍ୟର ପଠା ଛୁଇଁ।

ପାପ ଆଉ ପୁଣ୍ୟ ପରା ଲୋ' ଦୁଇଟି ପ୍ରେମର ଯୁଗଳ ପକ୍ଷୀ
ମୋ' ପାଖରେ ପାପ ତୋ' ପାଖରେ ପୁଣ୍ୟ ସେମିତି ଥାଉ ଲୋ' ସଖୀ।

❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### କହି ହେଇନାହିଁ ଯାହା...(୧୪)

**ସୈରିନ୍ଧ୍ରୀ ସାହୁ**



ଦୂରେ ଥାଅ ବୋଲି କେବେ କହିଥିଲି
ଦୂରେଇ ଗଲେ ଯେ ଏତେ
ଫୁଲ ପ୍ରଜାପତି ଫୁଲେଇ ଫଗୁଣ
କୁଆଡେ ଗଲେଣି କେତେ।
ଲୁହର ଝରଣା ସାଗର ହେଲାଣି
ଥରେ ବି ଚାହିଁନ ଫେରି
ଦେଖିଲେ ଦେଖନ୍ତ ତମ ବିନା ଆଜି
(କେମିତି) ବଂଚିଛି ମୁଁ ମରି ମରି। ❤

### ଦେଶ

**ଜୟନ୍ତୀ ବିଶ୍ୱାଳ ବେହୁରିଆ**



ଉତ୍ତରରୁ ବହିଆସେ ଏକ
ଅମାନବୀୟ ଗନ୍ଧ,
ଆମ ଝରକା, କବାଟ,
ହୃଦୟରେ ନେସି ହେଇଯାଏ।

ତୋର ପୂର୍ବ ଭାଗର
ଛାତିରୁ କାହିଁକି ଡହକି ଆସେ
ଆନବରତ ଭୂକଂପ ?
ମାଳମାଳ ହତ୍ୟା, ଶବ ମାନଙ୍କର
ଦାରୁଣ ମାନଚିତ୍ରରେ ନିରୀହ ମଣିଷ
କ୍ରୁରତାର ଅନ୍ୟ ନାମ
କଣ ଦିଆଯାଇପାରେ ?

ତତେ ଦିନଦିପହରେ ଲଙ୍ଗଳା
କରାଯାଉଛି ଅନାୟାସରେ ।
କବିମାନେ ବ୍ୟସ୍ତ ଚୁଟୁକୁଲା ଲେଖିବାରେ ।

ଏହା କେତେ କାଳର ସର୍ବନାମ
ପାଶ୍ଚାତ୍ୟରେ ତୋର କେତେ ଦୁର୍ନାମ
ତୋର ଶୁଖିଲା ପ୍ରାଣକୁ
ମୁହଁରେ ଗେଞ୍ଜି ହଜାର ହଜାର
ଶିଶୁମାନେ ଶୁଖିଲା ହତାଶା ପରି ।
ପଶ୍ଚିମ ଭାଗର ପେଟରେ
ଭୋକର ମରୁଭୂମି
ଦେଶ ସୀମା ଟପିଛି ତୋର
ବିକଟାଳ ସ୍ୱର ।
ବୁଝି ହେଉଛି ,
ଷଡଯନ୍ତ୍ରକୁ ପୋଷା ଯାଇପାରେ,
ସନ୍ତ୍ରାସକୁ ପୂଜା ଯାଇପାରେ
ଘୃଣାକୁ ପିନ୍ଧା ଯାଇପାରେ
ତୁ ମୋ ଦେଶ ।

❤ କୃଷ୍ଣନଗର, ସମଳପୁର, ବାଲିଆ
ବାଲେଶ୍ୱର
(ମୋ) ୮୯୧୭୬୭୫୭୮୩

# ଶ୍ରୀ ଜଗନ୍ନାଥ ଯେତେ ଦିନ ଥିବେ ସେତେଦିନ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ସାହିତ୍ୟ ତିଷ୍ଠି ରହିଥିବ : ଡ. ତ୍ରିନାଥ ପଟ୍ଟନାୟକ

**ଡ. ତ୍ରିନାଥ ପଟ୍ଟନାୟକ ସାଂପ୍ରତିକ ଓଡିଆ ସାହିତ୍ୟ ଜଗତର ଜଣେ ପରିଚିତ ବ୍ୟକ୍ତିତ୍ୱ । ସେ କେବଳ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ନୁହନ୍ତି ବରଂ ଭାରତୀୟ ପୁରାଣ ଓ ଯୋଗ ଭଳି ଶାସ୍ତ୍ରକୁ ଭିତ୍ତିକରି ଅନେକ ଗବେଷଣାମୂଳକ ପ୍ରବନ୍ଧ ସୃଷ୍ଟି କରି ତିଆରି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ । ଦୁଇଶହରୁ ଉର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା ହେବା ସହ ସମ୍ପାଦକ ଭାବରେ କବିସୂର୍ଯ୍ୟ ଗ୍ରନ୍ଥାବଳୀ, ଯଦୁମଣି ଗ୍ରନ୍ଥାବଳୀ, ରାଧାନାଥ ଗ୍ରନ୍ଥାବଳୀ ଓ କାଳିଦାସ ଗ୍ରନ୍ଥାବଳୀର ସମ୍ପାଦନା କରି ନିଜ କଳା ଓ ରୁଚିର ପରିଚୟ ମଧ୍ୟ ଦେଇଛନ୍ତି । "ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ଅଛି ମାତ୍ର ପ୍ରାୟୋଜିତ ଭାବେ ନୁହେଁ" ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ସାହିତ୍ୟ ପ୍ରତି ଆକୃଷ୍ଟ ହେଲେ କେମିତି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ମୋ ବୋଉ ହୀରାମଣି ଦେବୀଙ୍କର ପଠନ ସ୍ପୃହା ମୋତେ ସାହିତ୍ୟ ପ୍ରତି ଆକୃଷ୍ଟ କଲା । ସେ ବେଶୀ ପାଠ ପଢ଼ି ନଥିଲେ ସୁଦ୍ଧା କାବ୍ୟ କବିତା ଉପନ୍ୟାସ ବହୁତ ପଢୁଥିଲା, ବିଶେଷତଃ ରୀତି ସାହିତ୍ୟ । ଉପେନ୍ଦ୍ର ଭଂଜଙ୍କ ବୈଦେହୀଶ ବିଳାସର ଅଧିକାଂଶ ଛନ୍ଦ ଅର୍ଥ ସହ ତାର ମୁଖସ୍ଥ ଥିଲା । ମୋର ଜନ୍ମ ନୟାଗଡ଼ ଓଡ଼ଙ୍ଗା ଠାରେ । ତାର ବନ ଅରଣ୍ୟାନୀ, ଝରଣା, କୁସୁମୀ ନଦୀ ଓ ପ୍ରାକୃତିକ ପରିବେଶ ମୋତେ ସାହିତ୍ୟ ରଚନା ପାଇଁ ପ୍ରେରଣା ଦେଲା । ନୟାଗଡ଼ ହେଉଛି ସାହିତ୍ୟ ଓ କଳା ସଂସ୍କୃତିର ମାଟି। ଗାଁ ଗାଁରେ ପାଲା ଦାସକାଠିଆ ଓ ସାହିତ୍ୟ ଆଲୋଚନାର ମାହୋଲ ଥିଲା । ମୋତେ ପଢ଼ିବାର ସୁଯୋଗ ମିଳିଲା। ଲେଖିଲି ମଧ୍ୟ। ମାଇନର ସ୍କୁଲ ପଢ଼ିବା ବେଳକୁ ମୁଁ 'ମାଟିର ମଣିଷ', 'ଲୁହାର ମଣିଷ' ଓ ରାଧାନାଥ ଗ୍ରନ୍ଥାବଳୀ ପଢ଼ିସାରିଲି । କିଛି କିଛି ଲେଖା ପତ୍ରପତ୍ରିକାରେ ଛାପା ହୋଇ ସାରିଲାଣି । 'ଆସନ୍ତାକାଲି', 'ସହକାର', 'ନବଜୀବନ', 'ନବୀନ' ଓ ଜନ ସାହିତ୍ୟ ମଧ୍ୟ ନିୟମିତ ପଢୁଥାଏ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ କାହାକୁ ଆପଣ ସ୍ମରଣ କରିବେ ?

■■ ପୁରାଣ ସାହିତ୍ୟ ଓ ଭଂଜ ସାହିତ୍ୟରୁ ସାହିତ୍ୟିକ ପ୍ରେରଣାଲାଭ କରିଛି । ଭଂଜ ସାହିତ୍ୟ ବୁଝିବା ମୋ ପକ୍ଷେ କଠିନ ଥିଲେ ହେଁ ବହୁତ ସରଳ ପଦ୍ୟାବଳୀ ବି ଭଂଜ ସାହିତ୍ୟରେ ଅଛି । ପରବର୍ତ୍ତୀ ସମୟରେ ରାଧାମୋହନ ଗଡ଼ନାୟକ, ମାନସିଂହଙ୍କ କବିତା ମୋତେ ଆକୃଷ୍ଟ କରିଥିଲା । ଗଳ୍ପ ଲେଖିବାରେ ପ୍ରେରଣା ମହାପାତ୍ର ନୀଳମଣି ସାହୁଙ୍କ ଠାରୁ ପାଇଥିଲି । ସାହିତ୍ୟ ରଚନାରେ ସହଯୋଗ ଓ ମାର୍ଗ ଦର୍ଶନ କରାଇଥିବାରୁ ମୋର ସଂପର୍କୀୟ ବଡ଼ଭାଇ ବିଶ୍ୱନାଥ ପଟ୍ଟନାୟକଙ୍କୁ ଆଦ୍ୟଗୁରୁ ରୂପେ ସ୍ୱୀକାର କରେ । ସେ ଜଣେ ଲେଖକ ଥିଲେ ବିଶେଷତଃ ଶବ୍ଦ ତତ୍ତ୍ୱବିତ୍ ଥିଲେ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶରେ ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ ଲେଖନୀୟ ଜୀବନକୁ ?

■■ ପ୍ରଥମେ ମୁଁ ସ୍କୁଲରେ ପଢ଼ିଲା ବେଳେ କବିତା ଓ ଛୋଟ ଛୋଟ ଗଳ୍ପ ଲେଖୁଥିଲି । ଡାକ ଯୋଗେ ବିଭିନ୍ନ ପତ୍ର ପତ୍ରିକାକୁ ପଠାଇ ଦେଉଥିଲି । ତାହା ମଧ୍ୟ ପ୍ରକାଶ ପାଇଯାଉଥିଲା । ମାତ୍ର ମୋ ସାଙ୍ଗମାନେ କି ଶିକ୍ଷକ ପ୍ରଥମେ ପ୍ରଥମେ ବିଶ୍ୱାସ କରୁନଥିଲେ । ନବମ ଶ୍ରେଣୀରେ ପଢ଼ିଲା ବେଳେ ପାଠ ବହିରୁ ଗୋଟିଏ ବିଷୟ ପଢ଼ି 'ପାର୍ବତୀ ତପସ୍ୟା' ନାମକ ଏକ କାବ୍ୟ ଲେଖିଲି । ଚବିଶି ଛାନ୍ଦ ବିଶିଷ୍ଟ । ମୋ ବୋଉ ମୋତେ ଗାଇଡ୍ କରୁଥାଏ । ମାତ୍ର ତାର ପଢ଼ା ବିଶେଷ ନଥିବାରୁ ବନାନ ଶୁଦ୍ଧ ବିଷୟରେ ସନ୍ଧିହାନ ଥାଏ । ସଂଶୋଧନ ନିମନ୍ତେ, ମୋ ବୋଉର ପରାମର୍ଶ କ୍ରମେ ଜଣେ ଶିକ୍ଷକଙ୍କୁ ଦେଲି । ସେ କାବ୍ୟଟିକୁ ନପଢ଼ି, ମୋ ପ୍ରତି ସନ୍ଦେହ କରି ବାରଣ୍ଡା ତଳକୁ ଫୋପାଡ଼ି ଦେଲେ । ବହୁ ଅପମାନିତ ହେଲି ସହପାଠୀମାନଙ୍କ ସମ୍ମୁଖରେ । ପରେ ଆଉ ଜଣେ ସଂସ୍କୃତ ଅଧ୍ୟାପକ ସଂଶୋଧନ କରିବା ସହ ଲେଖକୀୟ ପରାମର୍ଶ ଦେଲେ। ୧୯୭୦ ମସିହାରେ ସେହି କାବ୍ୟଟି 'ସୂର୍ଯ୍ୟ ନାରାୟଣ ପୁସ୍ତକାଳୟ, ବ୍ରହ୍ମପୁର ପ୍ରକାଶ କଲେ । ସେହିବର୍ଷ ମୁଁ ମାଟ୍ରିକ ପାସ କଲି ମଧ୍ୟ । କବି ଓ ଶିକ୍ଷାବିତ ମାୟାଧର ମାନସିଂହ ମୋର ଆଦର୍ଶ ଥିଲେ । ତାଙ୍କରି କବିତା ପଢ଼ି, ସେଇ ଢାଞ୍ଚାରେ ଲେଖିବା ଆରମ୍ଭ କଲି । ସେତେବେଳେ ସେ ଭୁବନେଶ୍ୱରରୁ ପ୍ରକାଶିତ 'ଦୈନିକ ସ୍ୱରାଜ୍ୟ'ର ସଂପାଦକ ଥିଲେ । ମୋ କବିତା ସ୍ୱରାଜ୍ୟର ରବିବାସରୀୟ ସାହିତ୍ୟ ପୃଷ୍ଠାକୁ ପଠାଇଲି। ଅଧିକାଂଶ କବିତା ପ୍ରକାଶ ପାଇଲା । କବିତା ପଢ଼ି ସେ ସମୟର ନେତା ତଥା ପୂର୍ବତନ ରାଜ୍ୟପାଳ ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନଗୋ ମଧ୍ୟ ଚିଠି ମାଧ୍ୟମରେ ମୋତେ ଉତ୍ସାହିତ କରିଥିଲେ। ମାନସିଂହ ମହୋଦୟଙ୍କୁ ମଧ୍ୟ ଦେଖା କରିଥିଲି । ୧୯୭୭ ମସିହାରେ ସେ ସମସ୍ତ କବିତାର ସଂକଳନ 'ଲଳିତ ବସନ୍ତ ଅଭିସାର' ବହି ରୂପେ ପ୍ରକାଶ ପାଇଲା । ମୋର ଇଚ୍ଛା ଥିଲା ମାନସିଂହଙ୍କ ମତାମତ ସହ କବିତା ପୁସ୍ତକଟି ପ୍ରକାଶ ପାଇଥାନ୍ତା। ମାତ୍ର ସେ ସମୟକୁ ତାଙ୍କର ଦେହାନ୍ତ ହୋଇଯାଇଥିଲା। ମହାକବି ସଚ୍ଚି ରାଉତରାୟଙ୍କ ଠାରେ 'ଲଳିତ ବସନ୍ତ ଅଭିସାର' ନିମନ୍ତେ ଅଭିମତ ଚାହିଁଲି । ସେ ବହୁ ପରୀକ୍ଷା ନୀରିକ୍ଷା କରି ଅଭିମତ ଲେଖି ଦେଇଥିଲେ । ବହି ପ୍ରକାଶ ପାଇଲା । ସେହି ବର୍ଷ ଲାଇବ୍ରେରୀ କଂଗ୍ରେସ ଆମେରିକ ଦ୍ୱାରା ମନୋନୀତ ହୋଇ 'ଲଳିତ ବସନ୍ତ ଅଭିସାର' କିଛି କପି ବିକ୍ରି ହୋଇଯାଇଥିଲା । ଏହା ବୋଧେ ସଚ୍ଚି ରାଉତରାୟ ଅଭିମତର ପ୍ରଭାବ । ପିଲାଦିନରୁ ମୋ ପରିବାର ମୋ ସାହିତ୍ୟ ସାଧନ ନିମନ୍ତେ ବହୁ ସହଯୋଗ କରିଛନ୍ତି ଓ ସୁବିଧା ଦେଇଛନ୍ତି । ମୋ ବୈବାହିକ ଜୀବନରେ ମୋର ଧର୍ମପତ୍ନୀ ଛାୟାପୂରବୀ ମୋତେ ବହୁ ସହଯୋଗ କରିଛନ୍ତି । ମୋ ସଂସାରକୁ ସମ୍ଭାଳି ମୋତେ ସର୍ବଦା ସାହିତ୍ୟ ସାଧନ ପାଇଁ ପରିବେଶ ସୃଷ୍ଟି କରି ଆସିଥିଲେ । ସେ ମଧ୍ୟ ଜଣେ ଲେଖିକା ଥିଲେ । ଏବେ ସେ ଚାରିମାସ ହେଲା ମୋତେ ଛାଡ଼ି ଆରପାରିକୁ ଚାଲିଯାଇଛନ୍ତି। ଚାକିରି କ୍ଷେତ୍ରରେ ମଧ୍ୟ ମୋ ସହକର୍ମୀମାନେ ସାହିତ୍ୟ ସାଧନା ନିମନ୍ତେ ସହଯୋଗ ଓ ପରିବେଶ ସୃଷ୍ଟି କରିବାରେ ସହାୟ ହୋଇଛନ୍ତି ।





■ ଅଳ୍ପରେ ଡଃ ତ୍ରିନାଥ ପଟ୍ଟନାୟକ

ଜନ୍ମ- ୦୧.୦୫.୧୯୫୧
ପିତା - ଭାଗବତ ପଟ୍ଟନାୟକ
ମାତା - ହୀରାମଣି ଦେବୀ
ଠିକଣା -ଆଲୋକ ନଗର, ନିଆଳୀ, କଟକ,
ପିନ୍- ୭୫୪୦୦୪
(ମୋ) ୯୯୩୭୮୪୦୩୮୭ /୬୩୭୦୧୨୪୮୨୩

ପ୍ରକାଶିତ ପୁସ୍ତକ



■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବୁଛନ୍ତି ?

■■ ଓଡ଼ିଆ ସାହିତ୍ୟ ସ୍ଥିତି ସୁଦୃଢ଼ । ଏବେ ବହୁ ପାଠକ ବହି କିଣୁଛନ୍ତି ଓ ପଢୁଛନ୍ତି । ପ୍ରକାଶନ ସଂସ୍ଥା ତଥା ପ୍ରେସ ସଂଖ୍ୟା ଦିନକୁ ଦିନ ବଢୁଛି । ଖବର କାଗଜ ସଂଖ୍ୟା କିଛି କମ୍ ନୁହେଁ । ପତ୍ର ପତ୍ରିକା ମଧ୍ୟ ପ୍ରକାଶ ପାଉଛି । ପାଠକ ଯଦି ପଢୁ ନଥାନ୍ତେ ତେବେ ଆମ ପାଖକୁ ଏତେ ସଂଖ୍ୟାରେ ପାଠକୀୟ ଚିଠି ଓ ଫୋନ ଆସନ୍ତା କେମିତି ? ସବୁଠାରୁ ଦୁଃଖର ବିଷୟ ନୂତନ ପୁସ୍ତକ ପ୍ରକାଶ ପାଇଲେ ତାର ପ୍ରଚାର ପ୍ରସାର ପ୍ରାୟତଃ ଆଦୌ ହେଉ ନାହିଁ । ଏଣୁ ପାଠକ ମାନଙ୍କ ପାଖରେ ବହୁ ଉପାଦେୟ ବହିର ସୂଚନା ପହଁଚୁ ନାହିଁ । ଯେତିକି 'ପୁସ୍ତକ ମେଳା' ଚାଲିଛି ତାହା ଓଡ଼ିଆ ପୁସ୍ତକ ପ୍ରଚାର ପ୍ରସାର ନିମନ୍ତେ ଯଥେଷ୍ଟ ନୁହେଁ । ଏଣୁ କମ୍ ଖର୍ଚ୍ଚରେ 'ପୁସ୍ତକହାଟ' 'ପତ୍ରିକାହାଟ'ର ପରିକଳ୍ପନାକୁ କାର୍ଯ୍ୟକାରୀ କରାଗଲେ ସାଧାରଣ ଲୋକଙ୍କ ପାଖରେ ବହି ପହଁଚି ପାରିବ । ପୁସ୍ତକର ମୂଲ୍ୟ ମଧ୍ୟ କମ୍ ରହୁ। ହାତ ପାହାନ୍ତାରେ ଉପାଦେୟ ବହି ପାଇଲେ ପାଠକ ନିଶ୍ଚୟ କିଣିବେ ଓ ପଢ଼ିବେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରିହେବକି ?

■■ ମାତୃଭାଷା ସଂକଟ ଆଶଙ୍କା ସବୁ ସମୟରେ ଅଛି । ଗଙ୍ଗାଧର, ରାଧାନାଥ, ଫକୀରମୋହନଙ୍କ ଯୁଗରେ ମଧ୍ୟ ଥିଲା । ମାତ୍ର ମାତୃଭାଷା କେବେ ସଂକଟରେ ପଡ଼ିବନି, ଯେଉଁଦିନ ଯାଏ ଜାତି ଜୀବିତ ଥିବ । ଗୋଟିଏ ଅସୁବିଧା ଓଡ଼ିଆ ନିଜକୁ ଓଡ଼ିଆ ବୋଲି ଗର୍ବ ଅନୁଭବ କରୁନାହିଁ କିମ୍ବା ନିଜ ଭାଷା ପ୍ରତି ମମତା ରଖୁନି । ଯାହାକି ଅନ୍ୟ ଜାତି ପାଖରେ ଦେଖିବାକୁ ମିଳେନି। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ଉନ୍ନତି ନିମନ୍ତେ କୌଣସି ସରକାର ତତ୍ପର ନୁହଁନ୍ତି। କାରଣ ସେଭଳି ଜ୍ଞାନୀ ଲୋକମାନେ ବିଧାନସଭାକୁ ଆସୁ ନାହାନ୍ତି । ନହେଲେ ବର୍ଷ ବର୍ଷ ଧରି ସାହିତ୍ୟ ଏକାଡେମୀ ଅଚଳ ହୋଇ ପଡ଼ିଥାନ୍ତା ? ବିଦ୍ୟାଳୟମାନଙ୍କରେ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ପଢ଼ିବା ନିମନ୍ତେ ଉତ୍ସାହିତ କରୁ ନାହାନ୍ତି । ଲାଇବ୍ରେରୀ ସବୁ ଅଚଳ । ଅଭିଭାବକମାନେ ଇଂରାଜୀ ଶିକ୍ଷାପ୍ରତି ଆଗ୍ରହୀ । ସବୁରାଜ୍ୟରେ ନିଜ ନିଜର ଭାଷା ସରକାରୀ ଭାଷା ରୂପେ ପ୍ରଚଳିତ ଥିବା ସତ୍ତ୍ୱେ ପ୍ରଶାସନ ଓ କିରାଣୀମାନେ ଓଡ଼ିଆ ଭାଷାକୁ ପ୍ରଚଳନ କରିବାରେ ଅନ୍ତରାୟ ସୃଷ୍ଟି କରୁଛନ୍ତି । ଏସବୁ ସମସ୍ୟା ଦୂର ହୋଇପାରିଲେ ସାହିତ୍ୟ ବଞ୍ଚିବ, ଭାଷା ମଧ୍ୟ ବଞ୍ଚିବ ।

■ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିବା ବେଳେ କେଉଁ ବିଷୟରେ ଆପଣ ବେଶୀ ସ୍ୱଚ୍ଛନ୍ଦ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ସାହିତ୍ୟର ବିଭିନ୍ନ ବିଭାଗରେ ମୁଁ କଲମ ଚାଳନା କରିଛି । ଏପରିକି ତନ୍ତ୍ର ଓ ଜ୍ୟୋତିଷ ସାହିତ୍ୟରେ ମଧ୍ୟ । ପୁରାଣ ସାହିତ୍ୟ ତ ମୋର ପ୍ରିୟ । ୩୫ ବର୍ଷ ଧରି ଓଡ଼ିଶାର ଲୋକପ୍ରିୟ ଓ ଘରେ ଘରେ ପରିଚିତ 'ପୁରାଣ ପତ୍ରିକା' ସଂପାଦନା କରିଛି । ଧର୍ମ ଓ ଜ୍ୟୋତିଷ ପତ୍ରିକା 'ଆଲୌକିକ ଶକ୍ତି'କୁ ୧୮ ବର୍ଷ ଓ ସାହିତ୍ୟ ଫିଚର ପତ୍ରିକା 'ଶବ୍ଦ'କୁ ୧୦ ବର୍ଷ ସଂପାଦନା କରିଛି । ଏବେ ଦୁଇବର୍ଷ ହେଲା ସାହିତ୍ୟ ପତ୍ରିକା 'ଅସୀମା'କୁ ଭୁବନେଶ୍ୱରରୁ ପ୍ରକାଶନ ସହିତ ସଂପାଦନା କରୁଛି । ମୋ ଦ୍ୱାରା ଲିଖିତ ସାମାଜିକ ଗଳ୍ପ ୧୦ଖଣ୍ଡ ଓ ପୌରାଣିକ/ ଐତିହାସିକ ଗଳ୍ପ ୧୦ ଖଣ୍ଡ ପ୍ରକାଶିତ । ମାତ୍ର ମୁଁ ପ୍ରବନ୍ଧ ଓ ଫିଚର ଲେଖିଲା ବେଳେ ଅଧିକ ସହଜ ମନେକରେ । ମୁଁ ସାହିତ୍ୟର କୌଣସି ବିଭାଗକୁ ଛାଡ଼ି ନାହିଁ, ଏଯାବତ୍ ୨୦୦ରୁ ଅଧିକ ପୁସ୍ତକ ବିଭିନ୍ନ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥାମାନଙ୍କ ଦ୍ୱାରା ପ୍ରକାଶିତ । ସାହିତ୍ୟ ରଚନା ମଧ୍ୟରେ ବ୍ୟକ୍ତିର ମାନସିକତା ପରିବର୍ତ୍ତନ ସମ୍ଭବ ହୋଇଥାଏ। ବହୁଦିନ ତଳେ 'ପୌରୁଷ' ପତ୍ରିକାରେ ମୋର ଗୋଟିଏ ଗଳ୍ପ 'ଅପଳାମୈତ୍ରୀ' ପ୍ରକାଶ ପାଇଥିଲା, ଜଣେ କୁଷ୍ଠ ରୋଗିଣୀ କିପରି ସାଧନା ଦ୍ୱାରା ଜ୍ଞାନ ପ୍ରାପ୍ତି ସହିତ ରୋଗମୁକ୍ତ ହୋଇ, ଗୁରୁକୁଳର ଅଧକ୍ଷା ହୋଇପାରିଛନ୍ତି। ସମାଜରେ ତାଙ୍କ ପ୍ରତି ଘୃଣା ଦୂର ହୋଇଯାଇଛି ଓ ସେ ସାମାଜିକ ପ୍ରତିଷ୍ଠା ପାଇ ପାରିଛନ୍ତି । ଏହାକୁ ପଢ଼ିଲା ପରେ ଜଣେ କୁଷ୍ଠରୋଗାକ୍ରାନ୍ତ ଯୁବତୀ ଆତ୍ମହତ୍ୟା ସିଦ୍ଧାନ୍ତରୁ ଓହରି ଆସିଛନ୍ତି ଓ ବିଭିନ୍ନ କୁଷ୍ଠାଶ୍ରମକୁ ଯାଇ କୁଷ୍ଠରୋଗାକ୍ରାନ୍ତ ଯୁବତୀମାନଙ୍କୁ ଆତ୍ମବଳ ଜାଗରଣ କରିଛନ୍ତି, ସେ କଥା ଗୋଟିଏ ଚିଠିରେ ପୌରୁଷକୁ ଜଣାଇଥିଲେ । ମୋତେ ଧନ୍ୟବାଦ ଦେଇଥିଲେ । ସେହିଭଳି 'ରାଷ୍ଟ୍ରଦୀପ' ପତ୍ରିକାରେ ପ୍ରକାଶିତ ମୋର 'ପ୍ରତୀକ୍ଷା' ଗଳ୍ପ ପଢ଼ି ଅଛବ ଭାବେ ସମାଜରେ ଅବହେଳିତ କିଛି ଯୁବତୀ ଆତ୍ମବଳ ପାଇଥିଲେ ଓ ପ୍ରତିଭା ବଳରେ, ସମାଜରେ ସେମାନଙ୍କ ପ୍ରତି ଥିବା ହୀନମନ୍ୟତାକୁ ନିଜର ଶିକ୍ଷା ଓ ଆତ୍ମବଳ ମାଧ୍ୟମରେ ଦୂର କରିବେ ବୋଲି ଶପଥ ନେଇଥିଲେ ।

■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଜାତି ହେଉଛି ବୀର ଜାତି । କଳିଙ୍ଗ ଶବ୍ଦର ଅର୍ଥ ସାହସୀ ଓ କଳାପ୍ରେମୀ । କଳା ସାହିତ୍ୟ ସଂସ୍କୃତିର ରକ୍ତ ପ୍ରତିଟି ଓଡ଼ିଆର ଧମନୀରେ ପ୍ରବାହିତ ହେଉଛି । ଏହାର ଭାଷା ମଧୁର ଓ ଛନ୍ଦମୟ । ପୁରୀ, କୋଣାର୍କ, ଲିଙ୍ଗରାଜ ମନ୍ଦିରର ଗାତ୍ରରେ ତାର କଳା ଓ ସାହିତ୍ୟ ଲିପିବଦ୍ଧ ହୋଇ ରହିଛି । ଓଡ଼ିଆ ମାନେ ହିଁ ସାହିତ୍ୟ ପ୍ରେମୀ ସମସ୍ତେ ଲେଖକ ଓ କବି । ଏଭଳି ଜାତିର ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆଶଙ୍କା କରିବାର କିଛି ମାନେ ନାହିଁ । ଏ ଭାଷା ଅଛି ଓ ରହିବ କେତେ ଷଡ଼ଯନ୍ତ୍ର ମନ୍ତ୍ରଣା ଏ ଜାତିକୁ ଓ ଜଗନ୍ନାଥ ସଂସ୍କୃତିର ବିଲୋପ ସାଧନ କରି ପାରିନାହିଁ । ଏ ଜାତିର ସମ୍ରାଟ ଓଡ଼ିଶା ମାନବ ଆତ୍ମାର ଦେବତା ଶ୍ରୀ ଜଗନ୍ନାଥ ଯେତେ ଦିନ ଥିବେ ସେତେଦିନ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ସାହିତ୍ୟ ତିଷ୍ଠି ରହିଥିବ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ଅଛି ମାତ୍ର ପ୍ରାୟୋଜିତ ଭାବେ ନୁହେଁ । ପୁରସ୍କାର ନ ମିଳିଲେ ଯେ ଜଣେ ସାହିତ୍ୟିକ ସମାଜରେ ସ୍ୱୀକୃତିପ୍ରାପ୍ତ ଲେଖକ ନୁହେଁ ବୋଲି ଭାବିବା ଉଚିତ ନୁହେଁ । ଏବେ ପୁରସ୍କୃତ ସାହିତ୍ୟିକଂକୁ ମଧ୍ୟ ଲୋକେ ସନ୍ଦେହ ଦୃଷ୍ଟିରେ ଦେଖିଲେଣି । ଏଣୁ ନିଜର ଉତ୍ତମ କୃତିର ପ୍ରଚାର ପ୍ରସାର ପ୍ରତି ଗୁରୁତ୍ୱ ଦିଅନ୍ତୁ । ମୋ ମତରେ ପ୍ରତ୍ୟେକ ଓଡ଼ିଆ ବହି, ପତ୍ରିପତ୍ରିକା ଓ ସମ୍ବାଦପତ୍ର କିଣି ପଢ଼ନ୍ତୁ । ଯେମିତି ଘରକୁ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଆଣୁଛନ୍ତି ସେମିତି ସମସ୍ତେ କିଛି ନା କିଛି କିଣନ୍ତୁ ଓ ପ୍ରତିଦିନ ପଢ଼ନ୍ତୁ । ଲେଖକମାନେ ଶହେ ପୃଷ୍ଠା ପଢ଼ିଲେ ପାଞ୍ଚ ପୃଷ୍ଠା ଲେଖିବା ପାଇଁ ଚେଷ୍ଟା କରନ୍ତୁ । ଘରେ ଘରେ ପାଠାଗାର ସୃଷ୍ଟି ହେଉ । ♥♥



ସ୍ମୃତି : ଦିବଂଗତ ପତ୍ନୀଙ୍କ ସହ ଲେଖକ ତ୍ରିନାଥ ପଟ୍ଟନାୟକ



ସୁଖୀ ପରିବାର : ପତ୍ନୀ, ଦୁଇ ପୁତ୍ର, ଦୁଇ ପୁତ୍ରବଧୂ ଓ ନାତୁଣୀମାନଙ୍କ ସହ ଲେଖକ ତ୍ରିନାଥ ପଟ୍ଟନାୟକ ।



ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହେବାର ଗରିମାମୟ ମୁହୂର୍ତ୍ତ...

## ଧାରାବାହିକ ଅନୁବାଦ ଉପନ୍ୟାସ

ହିନ୍ଦୀ ମୂଳ- ସରୋଜ କୌଶିକ
ଅନୁବାଦ- ନମିତା ପାଇକରାୟ



# ପୂର୍ଣ୍ଣମିଦମ୍



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୂର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୬
(ପୂର୍ବ ପ୍ରକାଶିତ ଉତ୍ତାରୁ)

ପୁସ୍ତକ ଚର୍ଚ୍ଚା କରି ଜ୍ଞାନ ଅର୍ଜନ କରିବି । ଯେବେ ଠାରୁ ମଠରେ ନୂଆ ମହନ୍ତ ଆସିଲେଣି, ପୁରୁଣା ପରିଚୟ ମହତ୍ତ୍ୱହୀନ ହୋଇ ଗଲାଣି । ଆନନ୍ଦରସ, ଭକ୍ତିରସ, ସଂଗୀତ ରସ ସବୁ ବାବାଙ୍କ ସହ ଚାଲିଗଲା । କେବଳ ରହିଯାଇଛି ବିବଶତା ।

'ମୁଁ କାଲି ଆସିବି' କହି ରିଚା ମଠ ଆଡ଼କୁ ଅଗ୍ରସର ହେଲା ।

ନଦୀ କୂଳରେ ବଂଶୀ ବଜଉ ବଜଉ ବୀରୁ ପଚାରିଲା, 'ରିଚା ମନ୍ଦିରର ଅଧିକାର ତୁମ ଉପରେ ବଳପୂର୍ବକ ଲଦି ଦିଆ ଯାଇଛି । ତୁମେ ଯାକୁ ଗ୍ରହଣ କରି ସ୍ୱୀକୃତି ଦେବା ତୁମ ଦୁର୍ବଳତାକୁ ଦର୍ଶାଉନି ତ ?'

'ନାଁ ବୀରୁ, ପ୍ରତି ଅଧିକାରର ପରୀକ୍ଷା, ତା'ର ସମଗ୍ରତା ଉପରେ ନିର୍ଭର କରେ । ସେ ସାପେକ୍ଷ ବି ହୋଇପାରେ ନିରପେକ୍ଷ ବି ହୋଇପାରେ । ଅବା ଶ୍ରେୟ, ପ୍ରେୟର ପରୀକ୍ଷା ବି ହୋଇପାରେ । ମୁଁ ମୋ ନିଜ ଦାୟିତ୍ୱକୁ ସଂପୂର୍ଣ୍ଣ ନିଜ ଭିତରେ ନିର୍ବାହ କରୁଛି । ତୁମେ ଯାକୁ ବରଦାନ କୁହ କି ଅଭିଶାପ ।'

ବୀରୁ କହିଲା, 'ଆଚ୍ଛା, ଏଠିକୁ ଯେଉଁ ଆସୁଛ ମୋତେ ଦେଖା କରିବା ପାଇଁ, ସେଇଟା ବି ମନ୍ଦିର ଜଗତର ବିଧାନରେ ଅଛି ? ନିୟମ କାନୁନ୍‌ର ବିରୁଦ୍ଧରେ ନୁହେଁ ?

'ନିଜ ଆତ୍ମା ଠାରୁ ବଡ଼ ନିୟମ କାନୁନ୍ ନାହିଁ କିଛି ?'

ବାପୁ କହୁଥିଲେ, 'ଆତ୍ମଗ୍ଲାନି ଠାରୁ ବଡ଼ ଦୁଃଖ ଓ ଆତ୍ମଦୟା ଠାରୁ ବଡ଼ ପାପ ଆଉ କିଛି ନାହିଁ ।' ମୋ ଭିତରେ ଏ ଦୁଇଟିର ବୋଧଜ୍ଞାନ ନାହିଁ । ଆଚ୍ଛା ଆଜି କଣ ଶୁଣାଇବ ?'

'ମହାଦାର୍ଶନିକ ଫ୍ରୟେଡ୍‌ଙ୍କ କଥନ, ଫ୍ରୟେଡ୍ କହିଥିଲେ କି ମଣିଷ ଯେତେବେଳେ ଜୀବନ ମୂଲ୍ୟ ବା ଜୀବନର ଅର୍ଥକୁ ନେଇକୁ ପ୍ରଶ୍ନ କରେ, ସେ ସେହି ସମୟରେ ମାନସିକ ରୂପରେ ରୁଗ୍‌ଣ ହୋଇଯାଏ । ପ୍ରଶ୍ନର ସମାଧାନ ସ୍ୱୟଂ ନିଜ ଅନ୍ତର୍ମନରୁ ପ୍ରାପ୍ତ କରିବା ଉଚିତ୍ । କାହାକୁ ପଚାରିବା ଉଚିତ ନୁହେଁ । ତା' ହେଲେ ମାନସିକ ଅବସ୍ଥା ଉନ୍ନତି ହୋଇଥାଏ ।

ରିଚା ମନ୍ତ୍ରମୁଗ୍ଧ ହୋଇ ସବୁ ଶୁଣୁଥିଲା । ହଠାତ୍ ଜାଗ୍ରତ ହେଲା, 'ତେଣୁ ମୁଁ ସୁସ୍ଥ ଅଛି । ନା ଜୀବନକୁ ନେଇ ପ୍ରଶ୍ନ କରୁଛି ନା ତା'ର ମୂଲ୍ୟକୁ ନେଇ ପ୍ରଶ୍ନ କରୁଛି । କେବଳ ଏ ନିଃସର୍ତ୍ତ ପ୍ରକୃତି ସହ ଜୀବନ ଅତିବାହିତ କରୁଛି । ଯେଉଁଠାରେ କିଛି ହଲଚଲ ଅଛି ନା, କିଛି ଭେଦଭାବ ନା ରାଜନୀତିର ସତମିଛ, ନା ଧର୍ମନୀତିର ଭେଦଭାବ ।' ସେ ଆତ୍ମ ବିଶ୍ୱାସ ଭରା ଶବ୍ଦରେ କହିଲା ।

କଥାବାର୍ତ୍ତାକୁ ମଝିରେ ଛାଡ଼ି ଦୁଇ ମିତ୍ର ଋଷିଙ୍କ ପରି ଜଙ୍ଗଲରେ ବୁଲୁବୁଲୁ ପ୍ରଶ୍ନ ଚିହ୍ନରୁ ବାହାରି ପୂର୍ଣ୍ଣଚ୍ଛେଦ ଆଡ଼କୁ ଗତି କଲେ । ଏବେ ପ୍ରତିଦିନ ଦେଖା ସାକ୍ଷାତ ହୁଏ । ପ୍ରତିଦିନ ନୂଆ ବହି ଉପରେ ଚର୍ଚ୍ଚା ହୁଏ । ବଂଶୀର ଧ୍ୱନି ସହ ତାଳ ଦେଇ ରିଚାର ମନ ନୃତ୍ୟ କରେ । କିନ୍ତୁ ରିଚା ଆଜି ବୀରୁକୁ ନଦୀ କୂଳକୁ ନୁହେଁ, ଗାଁର ମସଜିଦ୍ ଆଡ଼କୁ ଡାକିଥିଲା । ଯେଉଁ ବୀରୁ ଆଗରୁ ଆସି ଅପେକ୍ଷା କରେ, ସେ ଆଜି ଆସିନଥିଲା । ସେଠି ବସି ବସି ରିଚା ଧୂସର ରଙ୍ଗର ମସ୍‌ଜିଦ୍‌କୁ ଦେଖୁଥିଲା । ଧୂସର ପଥରରେ ତିଆରି ମସଜିଦ୍‌ର ଉତ୍ତର ପାର୍ଶ୍ୱରେ ନରସିଂହ, ରାମକୃଷ୍ଣଙ୍କ ମୂର୍ତ୍ତି ସ୍ଥାପିତ ଥିଲା । ଏବଂ ମଝିରେ ମୌଲବୀ ବସି ଆଜାନ ପଢ଼ିବା ପାଇଁ ଜାଗା ଥିଲା । ବୀରୁ କିନ୍ତୁ ଆସି ନଥିଲା ।

ଆଜି ସନ୍ଧ୍ୟାରେ ମା ଆସିଥିଲେ । ତାଙ୍କୁ ଦେଖି କରି ରିଚା ଚମକି ପଡ଼ିଲା । ତାଙ୍କୁ ଚିହ୍ନୁ ଚିହ୍ନୁ ସେ ଶବ୍ଦର ଗୁଳି ବର୍ଷା କଲେ । 'ଏ ଝିଅ ତୋର ଏ ରାସଲୀଳା ଆଉ କେତେ ଦିନ ଚାଲିବ ? ମଠର ଆଦର ନଷ୍ଟ କରିଦେଲୁ । ମନ୍ଦିରର ସେବିକା ହୋଇ ସେ କୁମ୍ଭାର ପୁଅ ସାଙ୍ଗରେ ୟାଡ଼େ ସିଆଡ଼େ ବୁଲୁଛୁ ? ତୋତେ ଲଜ୍ୟା ନାହିଁ । ପରପୁରୁଷ ସହ କିଏ ବୁଲେ ?

ରିଚା ହସିଲା କହିଲା, 'ମାଉସୀ ନା ବୀରୁ କୃଷ୍ଣ, ନା ମୁଁ ରାଧା, ନା ଏ ଗାଁ ବୃନ୍ଦାବନ ? ତା' ହେଲେ ରାସଲୀଳା କେମିତି କହୁଛନ୍ତି ? ତା' ପରେ ବିରୁ କେବେ ଠାରୁ ପରପୁରୁଷ ହେଲା ? ସନ୍ଧ୍ୟା ବି ତ ଆମ ସହ ବୁଲୁଛି ! ବୀରୁ ପାଖରେ ବସା ଉଠା କରିବା ମଠର ମହନ୍ତ ପାଖରେ ବସା ଉଠା କରିବା ସହ ସମାନ ପବିତ୍ରତା ଭରପୁର ବୀରୁର ଆତ୍ମା ।'

ରିଚା ସେଇଠି ଅଟକି ଗଲା, ତା'ରି ଆଡ଼କୁ ବୀରୁ ରାଗ ତମ୍‌ତମ୍ ହୋଇ ଆସୁଥିବାର ଦେଖିଲା । ରିଚା ବୁଝିଗଲା କି ଏ କଥା ବୀରୁ କାନରେ ବି ପଡ଼ି ଯାଇଛି ।

ସେ କହିଲା, 'ବୀରୁ ତୁମେ ଗାଁ ଛାଡ଼ି ସହରକୁ ଫେରିଯାଅ ।'

ବିରୁ କହିଲା, 'ମୋ ଯିବା କଥା ତ ସେତେବେଳେ ଉଠିବା କଥା, ଯେତେବେଳେ ମୁଁ ଏଠାରୁ ଯାଇଥିଲି । ମୋ ଶରୀର ସହର ଯାଇଥିଲା, ଆତ୍ମା ନୁହେଁ, ଆତ୍ମା ଏଇଠି ଥିଲା, ହଁ ତୁମେ ଯଦି କହୁଛ ଫେରି ଯିବାକୁ, ଯିବି ।

ତା' ପରେ ସବୁ ନୀରବ । ଦୁହିଁଙ୍କ ମୁହଁରେ ଭାଷା ନଥିଲା ।

ଗୋଟେ ଶବ୍ଦାତୀତ ବ୍ୟଥା ଥିଲା। କିଛି ସମୟ ପରେ ରିଚା ଭିତରକୁ ଗଲା । ଫେରି ଆସି ଗୋଟେ କାଗଜ ବୀରୁକୁ ଧରାଇଲା ।

ବୀରୁ ବାହାରି ଯାଉଯାଉ କାଗଜଟିକୁ ପଢ଼ିଲା, ଲେଖା ଥିଲା ମିତ୍ର, 'ମୁଁ ଶବ୍ଦ ନୁହେଁ କି ଯାତ୍ରା ନୁହେଁ, ମୁଁ କେବଳ ଭାବନାଟିଏ । ଯାହାକୁ ଜୀଇବାକୁ ହେଲେ ଗୋଟେ ଜୀବନ କମ୍ ପଡ଼ିବ ।

ତା' ପରେ ବୀରୁ ତୀର ବେଶରେ ସେଠାରୁ ବାହାରି ଗଲା ।

ସକାଳ ଭଜନରେ ରସ ନଥିଲା କି ଆଳାପରେ ଲୟ ନଥିଲା । ଆରତୀ ସମୟରେ ରିଚାକୁ ଲାଗୁଥିଲା ଦୀପରୁ ଜ୍ୟୋତି କିଏ ଚୋରେଇ ନେଇଛି । ଅନ୍ଧକାରର ଏରୁଣ୍ଡି ସେପଟେ, ଅନ୍ଧକାରକୁ ଏକା କରି ପ୍ରକାଶ ଠିଆ ହୋଇ ଥିଲା ବାହାରେ, ଏକ ସହଜ ମୁଦ୍ରାରେ ଫେରିଗଲା ଆଲୋକ ଅଭିଶପ୍ତ କରିଦେଇ ।

ଦଶହରାର ପ୍ରସ୍ତୁତି ଆରମ୍ଭ ହୋଇ ସାରିଥିଲା । ଖୁଣ୍ଟା ପୂଜା ବହୁତ ପୂର୍ବରୁ ସରି ଯାଇଥିଲା । ଷଷ୍ଠୀ ଦିନ ପେଣ୍ଡାଲରେ ମା'ଙ୍କୁ ପ୍ରତିଷ୍ଠିତ କରିଦିଆଗଲା । ଢ଼ୋଲ, ମୃଦଙ୍ଗ, ପଖଣି ସହିତ ଦୁର୍ଗା ମା'ଙ୍କ ସାମ୍ନାରେ ଚଣ୍ଡିପାଠ ହେବାକୁ ଲାଗିଲା । ଜଙ୍ଗୀପଡ଼ାର ରାସଲୀଳା ବି ଆରମ୍ଭ ହୋଇଗଲା । ରାମଜନ୍ମ ଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ଗାଁ ବାଲା ବସି ଦେଖୁଥାଆନ୍ତି। ପ୍ରତିବର୍ଷ, ପ୍ରତିଦିନ ଏ ସିଧା ସାଧା ଗାଁ ଲୋକ ବେଳେବେଳେ ଅଯୋଧାରେ ନିଜକୁ ପାଉଛନ୍ତି ତ କେତେବେଳେ ଜନକପୁରୀରେ, କେତେବେଳେ ଅରଣ୍ୟରେ ତ କେତେବେଳେ ଲଙ୍କାରେ ନିଜକୁ ପାଉଛନ୍ତି । ଆଜି ସୀତା ହରଣର ଦୃଶ୍ୟ ଥିଲା । ମଠରେ ରିଚା ତା' କୋଠରୀ ଏକା ଥିଲା, ରାମଲୀଳା ଦେଖିବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲା । ହଠାତ୍ ନୂଆ ମହନ୍ତ ମଠର ତା' କୋଠରୀକୁ ପଶି ଆସିଲେ ।

'କୁଆଡ଼େ ଯିବାକୁ ପ୍ରସ୍ତୁତି ଚାଲିଛି ।'

ମୁହଁରୁ ମଦଗନ୍ଧ ବାହାରୁଥିଲା । ହାତରେ ଜଙ୍ଘ କୁଣ୍ଡାଇ ଦେଉଥିଲା ।

ରିଚା କହିଲା, 'ରାମଲୀଳା ଦେଖିବାକୁ ବାହାରିଛି, ଟୁକ୍‌ଟୁକୀ ଅପେକ୍ଷା କରିଛି ।'

ମହନ୍ତ ଚିତ୍କାର କଲେ, 'ଟୁକ୍‌ଟୁକୀ ନା ସେ କୁମ୍ଭାର ଟୋକା ? ଏବେ ତୁ ରାସଲୀଳା ଏଇଠି କରିବୁ । ବ୍ରାହ୍ମଣ କନ୍ୟା ହେଇ ଦଳିତ ଟୋକା ସହ ମିଶିବା ଠିକ୍ ନୁହେଁ । ଏହା ମଠର ସେବିକା ପାଇଁ ନିୟମ ବିରୁଦ୍ଧ ।

ନୂଆ ମହନ୍ତ ଆହୁରି ଗର୍ଜି କରି କହିଲେ, 'ମନ୍ଦିରର ସବୁ ନୟମ କାନୁନ୍ ଯଦି ବଦଳି ଯିବ, ତା' ହେଲେ ମୋର ଏଠି ମନ୍ଦିର ଅଧୀନ ହେବା ଅର୍ଥହୀନ ।' ମନ୍ଦିରର ଅଧୀନରେ ତୁ ରହି କି ନରହ, ଆଜି ତୁ ମୋ ଅଧୀନରେ, କହି ରିଚାକୁ ଜାବୁଡ଼ି ଧରିଲେ ।'

ରାମଲୀଳାରେ ସେପଟେ ସୀତାହରଣ ଚାଲିଥିଲା । ଏପରି ରିଚାର କୋଠରୀରେ ରିଚାର ସତୀତ୍ୱ ହରଣ ଚାଲିଥିଲା । ରିଚାର ଆସିବା ଡେରି ଦେଖି ଟୁକ୍‌ଟୁକୀ ମଠରେ ପହଞ୍ଚି ଯାଇଥିଲା । ରିଚା କୋଠରୀରେ ଯାଇ ଦେଖିଲା ସବୁ ସର୍ବନାଶ । ରିଚାର ଅବସ୍ଥା ଦେଖି ତାକୁ କୁଣ୍ଢାଇ ଧରିଲା । ଟୁକ୍‌ଟୁକୀ ଚିତ୍କାର କରୁଥିଲା, ରିଚା ଭୋ ଭୋ ହୋଇ କାନ୍ଦୁଥିଲା ।

ରିଚା ସଂଜ୍ଞା ଶୂନ୍ୟ ହୋଇ ପଡ଼ିଥିଲା । ଗାଁରେ ପ୍ରତିଘରେ ଚର୍ଚ୍ଚା ଚାଲିଥିଲା । ସମସ୍ତେ ରିଚାକୁ ଦୋଷ ଦେଲେ । ଯିଏ ମଠର ନିୟମ ଭାଙ୍ଗି ସେ କୁମ୍ଭାର ପୁଅ ସହ କଥାବାର୍ତ୍ତା କରିବ, ବୁଲିବ; ମଠ ମହନ୍ତ ଯଦି ସଂପର୍କ ରଖିଲେ କଣ ଭୁଲ କଲେ । କଣ ଅପରାଧ କଲେ ? ଭରା ଯୌବନରେ କାହିଁକି ତା' ପିତା ମଠରେ କନ୍ୟାକୁ ଛାଡ଼ିଦେଲେ ?

ରାତିରେ ଟୁକଟୁକୀ ନିଜକୁ ବଞ୍ଚାଇ ଗାଁକୁ ଫେରି ଆସିଥିଲା । ସକାଳୁ ସକାଳୁ ତା'ର ବାଲ୍ୟସାଥୀମାନଙ୍କୁ ଧରି ମଠରେ ପହଞ୍ଚି ଥିଲା । ରିଚା କିନ୍ତୁ ତା' କୋଠରୀରେ ନଥିଲା । ମଠସାରା ଖୋଜିଗଲା । ମଠରେ ବି ନଥିଲା । ଟୁକ୍‌ଟୁକୀ ନଦୀ କୂଳକୁ ଦୌଡ଼ିଲା । ତା' ସହ ବାସୁ ବି ଥିଲା, ରିଚାର ବାଲ୍ୟସାଥୀ । ରିଚା ନଦୀ କୂଳରେ ବସିଥିଲା । ଆଜି ନଦୀର ଧାରା ରିଚାର ଜୀବନକୁ ସେହି ଆଡ଼କୁ ପ୍ରେରିତ କରୁଥିଲା । ଯେଉଁଠାରୁ ତା'ର ଭାଗ୍ୟ ଦୁଃଖକୁ ଆମନ୍ତ୍ରଣ କରିଥିଲା । ପାଣିକୁ ପବନ ଛୁଇଁ ଜଳ ତରଙ୍ଗ ସୃଷ୍ଟି ହେଉଥିବା ଢେଉକୁ ଦିଗ ନମିଳିଲା ପରି ରିଚାକୁ ତରଙ୍ଗର ସଂଗୀତ ଛୁଇଁ ନଥିଲା କି ଜୀବନର ଦିଗ ଦିଶୁ ନଥିଲା । ଆତ୍ମାରୁ ଲୁହ ଝରି ଯାଉଥିଲା ।

ରିଚାକୁ ଦେଖି ଟୁକଟୁକୀ ପଚାରିଲା, 'କଣ କରୁଛୁ ଏଠି ?'

ବାସୁ କହିଲା, 'ରିଚା ତୁ ତ ଆମକୁ ଡରାଇ ଦେଲୁ ।

କହିକି ଆସିଥାନ୍ତୁ ?

ଟୁକ୍‌ଟୁକ୍‌ୀ ବଡ଼ କଠିନ ସ୍ୱରରେ କହିଲା, 'ଦେଖ୍ ରିଚା ମୁଁ ଓ ବାସୁ ସାରା ରାତି ବହୁତ ଭାବିଛୁ । ଆମକୁ କିଛି ଫରକ ପଡ଼ିବନି ଏ ଗାଁ ଲୋକ ତୋ ବିଷୟରେ କଣ କହୁଛନ୍ତି ।

ବାସୁ ବି ଚାହୁଁଛି । ତୁ ଆମ ସହିତ କଲିକତା ଚାଲ । ଆମ ସବୁ ବାଲ୍ୟସାଥୀ କଲିକତାରେ ରହିବା, ଏ ଘରବାଲାଙ୍କ କଥା ଶୁଣିବାର ନାହିଁ। ଚାଲ ଏଇଠୁ ଚାଲ ।'

ରିଚା ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ! ଟୁକ୍‌ଟୁକୀ ପରି ମିତ କେଉଁଠି ମିଳିବେ କି ? ତା' ପରେ ବି କହିଲା ରିଚା, 'ମୁଁ କଣ କୁଆଡ଼େ ଯିବା କଥା କହିଥିଲି ଟୁକ୍‌ଟୁକୀ ? ମୁଁ କିଛି ବି ନିର୍ଣ୍ଣୟ ନେଇ ପାରୁନି । ହଁ, ଭୁଲରେ ବି ବୀରୁକୁ କେହି କିଛି କହିବନି । ବୀରୁ ଯିବା ବେଳେ ନିଶ୍ଚୟ ତୁମମାନଙ୍କୁ ଫୋନ ନମ୍ବର ଦେଇ ଯାଇଥିବ । କେହି ଯେମିତି ତାକୁ ଫୋନ କରିବନି, ଅନୁରୋଧ ରଖିବ ।'

(କ୍ରମଶଃ)

♥ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

# ଚନ୍ଦନ ହଜୁରୀ ଚାଖି ଖୁଣ୍ଟିଆ

ଦିଲ୍ଲୀପ କୁମାର ସାହୁ



ପୁରୀ ହରଚଣ୍ଡୀ ସାହିର ରଘୁନାଥ ଖୁଣ୍ଟିଆ । ଲୋକେ ତାଙ୍କୁ ଭୀମସେନ ହଜୁରୀ ମଧ୍ୟ କୁହନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସେ ଥିଲେ ଅଙ୍ଗଲାଗି ସେବକ। ବହୁଦିନ ଧରି ତାଙ୍କର ପିଲାପିଲି କିଛି ହେଉନଥିଲା । ପତ୍ନୀ କମଳାବତୀ ମହାପ୍ରଭୁଙ୍କୁ ସବୁବେଳେ ପ୍ରାର୍ଥନା କରୁଥାନ୍ତି ପିଲାଟିଏ ପାଇଁ। ମହାପ୍ରଭୁଙ୍କ ଦୟାହେଲା। କମଳା ଗର୍ଭବତୀ ହେଲେ। ଭୀମସେନ ଖୁବ୍ ଖୁସି ହୋଇ ପ୍ରଭୁଙ୍କ ପାଦରେ ଶତ ପ୍ରଣତି ଜଣାଇଲେ। ଦିନ ମାସ ଗଡିଚାଲିଲା।

ସେଦିନ ଥାଏ କାର୍ତ୍ତିକ ମାସ ଶୁକ୍ଲପକ୍ଷ ବଡ ଏକାଦଶୀ।

ଭୀମସେନ ମହାପ୍ରଭୁଙ୍କୁ ଚନ୍ଦନ ଲାଗି କରୁଥାନ୍ତି। ଘରୁ ଖବର ଆସିଲା, ପୁଅଟିଏ ହୋଇଛି। ଆନନ୍ଦରେ ଅଧିର ହୋଇଗଲେ ଭୀମ। ମହାପ୍ରଭୁଙ୍କ ଚନ୍ଦନ ଲାଗି ସମୟରେ ପୁଅ ଜନ୍ମ। ସେଇଠି ସିଏ ପୁଅର ନାମ ରଖିଲେ 'ଚନ୍ଦନ'।

ଚନ୍ଦନ ହଜୁରୀ। ଚନ୍ଦନ ଖୁଣ୍ଟିଆ।

ପିଲାଦିନେ ଚନ୍ଦନ ଖୁବ୍ ଦୁଷ୍ଟ ଥିଲା। କୁସ୍ତି କସରତରେ ମନ। ଦିନ ରାତି ସାହି ଜାଗାଘରେ କୁସ୍ତି ଅଭ୍ୟାସ।

ବଡ଼ଦେଉଳକୁ ଆସିଲେ ମହାପ୍ରସାଦ ବିକୁଥିବା ସୁଆରଙ୍କ ଠାରୁ ଚାଖିବା ବାହାନାରେ ମହାପ୍ରସାଦ ମାଗି ଖାଆନ୍ତି ସେ।

ସେଇଥିପାଇଁ ଦେଉଳରେ ସମସ୍ତେ ତାଙ୍କୁ ଚାଖିଆ ବୋଲି ଡାକୁଥିଲେ। ଚାଖିଆରୁ ସେ ଚାଖି ଖୁଣ୍ଟିଆ ଭାବରେ ବେଶ୍ ଜଣାଶୁଣା ହୋଇଗଲେ।

ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀ। ବାପା ଭୀମସେନଙ୍କୁ ମନ୍ଦିର ସେବାରେ ସାହାଯ୍ୟ କରନ୍ତି। ଭୀମସେନ ଯେତେବେଳେ ତୀର୍ଥଯାତ୍ରୀଙ୍କୁ ପୁରୀ ଆଣିବାପାଇଁ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳକୁ ଯାଆନ୍ତି, ତାଙ୍କ ସହିତ ମଧ୍ୟ ଯାଆନ୍ତି ଚନ୍ଦନ। ମରାଠା ସାମ୍ରାଜ୍ୟର ଶେଷ ପେଶୱା ବାଜିରାଓ ଥିଲେ ଭୀମସେନଙ୍କ ଯଜମାନ। ଉତ୍ତର ପ୍ରଦେଶର କାନପୁର ନିକଟବର୍ତ୍ତୀ 'ବିଠୁର' ଥିଲା ପେଶୱାଙ୍କ ରାଜଧାନୀ। ପିତାଙ୍କ ସହିତ ଚନ୍ଦନ ଅନେକ ସମୟରେ ସେଠାକୁ ଯାଉଥିଲେ। ସେଠାରେ ପେଶୱା ବାଜିରାଓଙ୍କ ପୋଷ୍ୟପୁତ୍ର ନାନାସାହେବ ଓ ତାଙ୍କ ଦେୱାନ୍ ମୋର୍ ପନ୍ଥଙ୍କ ଝିଅ ମନୁବାଇଙ୍କ ସହ ସେ, ଖଣ୍ଡା ଓ ବର୍ଚ୍ଛା ଖେଳରେ ସମୟ ବିତାଉଥିଲେ। ଭୀମସେନ ହଜୁରୀଙ୍କ ମଧ୍ୟସ୍ଥତାରେ ମନୁବାଇଙ୍କ ବିବାହ ଝାନ୍ସିର ରାଜା ଗଙ୍ଗାଧର ରାଓଙ୍କ ସହିତ ହୋଇଥିଲା। ବିବାହ ପରେ ମନୁବାଇଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ନାଁ ଦେଥିଲେ ଲକ୍ଷ୍ମୀବାଈ। ପିଲାଦିନର ସମ୍ପର୍କକୁ ସୁଦୃଢ ରଖିବାପାଇଁ ଲକ୍ଷ୍ମୀବାଈ ଚନ୍ଦନ ହଜୁରୀଙ୍କୁ ମହାପ୍ରସାଦ ଖୁଆଇ ଭାଇ କରିଥିଲେ।

ବିବାହ ପରେ ଲକ୍ଷ୍ମୀବାଈ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ପିଲାଟି ମାତ୍ର ଚାରିମାସର ହୋଇଥିବାବେଳେ ମରିଗଲା। ଏହା ରାଜା ଗଙ୍ଗାଧର ରାଓଙ୍କୁ ଦାରୁଣ ମାନସିକ ଧକ୍କାଦେଲା । ସେତେବେଳକୁ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ବଡଲାଟ୍ ସାମ୍ରାଜ୍ୟ ବିସ୍ତାର ପାଇଁ ରାଜସତ୍ତ୍ୱ ନୀତି ପ୍ରଣୟନ କରିଥିଲେ। ଏହାଦ୍ୱାରା ନିଃସନ୍ତାନ ରାଜାମାନେ ପୋଷ୍ୟପୁତ୍ର ଗ୍ରହଣକରି ରାଜଗାଦିରେ ବସାଇ ପାରିବେନାହିଁ। ଯାହାଫଳରେ ରାଜ୍ୟଟି କମ୍ପାନୀ ସାମ୍ରାଜ୍ୟଭୁକ୍ତ ହୋଇଯିବ।

ତେଣୁ ପୁତ୍ର ବିହୁନେ କିଏ ତାଙ୍କ ଉତ୍ତରାଧିକାରୀ ହେବ ଏହି ଚିନ୍ତାରେ ରାଜା ଗଙ୍ଗାଧର ମୃତ୍ୟୁ ବରଣ କଲେ।



ପୁତ୍ର ଓ ସ୍ୱାମୀଙ୍କୁ ହରାଇ ରାଣୀ ଲକ୍ଷ୍ମୀବାଈ ବେସାହାରା ହୋଇଗଲେ। ମନେପଡିଲା ତାଙ୍କର ଚନ୍ଦନ ହଜୁରିଙ୍କ କଥା।

ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ଲକ୍ଷ୍ମୀବାଈ ଚନ୍ଦନ ହଜୁରିଙ୍କ ପାଖକୁ ଚିଠି ଲେଖିଲେ। ସେତେବେଳକୁ ଚନ୍ଦନ ବିବାହ କରିସାରିଥାନ୍ତି ଓ ପିତାଙ୍କ ଅନ୍ତେ ସମ୍ପୂର୍ଣ୍ଣରୂପେ ମହାପ୍ରଭୁଙ୍କ ସେବାରେ ନିଜକୁ ନିୟୋଜିତ କରିଥାନ୍ତି।

ଭଉଣୀର ଅସମୟରେ, ନିଜ ନବବିବାହିତା ପତ୍ନୀଙ୍କୁ ପିଉସୀଙ୍କ ପାଖରେ ଛାଡି ଚନ୍ଦନ ହଜୁରୀ ଝାନ୍‌ସୀ ଯାତ୍ରା କଲେ।

ରାଜସତ୍ତ୍ୱ ନୀତି ବଳରେ ଲକ୍ଷ୍ମୀବାଈଙ୍କ ସହ ନାନାସାହେବ ଓ ଭାରତର ଅନେକ ରାଜା ସେମାନଙ୍କ ରାଜ୍ୟ ହରାଇ ବସିଥାନ୍ତି। ଠିକ୍ ସେତିକିବେଳେ କମ୍ପାନୀ ସରକାରଙ୍କ ସିପାହୀମାନେ ବିଦ୍ରୋହ କରିବାପାଇଁ ବାଟ ଖୋଜୁଥାନ୍ତି। ଚତୁର ଚନ୍ଦନ ହଜୁରୀ ଏହି ସୁଯୋଗକୁ ହାତଛଡା କଲେନାହିଁ। ଲକ୍ଷ୍ମୀବାଈ, ନାନାସାହେବ, ତାନ୍ତିଆ ଟୋପେ, ଦିଲ୍ଲୀ ସମ୍ରାଟ ବାହାଦୁର ସାହା ଆଦିଙ୍କ ସହ ସେ ଯୋଗସୂତ୍ର ରକ୍ଷା କଲେ । ଫଳରେ ସମସ୍ତେ ସିପାହୀମାନଙ୍କୁ ବିଦ୍ରୋହ ପାଇଁ ସହଯୋଗ କଲେ । ୧୮୫୭ ମେ ୧୦ ତାରିଖରେ ଦିଲ୍ଲୀ ନିକଟବର୍ତ୍ତୀ ମିରଟ୍‌ଠାରେ ଆରମ୍ଭ ହେଲା ସିପାହୀ ବିଦ୍ରୋହ।

ଚନ୍ଦନ ହଜୁରୀ ଗୁପ୍ତରେ ଏହି ବିଦ୍ରୋହର ସମ୍ମନ୍ୱୟ ରକ୍ଷା କରୁଥିଲେ। ବିଶେଷକରି ଲକ୍ଷ୍ମୀବାଈଙ୍କ ଯୁଦ୍ଧ ପରିଚାଳନାର ନକ୍ସା ପ୍ରସ୍ତୁତ କରୁଥିଲେ ସେ। ତେଣୁ ବ୍ରିଟିଶ ସରକାରଙ୍କ କଡା ନଜର ତାଙ୍କ ଉପରେ ଥିଲା। ହେଲେ ସେ ଖୁବ୍ ଚତୁର ଥିବାରୁ ଜମା ଧରାପଡୁନଥିଲେ। ସିପାହୀ ବିଦ୍ରୋହ ଉଗ୍ର ରୂପ ନେଉଥିବାବେଳେ କିଛି ସ୍ୱାର୍ଥପର ଲୋକଙ୍କ ଯୋଗୁ କମ୍ପାନୀ ସରକାର ବିଦ୍ରୋହକୁ ଦମନ କରିଦେଲେ। ଲକ୍ଷ୍ମୀବାଈ ଯୁଦ୍ଧକ୍ଷେତ୍ରରେ ପ୍ରାଣ ହରାଇଲେ। ତାନ୍ତିଆ ଟୋପେଙ୍କ ସହ ଅନେକେ ବୀର ଫାସି ପାଇଲେ। ନାନାସାହେବ ନେପାଳ ଚାଲିଯାଇ ଗୁପ୍ତରେ ଶେଷ ଜୀବନ ବିତାଇଲେ। ଦିଲ୍ଲୀ ସମ୍ରାଟ ବାହାଦୁର ସାହାଙ୍କୁ ବନ୍ଦୀ କରାଯାଇ ଦେଶାନ୍ତର କରାଗଲା। ଏମିତି ଘଡିସନ୍ଧି ମୁହୂର୍ତ୍ତରେ ବ୍ରିଟିଶ ସୈନ୍ୟଙ୍କ କବଳରୁ ଖସିଆସି ଗଙ୍ଗାନଦୀ କୂଳସ୍ଥିତ 'କାଲାକାଙ୍କର' ନାମକ ସ୍ଥାନରେ ପହଞ୍ଚିଲେ ଚନ୍ଦନ । ସେଠାରେ ତାଙ୍କର ଅନେକ ଯଜମାନ ଥିଲେ । ସେହିମାନଙ୍କ ଘରେ ସେ ଗଙ୍ଗାଦାସ ନାମରେ ଲୁଚିକରି ରହିଲେ। ଏଣେ ବ୍ରିଟିଶ ମାନଙ୍କ କବଳରୁ ଖସି ଆସିଥିବା ଜଣେ ସେନାଧକ୍ଷ ସୂଚନା ଦେଲେ ଯେ ଯୁଦ୍ଧରେ ଚନ୍ଦନଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ବିଜୁଳି ବେଗରେ ଶ୍ରୀକ୍ଷେତ୍ରରେ ପହଞ୍ଚିଗଲା। ଚାରିଆଡେ ଶୋକର ଛାୟା ଖେଳିଗଲା। ଚନ୍ଦନ ହଜୁରିଙ୍କ ପତ୍ନୀ ହାତରୁ ଶଙ୍ଖା ଖୋଲିଦେଲେ। ମଥାରୁ ତାଙ୍କର ସିନ୍ଦୂର ପୋଛିଦିଆଗଲା। ବୈଧବ୍ୟ ଯନ୍ତ୍ରଣାରେ ସେ ଛଟପଟ ହେବାକୁ ଲାଗିଲେ।

ସିପାହୀ ବିଦ୍ରୋହ ସମ୍ପୂର୍ଣ୍ଣ ରୂପେ ଦମନ ହେବାପରେ ବ୍ରିଟିଶ ସରକାର ଘୋଷଣା କଲେ ଯେ ଜଣେ ହେଲେ ବ୍ରିଟିଶ ସୈନ୍ୟଙ୍କୁ ହତ୍ୟା କରିନଥିବା ବିଦ୍ରୋହୀଙ୍କୁ ଦଣ୍ଡ ଦିଆଯିବନାହିଁ। ଚନ୍ଦନ ହଜୁରୀ ସିନା ବିଦ୍ରୋହରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ, ହେଲେ ତାଙ୍କ ନାମରେ କିଛି ହତ୍ୟା ମାମଲା ନଥିଲା। ତେଣୁ ସେ ୧୮୬୫ ମସିହାରେ ପୁରୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେତେବେଳେ ଶ୍ରୀକ୍ଷେତ୍ରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

ତାଙ୍କ ପତ୍ନୀ ପୁଣି ଶଙ୍ଖା ସିନ୍ଦୂର ନାଇ ସଧବା ସାଜିଥିଲେ। ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ସ୍ଥାନୀୟ କୋର୍ଟ୍‌ରେ ତାଙ୍କର ବିଚାର ହୋଇଥିଲା। ତାଙ୍କ ନାମରେ କୌଣସି ହତ୍ୟା ମାମଲା ନଥିବାରୁ ତାଙ୍କୁ ମୁକ୍ତି ଦିଆଯାଇଥିଲା ସତ, ହେଲେ ସେ ପୁରୀ ବାହାରକୁ ଯାଇପାରିବେନି ଓ ପ୍ରତିଦିନ ମାଜିଷ୍ଟ୍ରେଟଙ୍କୁ ଦେଖାକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ ଏହାକୁ ମାନିନେବା ସହିତ ଜୀବନର ଶେଷଯାଏ ଶ୍ରୀକ୍ଷେତ୍ରରେ ରହି ମହାପ୍ରଭୁଙ୍କ ସେବାରେ ନିଜର ସମୟ ବିତାଇଥିଲେ।

୧୮୭୦ ମସିହାରେ ପ୍ରାଣ ହରାଇଥିଲେ ସେହି ମହାନ ସଂଗ୍ରାମୀ ଚାଖି ଖୁଣ୍ଟିଆ । ତାଙ୍କ ସମ୍ମାନାର୍ଥେ ପୁରୀ ସହରର ସଂସ୍କୃତି ଭବନ ଓ ହରଚଣ୍ଡୀ ସାହିରେ ତାଙ୍କର ମୂର୍ତ୍ତି ସ୍ଥାପନ କରାଯାଇ ପ୍ରତିବର୍ଷ ତାଙ୍କ ଜନ୍ମଦିନ ପାଳନ କରାଯାଉଛି। ରାଜଧାନୀ ଭୁବନେଶ୍ୱରର କଳ୍ପନା ଛକଠାରେ ମଧ୍ୟ ତାଙ୍କର ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି ରହିଛି। ଏହି ମୂର୍ତ୍ତିଗୁଡ଼ିକୁ ଦେଖିଲେ ମନେପଡେ ଚାଖି ଖୁଣ୍ଟିଆଙ୍କ ବୀରତ୍ୱ ଓ ଦେଶପ୍ରେମର ଅମର କାହାଣୀ।

♥ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

# କ୍ଷମା

ସତ୍ୟନାରାୟଣ ପ୍ରଧାନ



ତାଙ୍କୁ ମିଳିଥିଲା ସମ୍ପୂର୍ଣ ସ୍ୱାଧୀନତା ନିଜର ସ୍ୱପ୍ନକୁ ପୁରା କରିବା ଲାଗି ସେଥିପାଇଁ ନ ଥିଲା କୌଣସି ବନ୍ଧ କି ବାଡ଼ । ଘରେ ଟଙ୍କାର ଅଭାବ ଥାଉ କି ନ ଥାଉ ହେଲେ ତାଙ୍କ ପାଇଁ ସବୁ କିଛି ପ୍ରସ୍ତୁତ ଥିଲା । ସ୍ୱାମୀଙ୍କର ଏତେ ଲେଖା ପଢ଼ା ପାଠ ନ ଥିବାରୁ ଆଉ କାହା ସ୍ୱପ୍ନ ଯେପରି ମଉଳି ନ ଯାଉ ବୋଲି ବେଶି ସତର୍କ ହୋଇ ଯାଇଥିଲେ । ସ୍ତ୍ରୀ ଜଣଙ୍କ ଏପରି ସ୍ୱାମୀଙ୍କୁ ପାଇ ଭାରି ଖୁସି ହୋଇ ନିଜକୁ ଧନ୍ୟ ମନେ କରୁଥିଲେ । ଯଦି କୌଣସି କାମରେ ସ୍ତ୍ରୀ ଜଣଙ୍କ ରାତିରେ ଘରକୁ ଫେରନ୍ତି ସ୍ୱାମୀଙ୍କର କିଛି ଅସୁବିଧା ନ ଥିଲା ରାତିରେ ଆରାମରେ ଖାଇ ଶୋଇ ଯାଉଥିଲେ ।

ସ୍ୱାମୀଙ୍କର ବନ୍ଧୁ ଜଣଙ୍କ ସରକାରୀ ଚାକିରିଆ ସହିତ ଧନୀ ଲୋକ ବି ଥିଲେ । ସେ ଦିନେ ଦେଖା କରିବା ଆସିଲେ ସ୍ୱାମୀ ଜଣଙ୍କ ଏତେଦିନ ପରେ ବନ୍ଧୁଙ୍କୁ ପାଇ ତାଙ୍କର ଖାଦ୍ୟ ପାନୀୟ କଥା ବୁଝିବା ପାଇଁ ନିଜ ସ୍ତ୍ରୀକୁ କହିଲେ । ସହରିଆ ବନ୍ଧୁଙ୍କ ଖାଇବା କିଣିବାକୁ ହେଲେ ଘର ଠାରୁ ବଡ଼ ବଜାରକୁ ତ ନିହାତି ଯିବାକୁ ପଡିବ । ସେଥିପାଇଁ ସେ ନିଜେ ଯିବାକୁ ବାହାରିବା ତା ବନ୍ଧୁ ମନା କରୁଥିଲା। ସେ ନିଜ ପତ୍ନୀଙ୍କୁ ନେଇ ଆସିବାକୁ ହସି ଦେଇ କହିଲେ । ତାଙ୍କ ପାଇଁ ସ୍ତ୍ରୀ ଲୋକ ଜଣଙ୍କ ଏକା ଯାଉଥିବାରୁ ସେ ସହଯୋଗ କରିବାକୁ ମିଶି ଯିବା କହି ଗାଡ଼ିରେ ବସି ପଡିଲେ ।

ସେ ତାଙ୍କ ବନ୍ଧୁର ଭାବନାରେ ଆଶ୍ଚର୍ଯ୍ୟ ହୋଇ ଯାଉଥିଲା କେମିତି ସ୍ତ୍ରୀ ଲୋକଟି ସବୁ କାମ ଏକା କରି ପାରୁଛନ୍ତି । ସେ ନିଜ ସ୍ତ୍ରୀକୁ ସତରେ ଏତେ ସ୍ୱାଧୀନତା କିପରି ଦେଇଛନ୍ତି। ରାତି ବେଶି ହେବାରୁ ଖିଆ ପିଆ ସରିଲା ସାଙ୍ଗ ଦୁହେଁ ଢେର ସମୟ ଯାଇ କଥା ହେବା ପରେ ଶୋଇବା ପାଇଁ ସବୁ ବ୍ୟବସ୍ଥା ହୋଇ ଯାଇଥିଲା । ବାହାରୁ ଆସିଛି ବୋଲି ଅତିଥି ଗୃହରେ ତାକୁ ନିଦ ହେଉ ନ ଥିଲା । ଯାହା ହେଉ ମନରେ ଭାବୁଥିଲା ସେମାନେ ଭାରି ଖୁସିରେ ଅଛନ୍ତି ।

ଅଚାନକ ସେମାନେ ଶୋଇଥିବା ଘର ଭିତରୁ ପାଟି ଶୁଭୁଥିଲା କାହିଁକି ମୁଁ କହିଲି ବୋଲି ଖୁସି ମନରେ ମୋ ବନ୍ଧୁ ସହିତ ଗାଡ଼ିରେ ଯାଇ ବସି ପଡିଲ । ମୋର ଅଣପୁରୁଷ ଗୁଣ ପାଇଁ ମୁଁ ତୁମର ସବୁ ଖୁସିକୁ ଆଦରି ନେଇଛି ବୋଲି ତା ସାଙ୍ଗରେ ଗଲାବେଳେ ମନା ନ କରି କାହିଁକି ଯାଇ ପାରିଲ । ବିଚରା ସ୍ତ୍ରୀ ଲୋକଟା କାନ୍ଦି କହୁଥିଲା, ମୁଁ ତ ତୁମକୁ ଡରି ସାରା ଜୀବନ ତୁମ କଥାରେ କଣ୍ଢେଇ ପରି ନାଚି ବଞ୍ଚିବା କ'ଣ ଭୁଲି ଯାଇଛି ଆଜି ପୁଣି ତୁମ କଥାକୁ କିପରି ଯେ କାଟି ପାରିଥାନ୍ତି । ମୋର ଶେଷ ଇଚ୍ଛା ହେଉଛି ମୁଁ ତ ଜୀବନରେ ଖୁସି ପାଇ ପାରିଲି ନାହିଁ କିନ୍ତୁ ତୁମକୁ ଦୁନିଆ ଆଗରେ ହସିବାର ଅଭିନୟ ଶିଖାଇ ବଞ୍ଚି ଥାଉଁ ଥାଉଁ ମାରି ଦେଇ ନିଜର ପ୍ରତିଶୋଧ ପୁରା କରିବି । ତମେ ମୋର ଏହି ମାଇଚିଆ ଗୁଣ ପାଇଁ କଲେଜ ଭିତରେ ଚାପୁଡ଼ା ମାରିବା କଥା ଆଜି ଯାଏ ମୋ ଗାଲରେ ବିଷ ଭରି ଦେଇଛି। ଯାହାକୁ କେବେ ଭୁଲି ପାରିବି ନାହିଁ ।

ବନ୍ଧୁ ଜଣଙ୍କ ପିଲାଟି ଦିନରୁ ତାକୁ ଭଲ ଭାବି ଆସିଥିବା ପିଲାଟା କାହିଁକି ଏତେ ବଦଳି ଯାଇଛି ଭାବି ହେଉଥିବା ସମୟରେ ରାତି ପାହି ସକାଳ ହେବାକୁ ବସିଥିଲା । ବେଶି ସମୟ ରହିବାକୁ ଆଉ ପସନ୍ଦ ନ କରି ଯଥା ସମ୍ଭବ ବିଦାୟ ନେଇ ସେଠାରୁ ଚାଲି ଯାଇଥିଲା । ସ୍ୱାମୀ ଜଣଙ୍କ ଅଚାନକ ସାଙ୍ଗର ଚାଲି ଯିବାର କାରଣ ନିଶ୍ଚୟ ନିଜ ସ୍ତ୍ରୀ ହୋଇଥିବ ସନ୍ଦେହ କରି ମାଡ଼ ମାରିବାକୁ ଆଗେଇ ଆସିଥିଲା । ସେ ମାଡ଼ ଏତେ ଯେ ଭୟଙ୍କର ସ୍ତ୍ରୀ ଲୋକଟି ନିଜକୁ ଆଉ ବଞ୍ଚାଇ ପାରିବା ବେଶି କଷ୍ଟ ଅନୁଭବ କରି ସ୍ୱାମୀଙ୍କ ବନ୍ଧୁ ଘରେ ସବୁଦିନ ପାଇଁ ରହିବାକୁ ବାଛି ନେଇଥିଲା। ଗୋଟେ ସାହାଯ୍ୟ ଭିକ୍ଷା ମାଗୁଥିବା ଦୁଃଖିନୀ ଭଉଣୀଟିଏ ଭଳି କହିଲେ ଚଳେ । ସ୍ୱାମୀ ଜଣଙ୍କ ଅଚାନକ ଅନେକ ବର୍ଷ ପରେ ସେ ଦୁହିଁଙ୍କୁ ଦେଖି ସହି ପାରିଲା ନାହିଁ । ଆଉ କାହାକୁ ଧୋକା ଦେଇ ବଞ୍ଚିବା ମାରିବାକୁ ବାଛି ନେଇଥିଲା ।

ସେ ଦିନେ ଗାଡି ପୋଲ ଉପରେ ରଖି ତଳକୁ ଡେଇଁବାକୁ ଯାଉଥିବା ବେଳେ ସୌଭାଗ୍ୟ ବଶତଃ ତାର ସେଇ ବନ୍ଧୁ ଜଣଙ୍କର ଅଚାନକ ନଜର ପଡି ଯିବାରୁ ତାକୁ ବଞ୍ଚାଇ ଦେଇଥିଲା । ଆଉ କିଛି ନ କହି ତା ଘରକୁ ନେଇ ଯିବାରୁ ସବୁ ଘଟଣା ତା ସ୍ତ୍ରୀ ପଛରେ ଜାଣିବା ପରେ ଦୁଃଖ କରିବା ସହିତ ଭୋ ଭୋ କରି କାନ୍ଦୁଥିଲା। ସେ ପାଖରେ ନ ରହି ପାରେ ସତ କିନ୍ତୁ କେବେ ନଷ୍ଟ ଚରିତ୍ର ଭଳି ସ୍ୱାମୀ ଥାଉଁ ଥାଉଁ କିଛି ଖରାପ କାର୍ଯ୍ୟ ବଞ୍ଚିଥିବା ଯାଏ କରିନାହିଁ କି କେବେ କରି ପାରିବ ନାହିଁ । ସ୍ୱାମୀ ଜଣଙ୍କ ପାଦ ତଳେ ପଡି ନିଜର ଭୁଲ ପାଇଁ କ୍ଷମା ମାଗୁଥିବା ବେଳେ ସ୍ତ୍ରୀ ଲୋକଟି ହାତକୁ ଧରି ପକାଇ ଯଦି ଭୁଲ ହୋଇ ଯାଇଛି ମୋର ଦୋଷକୁ ବଡ଼ ପଣରେ କ୍ଷମା କରି ଚରଣରେ ଦାସୀ ହୋଇ ରହି ପାରିଲେ ମୋ ଜୀବନ ଧନ୍ୟ ହୋଇ ଯିବ ନିଜ ଆଖି ଲୁହକୁ ପୋଛି କହୁଥିଲା ।

♥ ସା /ପୋ - ଅଣ୍ଟିଆ,
ଜିଲ୍ଲା - ଯାଜପୁର
ମୋ - ୯୧୭୮୩୧୩୬୪୪

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୨୭ ସେପ୍ଟେମ୍ବର ୨୦୨୬
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ବଦଳୁଛି ବିଶ୍ୱ ଶକ୍ତିର ସମୀକରଣ ବ୍ରିକ୍ସ, ସଂସ୍କାର ଓ ଉଦୀୟମାନ ଭାରତ

## ଭୃଗୁରାଜ ଆଚାର୍ଯ୍ୟ



ଏକବିଂଶ ଶତାବ୍ଦୀର ଆନ୍ତର୍ଜାତୀୟ ରାଜନୀତି ଓ ଅର୍ଥନୀତି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି। ବିଶ୍ୱ ଶାସନ ବ୍ୟବସ୍ଥାରେ ଏକଦା ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଯେଉଁ ଏକଚାଟିଆ ଆଧିପତ୍ୟ ଥିଲା, ତାହା ଆଜି ଧୀରେ ଧୀରେ ପ୍ରଶ୍ନବାଚୀ ଘେରକୁ ଆସୁଛି। ଏହି ପରିବର୍ତ୍ତିତ ପରିପ୍ରେକ୍ଷୀରେ ବ୍ରିକ୍ସ (BRICS) କେବଳ ଏକ ଆନ୍ତର୍ଜାତୀୟ ମଞ୍ଚ ଭାବେ ନୁହେଁ, ବରଂ ବିଶ୍ୱ ଶକ୍ତି ସନ୍ତୁଳନକୁ ପୁନଃନିର୍ଦ୍ଧାରଣ କରୁଥିବା ଏକ ପ୍ରମୁଖ କାରକ ଭାବେ ଉଭା ହୋଇଛି। ଗୋଟିଏ ପଟେ ବିଶ୍ୱର ବିକାଶଶୀଳ ରାଷ୍ଟ୍ର ବା ଗ୍ଲୋବାଲ ସାଉଥ୍‌ର ନିଜସ୍ୱ ସ୍ୱରକୁ ସାମନାକୁ ଆଣିବା ଏବଂ ଅନ୍ୟପଟେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମ୍ଭାବ୍ୟ ସଂଘର୍ଷକୁ ଏଡ଼ାଇ ସହଯୋଗର ବାତାବରଣ ସୃଷ୍ଟି କରିବା ଏହି ଦୁଇଟି ଆହ୍ୱାନ ମଧ୍ୟରେ ଭାରତ ଆଜି ଏକ କୂଟନୈତିକ ସେତୁ ସାଜିଛି।

### ଅର୍ଥନୈତିକ ଆଦ୍ୟାକ୍ଷରରୁ କୂଟନୈତିକ ମଞ୍ଚ ବ୍ରିକ୍ସର ବିକାଶ ଯାତ୍ରା

ବ୍ରିକ୍ସର ଇତିହାସକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ, ଏହା କୌଣସି ବିଚାରଧାରାଗତ ବା ସାମରିକ ଚୁକ୍ତିରୁ ଜନ୍ମ ନେଇନଥିଲା। ୨୦୦୬ ମସିହାରେ ପ୍ରସିଦ୍ଧ ଗୋଲ୍ଡମ୍ୟାନ୍ ସ୍ୟାକ୍ସ ସଂସ୍ଥାର ଅର୍ଥଶାସ୍ତ୍ରୀ ଜିମ୍ ଓ୍ୱମ୍ ନିଲ୍ ପ୍ରଥମ କରି (BRIC ବ୍ରାଜିଲ, ରୁଷ, ଭାରତ ଓ ଚୀନ୍ ) ଶବ୍ଦଟିର ପ୍ରୟୋଗ କରିଥିଲେ। ସେତେବେଳେ ଏହା କେବଳ ଏକ ଅର୍ଥନୈତିକ ଆକଳନ ଥିଲା, ଯାହାର ଭବିଷ୍ୟବାଣୀ ଥିଲା ଯେ ଏହି ଚାରୋଟି ଉଦୀୟମାନ ଅର୍ଥବ୍ୟବସ୍ଥା ଆଗାମୀ ଦିନରେ ବିଶ୍ୱ ଅର୍ଥନୀତିର ଗତିପଥ ନିୟନ୍ତ୍ରଣ କରିବେ।

ତେବେ ଖୁବ୍ କମ୍ ସମୟ ମଧ୍ୟରେ ଏହି ଅର୍ଥନୈତିକ ସଂଜ୍ଞାଟି ଏକ ଶକ୍ତିଶାଳୀ କୂଟନୈତିକ ମଞ୍ଚରେ ରୂପାନ୍ତରିତ ହେଲା। ମସିହାରେ ଆନୁଷ୍ଠାନିକ ଭାବେ ଗଠିତ ହେବା ପରେ ୯ରେ ରୁଷର ୟେକାତେରିନବର୍ଗଠାରେ ଏହାର ପ୍ରଥମ ଶୀର୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମସିହାରେ ଦକ୍ଷିଣ ଆଫ୍ରିକା ସାମିଲ ହେବା ପରେ ଏହା ବ୍ରିକ୍ସରେ ପରିଣତ ହେଲା। ସମ୍ପ୍ରତି ୨୦୨୪ରେ ମିଶର, ଇଥିଓପିଆ, ଇରାନ, ସଂଯୁକ୍ତ ଅରବ ଏମିରେଟ୍ସ ଏବଂ ୨୫ରେ ଇଣ୍ଡୋନେସିଆ ଏଥିରେ ଯୋଗଦେବା ପରେ ଏହି ସଂଗଠନର ଆକାର ଓ ପ୍ରଭାବ ବହୁଗୁଣିତ ହୋଇଛି। ଏହା ବ୍ୟତୀତ ସହଯୋଗୀ ଦେଶ ବର୍ଗ ମାଧ୍ୟମରେ ଆହୁରି ଅନେକ ଦେଶ ଏହା ସହ ଯୋଡ଼ିହୋଇଛନ୍ତି।

ଏହି ବ୍ୟାପକ ସମ୍ପ୍ରସାରଣ ଏକ ବଡ଼ ସଙ୍କେତ ଦିଏ ବିଶ୍ୱର ବିକାଶଶୀଳ ଦେଶଗୁଡ଼ିକ ଆଉ କେବଳ ପାଶ୍ଚାତ୍ୟ ନୀତିର ଅନୁଗାମୀ ହୋଇ ରହିବାକୁ ଚାହୁଁନାହାନ୍ତି ବରଂ ନିଜର ଭାଗ୍ୟ ଓ ବିଶ୍ୱ ନୀତି ନିର୍ଦ୍ଧାରଣରେ ସକ୍ରିୟ ଭାଗୀଦାର ହେବାକୁ ଚାହୁଁଛନ୍ତି।

### ବିଶ୍ୱ ବ୍ୟବସ୍ଥାର ସଂସ୍କାର ଓ ଗ୍ଲୋବାଲ ସାଉଥ୍‌ର ସ୍ୱର

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଗଠିତ ସଂଯୁକ୍ତ ରାଷ୍ଟ୍ରସଂଘ, ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି । ଏବଂ ବିଶ୍ୱବ୍ୟାଙ୍କ ଭଳି ଅନୁଷ୍ଠାନଗୁଡ଼ିକ ସେହି ସମୟର ବିଜେତା ରାଷ୍ଟ୍ରମାନଙ୍କ ଆଧିପତ୍ୟକୁ ପ୍ରତିଫଳିତ କରୁଥିଲେ। ମାତ୍ର ଏକବିଂଶ ଶତାବ୍ଦୀର ଜନସଂଖ୍ୟା, ଅର୍ଥନୀତି ଓ ପ୍ରଯୁକ୍ତିଗତ ବାସ୍ତବତା ସମ୍ପୂର୍ଣ୍ଣ ଅଲଗା। ବ୍ରିକ୍ସର ମୂଳ ଉଦ୍ଦେଶ୍ୟ କୌଣସି ନୂଆ ସାମରିକ ମେଣ୍ଟ ଗଢ଼ିବା କିମ୍ବା ସଂଯୁକ୍ତ ରାଷ୍ଟ୍ରସଂଘକୁ ବିକଳ୍ପ ଭାବେ ହଟାଇବା ନୁହେଁ ବରଂ ଏହାର ଲକ୍ଷ୍ୟ ହେଉଛି ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ଶକ୍ତି, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା।

ତଥାପି, ଏହାର ରାଜନୈତିକ ଗୁରୁତ୍ୱକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦ ୪୫୦ ଏବଂ ଅନ୍ତର୍ଜାତୀୟ ଆର୍ଥିକ ଅନୁଷ୍ଠାନଗୁଡ଼ିକରେ ଗଠନମୂଳକ ସଂସ୍କାର ପାଇଁ ବ୍ରିକ୍ସ ଦେଶଗୁଡ଼ିକ ଦାବି କରିଆସୁଛନ୍ତି। ବର୍ତ୍ତମାନର ଅନ୍ତର୍ଜାତୀୟ ଆର୍ଥିକ ଓ ରାଜନୈତିକ ଢାଞ୍ଚାରେ ବିକାଶଶୀଳ ଦେଶଗୁଡ଼ିକୁ ସମାନ ପ୍ରତିନିଧିତ୍ୱ ଦେବା ପାଇଁ ବ୍ରିକ୍ସ ଏକ ବଳିଷ୍ଠ ଦାବିଦାର ଭାବେ ଉଭା ହୋଇଛି।

### ଦିଲ୍ଲୀ ଶୀର୍ଷ ସମ୍ମିଳନୀ ଜଟିଳତା ମଧ୍ୟରେ ସହଯୋଗର ବାଟ

ସେପ୍ଟେମ୍ବର ୬ରେ ନୂଆଦିଲ୍ଲୀଠାରେ ଭାରତର ଆତିଥ୍ୟରେ ଅନୁଷ୍ଠିତ ୧୮ଶ ବ୍ରିକ୍ସ ଶୀର୍ଷ ସମ୍ମିଳନୀ ଏହି ଗୋଷ୍ଠୀର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ସ୍ଥିତିସ୍ଥାପକତା, ନବସୃଜନ, ସହଯୋଗ ଏବଂ ସୁସ୍ଥିରତା ପାଇ ନିର୍ମାଣ (Building for Resilience, Innovation, Cooperation and Sustainability)” ଶୀର୍ଷକ ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ଏହି ସମ୍ମିଳନୀ ସମ୍ପ୍ରସାରିତ ବ୍ରିକ୍ସର ଜଟିଳତା ଓ ସମ୍ଭାବନାକୁ ସ୍ପଷ୍ଟ କରିଥିଲା।

ବ୍ରିକ୍ସର ସବୁଠାରୁ ଭିନ୍ନ ଓ ରୋଚକ ଦିଗ ହେଉଛି, ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକର ରାଜନୈତିକ ବ୍ୟବସ୍ଥା, ଅର୍ଥନୈତିକ ମୋଡେଲ ଓ ସାମରିକ ସମ୍ପର୍କ ସମ୍ପୂର୍ଣ୍ଣ ପୃଥକ୍। ଚୀନ୍ ଓ ଭାରତ ମଧ୍ୟରେ ସୀମାନ୍ତ ବିବାଦ ଓ ପ୍ରତିଦ୍ୱନ୍ଦିତା ଥିବା ବେଳେ ଉଭୟ ପ୍ରମୁଖ ଆର୍ଥିକ ଭାଗୀଦାର। ସେହିପରି ରୁଷ ପାଶ୍ଚାତ୍ୟ ତିକ୍ତତା, ଇରାନର ଭୂ ରାଜନୈତିକ ସିତି ଏବଂ ଗଲ୍ଫ ଦେଶଗୁଡ଼ିକର ନିରପେକ୍ଷ ନୀତି ଏହାକୁ ଏକ ଜଟିଳ ସଂଗଠନ ବନାଇଛି।

ଏହି ଦେଶଗୁଡ଼ିକ ପ୍ରତ୍ୟେକ ମୁଦ୍ଦାରେ ଏକମତ ହେବା ଆବଶ୍ୟକ ନୁହେଁ ବରଂ ସେମାନେ ନିଜ ନିଜର ମତଭେଦ ସତ୍ତ୍ୱେ କେଉଁ କ୍ଷେତ୍ରରେ ଏକାଠି କାମ କରିପାରିବେ, ତାହା ଖୋଜିବା ହିଁ ଏହି ମଞ୍ଚର ପ୍ରକୃତ ଶକ୍ତି। ନୂଆଦିଲ୍ଲୀ ଘୋଷଣାପତ୍ରରେ ସାର୍ବଭୌମ ସମାନତା, ପାରସ୍ପରିକ ସମ୍ମାନ, ସମାବେଶିତ ଓ ସର୍ବସମ୍ମତି ନୀତିକୁ ପୁନଃଦୋହରା ଯାଇଛି।

### ବ୍ରିକ୍ସର କାର୍ଯ୍ୟଶୈଳୀ ଫାଇଦା ଓ ଦୁର୍ବଳତା

ୟୁରୋପୀୟ ୟୁନିଅନ୍ ଭଳି ବ୍ରିକ୍ସର କୌଣସି ସ୍ଥାୟୀ ସଂସଦ, ଅଦାଲତ କିମ୍ବା ଶକ୍ତିଶାଳୀ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ ନାହାନ୍ତି। ଏହାର ଅଧ୍ୟକ୍ଷତା ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ବାର୍ଷିକ ପର୍ଯ୍ୟାୟକ୍ରମେ (**Rotational**) ବଦଳିଥାଏ। ସରକାରଙ୍କ ଦ୍ୱାରା ନିଯୁକ୍ତ ବ୍ରିକ୍ସ ଶେରପା (**Sherpas**) ବରିଷ୍ଠ ଅଧିକାରୀମାନେ ନୀତିଗତ କାର୍ଯ୍ୟର ସମନ୍ୱୟ ରକ୍ଷା କରନ୍ତି।

ଏଠାରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତି ଆଧାରରେ ନିଆଯାଏ। ଏହାର ସ୍ପଷ୍ଟ ସୁବିଧା ହେଉଛି ଯେ, କୌଣସି ଗୋଟିଏ ବଡ଼ ଦେଶ ନିଜର ଇଚ୍ଛାକୁ ଅନ୍ୟମାନଙ୍କ ଉପରେ ଜୋର ଜବରଦସ୍ତ ଲଦିଦେଇ ପାରିବ ନାହିଁ। କିନ୍ତୁ ଏହାର ନକାରାତ୍ମକ ଦିଗ ହେଉଛି, ଯେତେବେଳେ ସଦସ୍ୟ ଦେଶଗୁଡ଼ିକର ଜାତୀୟ ସ୍ୱାର୍ଥରେ ସଂଘର୍ଷ ଦେଖାଦିଏ, ସେତେବେଳେ କୌଣସି ବଡ଼ ନିଷ୍ପତ୍ତି ନେବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ଗୋଷ୍ଠୀର ଆକାର ବୃଦ୍ଧି ପାଇବା ସହ ଏହି ଦୁର୍ବଳତା ଆଗାମୀ ଦିନରେ ଏକ ଆହ୍ୱାନ ସୃଷ୍ଟି କରିପାରେ।

ଆହ୍ୱାନ ଓ ସୀମାବଦ୍ଧତା ବ୍ରିକ୍ସର ଆକାର ବୃଦ୍ଧି ସାଙ୍ଗକୁ ଏହାର ଆଭ୍ୟନ୍ତରୀଣ ଆହ୍ୱାନଗୁଡ଼ିକ ମଧ୍ୟ ସାମ୍ନାକୁ ଆସୁଛି :

. ସଂହତିର ଅଭାବ ଏଗାରଟିରୁ ଉର୍ଦ୍ଧ୍ୱ ଦେଶର ଜାତୀୟ ଓ ଆଞ୍ଚଳିକ ପ୍ରାଥମିକତା ଭିନ୍ନ। ଗୋଟିଏ ଦେଶର ଆର୍ଥିକ ନୀତି ଅନ୍ୟ ଦେଶ ପାଇଁ କ୍ଷତିକାରକ ହୋଇପାରେ। .

ସୀମିତ ସାଂସ୍ଥାନିକ ବ୍ୟବସ୍ଥା ଏହାର ଆନୁଷ୍ଠାନିକ ଢାଞ୍ଚା ଦୁର୍ବଳ ହୋଇଥିବାରୁ ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟକାରିତା ପ୍ରାୟତଃ ଧୀର ହୋଇଥାଏ।

. ଆର୍ଥିକ ଏକତ୍ରୀକରଣର ଜଟିଳତା ନିଜସ୍ୱ ମୁଦ୍ରାରେ ବ୍ୟବସାୟ ଓ ବିକଳ୍ପ ପେମେଣ୍ଟ ବ୍ୟବସ୍ଥା ଡଲାର ଉପରେ ନିର୍ଭରଶୀଳତା କମାଇବା ପାଇଁ ଚର୍ଚ୍ଚା ଚାଲିଥିଲେ ବି, ବିଶ୍ୱସ୍ତରରେ ଏକ ସମ୍ପୂର୍ଣ୍ଣ ଏକୀକୃତ ଆର୍ଥିକ ବ୍ୟବସ୍ଥା ଗଢ଼ିବା କେବଳ ରାଜନୈତିକ ଭାଷଣରେ ସୀମିତ ରହିଯାଉଛି।

. ସ୍ୱାର୍ଥର ସଂଘର୍ଷ ସଦସ୍ୟ ସଂଖ୍ୟା ବଢ଼ିବା ସହ ବହୁବିଧ ଆଞ୍ଚଳିକ ବିବାଦ ଏହି ମଞ୍ଚକୁ ପ୍ରଭାବିତ କରିବାର ଆଶଙ୍କା ରହିଛି।

ତେଣୁ ବ୍ରିକ୍ସର ସଫଳତା କେବଳ ସଦସ୍ୟ ଦେଶଗୁଡ଼ିକର ପତାକା ସଂଖ୍ୟା ଉପରେ ନୁହେଁ, ବରଂ ସେମାନେ ବାସ୍ତବରେ କେତେ ଦୂର ଏକାଠି କାମ କରିପାରୁଛନ୍ତି, ତାହା ଉପରେ ନିର୍ଭର କରେ।

### ଭାରତର ସ୍ୱତନ୍ତ୍ର କୂଟନୈତିକ ସ୍ଥିତି

ବ୍ରିକ୍ସ ମଧ୍ୟରେ ଭାରତର ସ୍ଥାନ ଅତ୍ୟନ୍ତ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ। ଭାରତ ବ୍ରିକ୍ସର ସଂସ୍ଥାପକ ସଦସ୍ୟ ହେବା ସହିତ ଆମେରିକା, ୟୁରୋପ, ଜାପାନ, ଅଷ୍ଟ୍ରେଲିଆ ଓ ଗଲ୍ଫ ରାଷ୍ଟ୍ରଗୁଡ଼ିକ ସହ ମଧ୍ୟ ଉତ୍ତମ ସମ୍ପର୍କ ବଜାୟ ରଖୁଛି। ଭାରତ ଏକାସାଙ୍ଗରେ **G20**, କ୍ୱାଡ୍ (**Quad**), ଶାଂଘାଇ ସହଯୋଗ ସଂଗଠନ (**SCO**) ଏବଂ ବ୍ରିକ୍ସ ଭଳି ପରସ୍ପର ବିରୋଧୀ ଭାବପନ୍ନ ମଞ୍ଚଗୁଡ଼ିକରେ ସକ୍ରିୟ।

ଏହି ବହୁମୁଖୀ କୂଟନୀତି ଭାରତକୁ ସାମରିକ ସ୍ୱାୟତ୍ତତା (**Strategic Autonomy**) ପ୍ରଦାନ କରିଛି ଭାରତ ବିଶ୍ୱକୁ କୌଣସି ଗୋଟିଏ ସାମରିକ ଶିବିରର ଚଷମାରେ ଦେଖେନାହିଁ ବ୍ରିକ୍ସ ଭିତରେ ଭାରତ ଚୀନ୍ କିମ୍ବା ରୁଷର ପାଶ୍ଚାତ୍ୟବିରୋଧୀ ଆଜେଣ୍ଡାକୁ ସନ୍ଧାନପୂର୍ବକ ନିୟନ୍ତ୍ରଣ କରି ଏହାକୁ ଏକ ବ୍ୟାବହାରିକ ସହଯୋଗୀ ମଞ୍ଚ ଭାବେ ଗଢ଼ିତୋଳିବାକୁ ଚେଷ୍ଟା କରୁଛି। ଡିଜିଟାଲ୍ ସାକ୍ଷରତା, ସ୍ୱାସ୍ଥ୍ୟ ଖାଦ୍ୟ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରରେ ଭାରତର ନେତୃତ୍ୱ ବ୍ରିକ୍ସକୁ ଅଧିକ କାର୍ଯ୍ୟକ୍ଷମ କରୁଛି।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ଚିକିତ୍ସାରେ ଚେତନା, ଚର୍ଯ୍ୟାରେ ଚରିତ୍ର : ଡାକ୍ତର ପୂର୍ଣ୍ଣ ମହାପାତ୍ର

## ଡ. ଗୋଲକ ବିହାରୀ ଆଚାର୍ଯ୍ୟ





### ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା

‘ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲ୍‌କୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ। ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ। କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ୍ୟ ମ୍ଳାନ ହୋଇଯାଏ। ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ।’

ପ୍ରଫେସର ଡାକ୍ତର ପି. ସି. ମହାପାତ୍ର- ମାତୃତ୍ୱର ମହିମାରୁ ମାନବିକତାର ମହାକାବ୍ୟ ଯାଏଁ ଏକ ଅନନ୍ୟ ଯାତ୍ରା ଚିକିତ୍ସା କେବଳ ରୋଗର ରୂପ ଚିହ୍ନିବା ନୁହେଁ; ଏହା ରୋଗୀର ରୁଦନ ରୋକିବା, ରୁଗ୍ଣ ମନରେ ରଙ୍ଗ ଭରିବା ଓ ନିରାଶ ନୟନରେ ନୂଆ ନିଶାନ୍ତର ନୀଳିମା ନେଇଆସିବାର ଏକ ମହତ୍ ମାନବୀୟ ମିଶନ। ଔଷଧ ଅନେକ ଡାକ୍ତର ଦିଅନ୍ତି, କିନ୍ତୁ ଆଶ୍ୱାସ ଦେଇପାରନ୍ତି କେତେଜଣ? ଶରୀରର ବ୍ୟାଧି ବୁଝିବା ସହଜ, ମନର ମର୍ମ ବୁଝିବା କଷ୍ଟକର। ସେଇ କଷ୍ଟକର କାମଟିକୁ ଯେଉଁ ଚିକିତ୍ସକ କରୁଣା, କୌଶଳ ଓ କର୍ତ୍ତବ୍ୟବୋଧର କୋମଳ ସମନ୍ୱୟରେ ସହଜ କରିଦିଅନ୍ତି, ସେ ଡାକ୍ତର ନୁହନ୍ତି କେବଳ—ସେ ହୋଇଯାଆନ୍ତି ଜଣେ ଜୀବନ-ଶିଳ୍ପୀ।

ଚିକିତ୍ସା ବିଜ୍ଞାନର ବିଶାଳ ବିସ୍ତାର ମଧ୍ୟରେ ସ୍ତ୍ରୀରୋଗ ଓ ପ୍ରସୂତି ବିଜ୍ଞାନର ସ୍ଥାନ ସ୍ୱତନ୍ତ୍ର, ସ୍ପର୍ଶକାତର ଓ ସ୍ନେହସିକ୍ତ। ନାରୀର ନବଯୌବନରୁ ନବମାତୃତ୍ୱ, ଗର୍ଭଧାରଣର ଗୁପ୍ତ ଆନନ୍ଦରୁ ପ୍ରସବବେଦନାର ପ୍ରବଳ ପ୍ରହର, ମାତୃତ୍ୱର ମଧୁର ମୁହୂର୍ତ୍ତରୁ ମଧ୍ୟବୟସର ନିରବ ନାନା ନାରୀ-ସମସ୍ୟା—ଏହି ବିଜ୍ଞାନ ଜଣେ ନାରୀର ଜୀବନର ପ୍ରାୟ ପ୍ରତ୍ୟେକ ପର୍ବର ପାହାରାଦାର। ତେଣୁ ଜଣେ ଗାଇନୋକୋଲୋଜିଷ୍ଟ କେବଳ ରୋଗ ଚିକିତ୍ସା କରନ୍ତି ନାହିଁ; ସେ ଆଶାର ଅଙ୍କୁରକୁ ଅକାଳ ଅନ୍ଧକାରରୁ ରକ୍ଷା କରନ୍ତି, ମାତୃତ୍ୱର ମହତ୍ତ୍ୱକୁ ମର୍ଯ୍ୟାଦା ଦିଅନ୍ତି ଓ ଅନେକ ପରିବାରର ଭବିଷ୍ୟତକୁ ନିରାପଦ କରନ୍ତି।

ଏହି ସମ୍ବେଦନଶୀଳ, ସଂକଟସଙ୍କୁଳ ଓ ସେବାସଂପୃକ୍ତ କ୍ଷେତ୍ରରେ ନିଜର ଜ୍ଞାନ, ଜିଜ୍ଞାସା, ଜୀବନବୋଧ ଓ ଜନସେବାର ଜ୍ୱାଳା ଜଳାଇ ଯେଉଁ ବ୍ୟକ୍ତିତ୍ୱ ଦୀର୍ଘ ଦିନ ଧରି ଆଲୋକ ବିଛୁରିତ କରିଆସିଛନ୍ତି, ସେ ହେଉଛନ୍ତି ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର—ସ୍ନେହରେ ପରିଚିତ ଡାକ୍ତର ପି. ସି. ମହାପାତ୍ର।

ତାଙ୍କର ପରିଚୟ ଏକ ପଦବୀରେ ପରିବେଷ୍ଟିତ ନୁହେଁ। ସେ ଜଣେ ପ୍ରତିଷ୍ଠିତ ଅବଷ୍ଟ୍ରେସିଆନ୍ ଓ ଗାଇନୋକୋଲୋଜିଷ୍ଟ, ଜଣେ ଅଭିଜ୍ଞ ଅଧ୍ୟାପକ, ଜଣେ ଦକ୍ଷ ଶଲ୍ୟଚିକିତ୍ସକ, ଜଣେ ପ୍ରଶିକ୍ଷକ, ଜଣେ ପ୍ରତିଷ୍ଠାନ-ନିର୍ମାତା ଓ ସର୍ବୋପରି ଜଣେ ସହୃଦୟ ମଣିଷ। ଏହି ବହୁମୁଖୀ ବ୍ୟକ୍ତିତ୍ୱର ସବୁଠାରୁ ମୂଲ୍ୟବାନ ପାଟିଟି ହୁଏତ ତାଙ୍କର ‘ଶିକ୍ଷକ’ ସ୍ୱରୂପ।

୧୯୮୬ରୁ ଅବ୍‌ଷ୍ଟେଟ୍ରିକ୍ସ ଓ ଗାଇନୋକୋଲୋଜି ବିଷୟରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଆସିବା ତାଙ୍କ ଅଧ୍ୟାପକ ଜୀବନର ଦୀର୍ଘତା ନୁହେଁ କେବଳ, ଏହା ତାଙ୍କ ଜ୍ଞାନଦାନର ଜୀବନ୍ତ ଜନପଥ। ଏସ୍.ସି.ବି. ମେଡିକାଲ୍ କଲେଜ ଓ ହସ୍ପିଟାଲ୍, କଟକର ଅବଷ୍ଟ୍ରେଟ୍ରିକ୍ସ ଓ ଗାଇନୋକୋଲୋଜି ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଭାବରେ ଏବଂ ଭୀମସାର, ବୁର୍ଲାର ପ୍ରଫେସର ଭାବରେ ସେ ଯେଉଁ ଶିକ୍ଷାର ଶିଖା ପ୍ରଜ୍ୱଳିତ କରିଛନ୍ତି, ତାହା ଆଜି ଅନେକ ଚିକିତ୍ସକଙ୍କ କାର୍ଯ୍ୟରେ ପ୍ରତିଫଳିତ।

ଜଣେ ଭଲ ଶିକ୍ଷକ ଛାତ୍ରକୁ ପଢ଼ାନ୍ତି; ଜଣେ ମହାନ ଶିକ୍ଷକ ଛାତ୍ରକୁ ଗଢ଼ନ୍ତି। ଡାକ୍ତର ମହାପାତ୍ରଙ୍କର ବିଶେଷତ୍ୱ ଏଇଠି—ସେ କେବଳ ପାଠ ପଢ଼ାଇନାହାନ୍ତି, ପେଶାର ପ୍ରଜ୍ଞା, ପ୍ରକ୍ରିୟାର ପାରଦର୍ଶିତା ଓ ରୋଗୀ ପ୍ରତି ମାନବିକତାକୁ ମିଶାଇ ଚିକିତ୍ସକ ତିଆରି କରିଛନ୍ତି।

ଶିକ୍ଷାକୁ ସେ ଶ୍ରେଣୀକକ୍ଷର ଚାରି କାନ୍ଥ ମଧ୍ୟରେ ବନ୍ଦୀ କରି ରଖିନାହାନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଗାଇନୋକୋଲୋଜିଷ୍ଟମାନଙ୍କୁ ଆଣି କୌଶଳ ବିକାଶର ସୁଯୋଗ ଦେବା, ଇ-ଗୁରୁକୁଳ ମାଧ୍ୟମରେ ଶିକ୍ଷାକୁ ଦୂରଦୂରାନ୍ତରେ ପହଞ୍ଚାଇବା, ଅବଷ୍ଟ୍ରେଟ୍ରିକ୍ସ ଓ ଗାଇନୋକୋଲୋଜି ଟିଚର୍ସ ଫୋରମ୍ ଅଫ୍ ଇଣ୍ଡିଆ ଗଠନ କରିବା—ଏସବୁ ତାଙ୍କର ଜ୍ଞାନକୁ ଜନଜ୍ଞାନ କରିବାର ଅବିରତ ପ୍ରୟାସର ପ୍ରମାଣ।

ଓଡ଼ିଶାରେ ଗାଇନେକୋଲୋଜିକାଲ୍ ଏଣ୍ଡୋସ୍କୋପିକ୍ ଟ୍ରେନିଂ ସେଣ୍ଟର ସ୍ଥାପନ ତାଙ୍କର ଅନ୍ୟତମ ଉଲ୍ଲେଖନୀୟ ପଦକ୍ଷେପ। ୨୦୦୫ରେ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଦୁଇ ଦଶନ୍ଧି ଧରି ଦେଶର ବିଭିନ୍ନ ସ୍ଥାନର ଚିକିତ୍ସକମାନେ ନୂଆ କୌଶଳ ଶିଖିବାର ସୁଯୋଗ ପାଇଛନ୍ତି। ଚିକିତ୍ସା ବିଜ୍ଞାନରେ ପ୍ରତିଦିନ ପରିବର୍ତ୍ତନ; କିନ୍ତୁ ଡାକ୍ତର ମହାପାତ୍ରଙ୍କର ମନୋଭାବ ଥିଲା—ନୂଆ ଜ୍ଞାନକୁ ନିଜ ମଧ୍ୟରେ ରଖିବା ନୁହେଁ, ନୂଆ ଜ୍ଞାନକୁ ନୂଆ ପିଢ଼ିର ହାତରେ ହସ୍ତାନ୍ତର କରିବା।

ଏହି ନବଚେତନା ତାଙ୍କର ଚିକିତ୍ସା ପଦ୍ଧତିରେ ମଧ୍ୟ ପ୍ରକାଶିତ। ଓଡ଼ିଶାରେ ଗାଇନୋକୋଲୋଜିକାଲ୍ ଏଣ୍ଡୋସ୍କୋପି ଓ ମିନିମାଲି ଇନଭେସିଭ୍ ସର୍ଜରିର ବିକାଶରେ ତାଙ୍କର ପ୍ରାରମ୍ଭିକ ଅବଦାନ ରହିଛି। ପ୍ରଜନନ ସହାୟକ ପ୍ରଯୁକ୍ତି ବା **ART** କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଅଗ୍ରଣୀ ପଦକ୍ଷେପ ସହ ତାଙ୍କ ନାମ ଯୋଡ଼ିତ। ଆଧୁନିକ ଚିକିତ୍ସାର ନୂତନ ନୂତନ ସମ୍ଭାବନାକୁ ଓଡ଼ିଶାର ମାଟିରେ ମୂଳ ଧରାଇବାର ଏହି ଉଦ୍ୟମ ତାଙ୍କର ଦୂରଦୃଷ୍ଟିର ପରିଚୟ।

କିନ୍ତୁ ଜ୍ଞାନର ଜାକଜମକଠାରୁ ମଣିଷର ମନକୁ ଅଧିକ ମୂଲ୍ୟ ଦେଇଥିବା ଏହି ଚିକିତ୍ସକଙ୍କର ସବୁଠାରୁ ମହାନ ଶକ୍ତି ହେଉଛି ତାଙ୍କର ମାନବିକ ମନ।

ଜଣେ ନାରୀ ଗାଇନୋକୋଲୋଜିଷ୍ଟଙ୍କ ପାଖକୁ ଆସିଲେ ସେ ସବୁବେଳେ କେବଳ ଏକ ରୋଗ ନେଇ ଆସନ୍ତି ନାହିଁ। ତାଙ୍କ ସହ ଆସେ ଲଜ୍ଜା, ଲାଜ, ଭୟ, ଭାବନା, ଆଶଙ୍କା ଓ ଅନେକ ଅକୁହା କଥା। ଏପରି ସମୟରେ ଡାକ୍ତରଙ୍କର ଜ୍ଞାନ ଯେତିକି ଆବଶ୍ୟକ, ତାଙ୍କର ଆଚରଣ ମଧ୍ୟ ସେତିକି ଆବଶ୍ୟକ। ଡାକ୍ତର ମହାପାତ୍ରଙ୍କର ପିତୃସୁଲଭ ବ୍ୟବହାର ଅନେକ ମହିଳାଙ୍କୁ ନିଜର ସମସ୍ୟା ନିର୍ଭୟରେ କହିବାର ସାହସ ଦେଇଛି—ଏହା ତାଙ୍କର ଚିକିତ୍ସାଜୀବନର ଏକ ଅଲିଖିତ କିନ୍ତୁ ଅମୂଲ୍ୟ ଅଧ୍ୟାୟ।

ରୋଗୀର ଦୁଃଖକୁ ଦେଖି ଔଷଧ ଲେଖିଦେବା ସହଜ; ରୋଗୀର ଆବଶ୍ୟକତା ବୁଝି ଅନାବଶ୍ୟକ ଔଷଧରୁ ଦୂରେ ରଖିବା ଅଧିକ ବଡ଼ ଚିକିତ୍ସାବୋଧ। ତାଙ୍କର ଚିକିତ୍ସାଚର୍ଯ୍ୟାରେ ଏହି ସଂଯମ, ସମ୍ବେଦନା ଓ ସହାନୁଭୂତିର କଥା ତାଙ୍କୁ ରୋଗୀଙ୍କ ନିକଟରେ ଜଣେ ଚିକିତ୍ସକରୁ ଅଧିକ—ଜଣେ ଆପଣାର ମଣିଷରେ ପରିଣତ କରିଛି।

ତାଙ୍କର ସେବାର ପରିସର ମେଡିକାଲ୍ କଲେଜ କିମ୍ବା ନର୍ସିଂହୋମର ନିର୍ଦ୍ଦିଷ୍ଟ ସୀମାରେ ଅଟକି ରହିନାହିଁ। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଜରୁରୀ ପ୍ରସୂତି ସେବା, ମହିଳା ସ୍ୱାସ୍ଥ୍ୟ ସଚେତନତା ଓ ସାମାଜିକ ସେବା ସହ ତାଙ୍କର ଅନେକ ପ୍ରୟାସ ଯୋଡ଼ିତ। ପ୍ରାଚୀ ଇନଷ୍ଟିଚ୍ୟୁଟ୍ ଫର୍ ମଦର୍ ଆଣ୍ଡ ଚାଇଲ୍ଡ କେୟାର୍ ତାଙ୍କର ସେବା-ସ୍ୱପ୍ନର ଏକ ପ୍ରତିଫଳନ। ସେହିପରି ପ୍ରାଚୀ ଏଡୁକେସନ୍ ଫାଉଣ୍ଡେସନ୍ ମାଧ୍ୟମରେ ଜ୍ଞାନ ଓ କୌଶଳ ବିକାଶର ଯେଉଁ ପ୍ରୟାସ ଚାଲିଛି, ତାହା ତାଙ୍କର ଚିକିତ୍ସା-ଚେତନାକୁ ଶିକ୍ଷା-ଚେତନା ସହ ଯୋଡ଼ିଦିଏ।

ଜାତୀୟ ସ୍ତରରେ ମଧ୍ୟ ତାଙ୍କର ନେତୃତ୍ୱ ଉଲ୍ଲେଖନୀୟ। FOGSIର ସଭାପତି ଭାବରେ ୨୦୧୧ରେ ଦାୟିତ୍ୱ ନିର୍ବାହ, SAFOGରେ ପ୍ରତିନିଧିତ୍ୱ, AICOGର ବିଭିନ୍ନ ଅଧିବେଶନର ଆୟୋଜନରେ ନେତୃତ୍ୱ, ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ୬୧ତମ **AICOG**ର Organising Chairperson ଭାବରେ ଭୂମିକା—ଏସବୁ ତାଙ୍କର ସାଙ୍ଗଠନିକ ସାମର୍ଥ୍ୟର ସାକ୍ଷୀ। ଓଡ଼ିଶା ଓଗଇର ସଭାପତି ଭାବରେ ମଧ୍ୟ ସେ ଦାୟିତ୍ୱ ନିର୍ବାହ କରିଛନ୍ତି।

କିନ୍ତୁ ଏତେ ସମ୍ମାନ, ସଫଳତା ଓ ସ୍ୱୀକୃତି ମଧ୍ୟରେ ଡାକ୍ତର ମହାପାତ୍ରଙ୍କର ସର୍ବଶ୍ରେଷ୍ଠ ପରିଚୟ ବୋଧହୁଏ ପଦବୀରେ ନୁହେଁ, ପ୍ରଭାବରେ।

ଜଣେ ଡାକ୍ତରଙ୍କର ହାତରେ ଜଣେ ରୋଗୀର ଜୀବନ ସୁସ୍ଥ ହୁଏ; ଜଣେ ଶିକ୍ଷକଙ୍କର ହାତରେ ଅନେକ ଡାକ୍ତରଙ୍କର ଜୀବନ ଗଢ଼ିଉଠେ। ଡାକ୍ତର ମହାପାତ୍ର ଉଭୟ ଭୂମିକାକୁ ଏକାକାର କରିଛନ୍ତି। ସେ ଅସଂଖ୍ୟ ରୋଗୀଙ୍କ ଜୀବନରେ ସ୍ୱାସ୍ଥ୍ୟର ସ୍ପର୍ଶ ଦେଇଛନ୍ତି, ଅନେକ ମା’ଙ୍କ ଅଧରରେ ଆଶ୍ୱାସର ହସ ଫୁଟାଇଛନ୍ତି, ଏବଂ ଅନେକ ଯୁବ ଗାଇନୋକୋଲୋଜିଷ୍ଟଙ୍କ ହାତକୁ ଦକ୍ଷତାର ଦିଗଦର୍ଶନ ଦେଇଛନ୍ତି।

ତାଙ୍କ ଜୀବନର ସାରକଥା ଯଦି ଦୁଇଟି ଶବ୍ଦରେ କହିବାକୁ ହୁଏ—‘ସେବା’ ଓ ‘ସଂସ୍କାର’। ସେବାରେ ରୋଗୀ ସୁସ୍ଥ ହୁଏ; ସଂସ୍କାରରେ ଚିକିତ୍ସାର ଭବିଷ୍ୟତ ସୁସ୍ଥ ହୁଏ।

ଲୋକକଥାରେ ଅଛି—“ଜ୍ଞାନ ଦେଲେ ଜ୍ଞାନ ବଢ଼େ, ଦୀପ ଜାଳିଲେ ଦୀପ ଲିଭେ ନାହିଁ।” ଡାକ୍ତର ପି. ସି. ମହାପାତ୍ରଙ୍କ ଜୀବନ ଏହି ପୁରାତନ ପ୍ରବଚନର ଏକ ଜୀବନ୍ତ ଭାଷ୍ୟ। ସେ ଜ୍ଞାନର ଦୀପ ଜାଳିଛନ୍ତି, ଦକ୍ଷତାର ଦୀପ ଜାଳିଛନ୍ତି, ମାନବିକତାର ଦୀପ ଜାଳିଛନ୍ତି—ଏବଂ ସେହି ଦୀପରୁ ଅନେକ ଦୀପ ଜଳି ଆଜି ଅନେକ ଘରକୁ ଆଲୋକିତ କରୁଛି।

କୁହାଯାଏ—“ଡାକ୍ତର ଦେହକୁ ଦେଖନ୍ତି, ଦେବତା ଦୁଃଖକୁ ଦେଖନ୍ତି।” କିନ୍ତୁ ଯେଉଁ ଡାକ୍ତର ଦେହର ବ୍ୟାଧି ସହ ମନର ବ୍ୟଥାକୁ ମଧ୍ୟ ବୁଝନ୍ତି, ଯେଉଁ ଶିକ୍ଷକ ଜ୍ଞାନ ସହ ଜୀବନବୋଧ ଦିଅନ୍ତି, ଯେଉଁ ମଣିଷ ନିଜ ସଫଳତାକୁ ନିଜ ପାଖରେ ରଖିନଥାଇ ପରବର୍ତ୍ତୀ ପିଢ଼ିକୁ ପ୍ରଦାନ କରନ୍ତି—ତାଙ୍କୁ କେବଳ ‘ଡାକ୍ତର’ କହିଲେ କି ତାଙ୍କର ପରିଚୟ ପୂର୍ଣ୍ଣ ହୁଏ?

ନା।

କାରଣ କେତେକ ମଣିଷ ପେଶା କରନ୍ତି;
କେତେକ ମଣିଷ ପେଶାକୁ ପୂଜା କରନ୍ତି।
କେତେକ ଡାକ୍ତର ରୋଗ ଭଲ କରନ୍ତି;
କେତେକ ଡାକ୍ତର ମଣିଷର ମନରେ ଭରସା ଭରନ୍ତି।

କେତେକ ଶିକ୍ଷକ ପାଠ ପଢ଼ାନ୍ତି; କେତେକ ଶିକ୍ଷକ ପିଢ଼ି ପ୍ରସ୍ତୁତ କରନ୍ତି।

ପ୍ରଫେସର ଡାକ୍ତର ପି. ସି. ମହାପାତ୍ର ସେହି ଦୁର୍ଲଭ ଦ୍ୱିତୀୟ ଶ୍ରେଣୀର ମଣିଷ—ଯାହାଙ୍କ ହାତରେ ଚିକିତ୍ସା ହୋଇଛି ସେବା, ଶିକ୍ଷା ହୋଇଛି ସାଧନା ଓ ମାନବିକତା ହୋଇଛି ଜୀବନର ମହାମନ୍ତ୍ର।

ସେଇଥିପାଇଁ ତାଙ୍କ ପାଇଁ ଗୋଟିଏ କଥା ହିଁ ଯଥେଷ୍ଟ—

“ଯେ ଡାକ୍ତର ରୋଗ ସାରାନ୍ତି, ସେ ଚିକିତ୍ସକ;
ଯେ ଡାକ୍ତର ଆଶା ଫେରାନ୍ତି, ସେ ଆପଣାର;
ଆଉ ଯେ ଡାକ୍ତର ନିଜ ପରେ ମଧ୍ୟ ହଜାର ହାତରେ ଚିକିତ୍ସାର ଆଲୋକ ଜଳାଇ ଯାଆନ୍ତି—
ସେ ହୋଇଯାଆନ୍ତି ଏକ ଅନୁଷ୍ଠାନ।”

♥ କେଶଦୂରାପାଳ
କେନ୍ଦୁଝର- ୭୫୮୦୨୫
(ମୋ)୯୯୩୮୧୭୫୧୦୦

# ବିଶ୍ୱମାତାଙ୍କ ପାଇଁ ଦିନଟିଏ

## ଅଲେଖ ଚନ୍ଦ୍ର ସାମଲ



ଆଜି ବିଶ୍ୱ ପଶୁମଙ୍ଗଳ ଦିବସ । ସଚରାଚର ବ୍ରହ୍ମାଣ୍ଡରେ ପଶୁମାନଙ୍କ ସୁରକ୍ଷା ଓ ସେମାନଙ୍କର ମଣିଷ ସମାଜ ପ୍ରତି ଅବଦାନ ପାଇଁ ସ୍ମରଣୀୟ ଦିନଟିଏ ହେଉଛି ଆଜି । ଆମ ଆଖପାଖରେ ଦେଖୁଛୁ ଯେ ଆମ ମାନଙ୍କ ପାଇଁ ନିଜ ତମାମ୍ ଜୀବନକୁ ଉତ୍ସର୍ଗ କରିଥିବା ମୁକ ପ୍ରାଣୀ ପଶୁମାନଙ୍କ ପ୍ରତି ଆମର ଦରଦ କିଛି ନାହିଁ କହିଲେ ଚଳେ । ସ୍ୱାର୍ଥପର ଭାବରେ ଆମ୍ଭେମାନେ ସାରା ଜୀବନ ଗାଇଟିଏ ଠାରୁ କ୍ଷୀର ଖାଇବା ପରେ ବୁଢ଼ୀ ହୋଇଗଲା ପରେ ତାକୁ କଂସେଇ ହାତରେ ବିକ୍ରି କରିଦେଇଥାଉ । ସାରା ଜୀବନ ଚାଷ କାମ କରି ଚାଷୀ ବାପୁଡା ମୁହଁରେ ହସ ଫୁଟାଇ ଜୟ କିଶାନ ସ୍ଲୋଗାନକୁ ସତ୍ୟରେ ପରିଣତ କରୁଥିବା ବଳଦଟି ହଡା ହୋଇଗଲେ ଗୋରୁ ହାଟରେ ପଣ୍ୟ ହୋଇଯାଏ । ମାଲିକର ବୋଝ ବୋହି ବୋହି କୁଜା ହୋଇଯାଉଥିବା ଗଧଟିର ଶେଷ ଜୀବନ ବଡ଼ ଯନ୍ତ୍ରଣା ଦାୟକ ଥାଏ । କେବଳ ସେତିକି ନୁହେଁ ଘୋଡ଼ା ଠାରୁ ଓଟ ଜାତୀୟ ପଶୁ ମହାବଳ ବାଘ ଠାରୁ ଗଜରାଜ ହାତୀ ସମସ୍ତଙ୍କର ଜୀବନ ଆଜି ଅତ୍ୟନ୍ତ ଶୋଚନୀୟସ୍ଥିତିରେ । ପ୍ରଶ୍ନ ଉଠୁଛି ଏହା ପାଇଁ ଦାୟୀ କିଏ ? ଆମେ ମାନେ ସମସ୍ତେ ଦାୟିତ୍ୱର ବାହାନା, କର୍ତ୍ତବ୍ୟବୋଧର ଚାପ ଓ ନିୟତିର ଧାରଣାର ବଶବର୍ତ୍ତୀ ହୋଇ ନିଜେ ନିୟମକୁ ମୋଡ଼ିମାଡି ଶ୍ରେଷ୍ଠପ୍ରାଣୀ ମଣିଷ ହୋଇଥିବାରୁ ଏହି ହତଭାଗ୍ୟ ମୁକ ମାନଙ୍କ ବେଦନାକୁ ସିନା ବୁଝିପାରି ନଥାଉ ସେମାନଙ୍କର କୋହ ଓ ଲୁହ ନିଶ୍ଚିତ ଭାବରେ ଆମ୍ଭ ମାନଙ୍କୁ ବିଶ୍ୱାସଘାତକ ଭାବେ ପ୍ରମାଣିତ କରୁଛୁ । ଏହି ଲେଖକ ଗତବର୍ଷ ଭୟାବହ ବନ୍ୟାରେ ତାହା ଭୂଗୋଳ ପୋଥିପତରରେ ନାଁ ନଥିବା ଛୋଟିଆ ଗାଁ ରାଜନଗର ସନ୍ନିକଟ ନିଜ ଜନ୍ମସ୍ଥାନକୁ ଯାଇଥିବାବେଳେ ମୁକ ପଶୁମାନଙ୍କ ମୁହଁରେ ଦାନା ଦେବାପାଇଁ ଲୋକମାନଙ୍କର ଆକୁଳ ପ୍ରାର୍ଥନାକୁ ପ୍ରତ୍ୟକ୍ଷ ଭାପବରେ ନିଜେ ଦେଖିଥିଲା । କୃତ୍ୟକୃତ୍ୟ ହୋଇପଡ଼ିଥିଲା ଯେ ତାହା ଜନ୍ମ ସ୍ଥାନର ଲୋକମାନେ ପଶୁମାନଙ୍କ ଠାରୁ ପାଉଥିବା ସେବାର ପ୍ରତିବଦଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ଖାଇବାକୁ ପଛରେ ପକାଇ ଗୋରୁ ଗାଇଙ୍କ ପାଇଁ ଦାନା ଯୋଗାଡ଼ରେ ବ୍ୟସ୍ତ ରହିଥିଲେ ।

ମଣିଷ ହେଉଛି ଏ ସୃଷ୍ଟିର ଅମୃତସ୍ୟ ପୁତ୍ରାଃ । ଶାସ୍ତ୍ର ଭାଷାରେ ସେ ହେଉଛି ଅମୃତର ସନ୍ତାନ । ଏହି ଅମୃତର ସନ୍ତାନର ଶରୀର ଗଠନର ସବୁଠାରୁ ବଡ଼ ଭୂମିକା ତୁଲାଇଥାଏ କ୍ଷୀର। ଗୋମାତା ଏହି କ୍ଷୀର ପ୍ରଦାନ କରିଥାଏ ।



ଯିଏ ଦିନେ ତା ପ୍ରତିବଦଳରେ ମଣିଷକୁ କିଛି ବି ମାଗିନଥାଏ । ନିଃସ୍ୱାର୍ଥପର ଭାବରେ କ୍ଷୀର ପ୍ରଦାନ କରି ଶରୀର ଗଠନ ପାଇଁ ସେ ତାର କ୍ରାନ୍ତିକାରୀ ଭୂମିକା ତୁଲାଇଥାଏ ଯାହାପାଇଁ ସେ ହେଉଛି ବିଶ୍ୱମାତା ଗୋମାତା । ବଳଦ ସେହିପରି ମୁକ ପ୍ରାଣୀଟିଏ ଯିଏ ଚାଷ କ୍ଷେତ୍ରରେ ସୁନା ଫସଲ ପ୍ରଦାନ କରିଥାଏ । ତାହାରି ଭାରର ସାହାରାରେ ଜୟ କିଶାନର ସ୍ଲୋଗାନ ସତ୍ୟରେ ପରିଣତ ହୋଇଥାଏ ହେଲେ ହଡା ବଳଦର କାହାଣୀ ପରି ସେ ବାର୍ଦ୍ଧକ୍ୟରେ ପହଞ୍ଚିଲେ ତାହାର ଶେଷ ଜୀବନ କଂସେଇ ହାତରେ ଦେବାବେଳେ ଆମେ ତାହା ପ୍ରତି କୃତଜ୍ଞ ହୋଇନଥାଉ । ବିଭିନ୍ନ ସମୟରେ ଦୁର୍ଘଟଣାରେ ପଶୁପକ୍ଷୀମାନଙ୍କର ଅଭାବନୀୟ ମୃତ୍ୟୁ ଆମ୍ଭେମାନେ ଦେଖିଥାଉ । ସେମାନେ ରାସ୍ତାରେ ବା ଚାଷ କ୍ଷେତ୍ରରେ ପଡ଼ି ଛଟପଟ ହେଉଥିଲେ ବି ଆମେ ସେମାନଙ୍କର ଚିକିତ୍ସାତ ଦୂରର କଥା ପାଣି ମୁନ୍ଦାଏ ନଦେଇ ନିଜ କର୍ତ୍ତବ୍ୟ ବ୍ୟସ୍ତତାର ବାହାନାରେ ବାଟ କାଟିଥାଉ । ନିୟତିର ଚକ୍ରରେ ମଣିଷ ସମାଜ ପାଇଁ ପଶୁମାନଙ୍କର ତ୍ୟାଗ ପ୍ରାତଃସ୍ମରଣୀୟ । ସେମାନଙ୍କର ମୁହଁ ଫିଟିନଥାଏ କାହାକୁ ନିଜର ଦୁଃଖ, ଯନ୍ତ୍ରଣା, ଅଭାବ କହିବାର ସୁଯୋଗ ବି ନଥାଏ । ନିଃସ୍ୱାର୍ଥପର ଭାବରେ ଅବିରତ ଖାଇବା ଓ ବିଶ୍ରାମକୁ ପଛରେ ପକାଇ ମଣିଷ ସମାଜର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଏହି ନିରୀହ ପଶୁମାନଙ୍କୁ ଆମ୍ଭେମାନେ ନିଜ ସ୍ୱାର୍ଥରେ ବଳି ଦେଉଥାଉ କିନ୍ତୁ ପ୍ରତିବଦଳରେ କିଛି ନାହିଁ । ଏମିତି ପଶୁଟିଏ ଫିଟିଗଲେ କ’ଣ ଖାଇବାକୁ ପାଇବନି ଯେ ଯୁକ୍ତି ବି ଆମେ କରିଥାଉ ଯେ ଏମାନଙ୍କୁ କ’ଣ ଆମେ ଖାଇବାକୁ ପିଇବାକୁ ଦେଉନି ବା ଦେହବାଧକ ହେଲେ ଔଷଧପାଣି ନଦେଇଥାଉ ? ସବୁ ଦେଇଥାଉ ସତ କିନ୍ତୁ ଏହାର ଭିତରେ ରହିଛି ସ୍ୱାର୍ଥ । ଗାଇଟିଏ ଭଲ ହୋଇଗଲେ କ୍ଷୀର ଦେବ ଯାହା ଆମ ପିଲାମାନେ ଖାଇବେ, ବଜାରରେ ବିକ୍ରି ହେଲେ ତେଲଲୁଣ ସଉଦା କିଣାହେବ । ଠିକ୍ ସେହିପରି ବଳଦର ଦେହ ଭଲ ହେଲେ ସେ ହଳକୁ ଯିବ, ନଡ଼ା ବିଲରୁ ବୁହାଯିବ । ନିତିଦିନିଆ ଜୀବନରେ ସାଧାରଣ କୁକୁରଟିର ଭୂମିକା ବି କମ୍ ପ୍ରେରଣା ଦାୟକ ନୁହେଁ । ବିଶ୍ୱସ୍ତ କୁହାଯାଉଥିବା କୁକୁରଟି ମାଲିକର ଧନଜୀବନ ସୁରକ୍ଷା ପାଇଁ ନିଜ ଜୀବନକୁ ବଳୀ ଦେଇଥାଏ କିନ୍ତୁ ପ୍ରତିବଦଳରେ ପାହାରଟିଏ ସାର । ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବର ଅନୁଯାୟୀ ମହାବଳ ବାଘ ଠାରୁ ଗଜରାଜ ହାତି ସମସ୍ତଙ୍କର ଜୀବନ ଆଜି ବିପନ୍ନ । ଶିକାରୀମାନେ ସେମାନଙ୍କୁ ମାରି ଦାନ୍ତ ଓ ଛାଲ, ନଖ ଲୁଟ କରି ଲକ୍ଷ ଲକ୍ଷ ଟଙ୍କା ପାଇଥାନ୍ତି । ତେଣୁ ଆଜି ବିଶ୍ୱ ପଶୁମଙ୍ଗଳ ଦିବସରେ ସମସ୍ତଙ୍କର ଅନୁଚିନ୍ତା ଏହା ହେଉ ଆମର ଆଖପାଖ ହାତପାହାନ୍ତର ପରିବେଶରେ ଥିବା ପଶୁମାନଙ୍କ ଦାୟିତ୍ୱ ଓ ସେବାର ପ୍ରତିବଦଳରେ କୃତଜ୍ଞତା ସ୍ୱରୂପ ସେମାନଙ୍କର ଖାଇବା ଓ ବିଶ୍ରାମ ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କର ଶେଷ ଜୀବନକୁ କେତେଟା ଟଙ୍କା ପାଇଁ କାହା ହାତରେ ବିକ୍ରି ନକରି ଅନ୍ତତଃ ଆମରି ମାନଙ୍କ ପାଖରେ ସେହିପରି ରଖିଲେ କ’ଣ ଖରାପ ହୁଅନ୍ତା ? ବେଶି କିଛି ଖର୍ଚ୍ଚ ହୁଅନ୍ତା ନି ବରଂ ଭଗବାନ ଖୁସି ହୁଅନ୍ତେ । ଦୁନିଆରେ କୃତଜ୍ଞତାର ପରିଭାଷା ବଦଳିଯାଆନ୍ତା । ଆସନ୍ତୁ ଆଜିପରି ପବିତ୍ର ଦିନରେ ଏହି ମୁକ ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ଭଗବାନଙ୍କୁ ପ୍ରାର୍ଥନା ପୂର୍ବକ ସେମାନଙ୍କ ସେବାରେ କିଛି ସମୟ ତ କାଢ଼ିପାରିବା ଏହା ହେଉ ମଣିଷ ସମାଜର ମାନବିକତାର ଧର୍ମ ।

♥ ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

# ରେଡ଼ିଓ ବାଘାଯତୀନର ତୃତୀୟ ବାର୍ଷିକ ଉତ୍ସବ

## ଆଂଚଳିକ ଭାଷା ଓ ସଂସ୍କୃତିକୁ ବଂଚାଇ ରଖିବାରେ ରେଡ଼ିର ଭୂମିକାକୁ ଭୁଲିହେବ ନାହିଁ: ପ୍ରମିଳା ପଣ୍ଡା




ଉଦଳା, ୦୩/୧୦ (ନି.ପ୍ର): ରେଡ଼ିଓ ବାଘାଯତୀନର ତୃତୀୟ ବାର୍ଷିକ ଉତ୍ସବ ଚଳିତ ଅକ୍ଟୋବର ୨ ତାରିଖ ଶୁକ୍ରବାର ଦିନ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ନଂ ୧ ସ୍ଥିତ ସନ୍ଧାନ ଗୃହ ପରିସରରେ ଆନନ୍ଦଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଦିବସ ବ୍ୟାପି ଚାଲିଥିବା ଏହି ବାର୍ଷିକ ଉତ୍ସବ ଅବସରରେ ସାଧାରଣ ସଭା, ଶ୍ରୋତା ବନ୍ଧୁଙ୍କ ଅନୁଭବକଥନ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ରେଡ଼ିଓ ବାଘାଯତୀନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ମୀନତି ବିନ୍ଧାଣୀ, କପ୍ତିପଦା ବ୍ଲକର ବିଶୋଳଗ୍ରାମ ମୋର ଜନ୍ମମାଟି ହୋଇଥିବାରୁ ଏହି ଗ୍ରାମରେ ଉକ୍ତ ଗୋଷ୍ଠୀ ବେତାର କେନ୍ଦ୍ର ସ୍ଥାପନ କରିବାକୁ ମୁଁ ମନସ୍ଥ କରିଥିଲି ବୋଲି ବ୍ୟକ୍ତ କରିବା ସହ ଆଜକୁ ୩ବର୍ଷ ଧରି ଏହି ବେତାର କେନ୍ଦ୍ରଟି କିପରି ସେବା ପ୍ରଦାନ କରିଆସୁଅଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅତିଥି ଆଜି ଜାତିର ପିତା ମହାତ୍ମାଗାନ୍ଧୀ ଓ ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ଜନ୍ମଦିନ ପଡ଼ିଥିବାରୁ ତାଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦେଶ ଗଠନରେ ୨ ମହାତ୍ମାଙ୍କର ଅବଦାନକୁ ମନେପକାଇଥିଲେ । ପରେ ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ବିଭିନ୍ନ ଆଂଚଳିକ ଭାଷା ଓ ସଂସ୍କୃତିକୁ ବଂଚାଇ ରଖିବାରେ ରେଡ଼ିଓର ଭୂମିକାକୁ ଭୁଲିହେବନାହିଁ ବୋଲି ବ୍ୟକ୍ତ କରିଥିଲେ । ବାରିପଦା ଆକାଶବାଣୀର ଉଦ୍‌ଘୋଷକ ସତ୍ୟାନନ୍ଦ ଶେଜପଡ଼ା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଆଜିବି ଉପାନ୍ତ ଅଂଚଳର ଭାଇ ଭଉଣୀ ମାନଙ୍କ ପାଖରେ ସୂଚନା ପହଂଚାଇବା ପାଇଁ ରେଡ଼ିଓ ହିଁ ଏକମାତ୍ର ସାଧନ ପାଲଟିଛି ବକ୍ତବ୍ୟରେ କହିଥିଲେ । ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଦିଲିପ କୁମାର ଦିକ୍ଷିତ ଉତ୍ସବରେ ଅଧ୍ୟକ୍ଷତା କରି ଆକାବାଣୀ କେନ୍ଦ୍ରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କରେ ଅଂଶ ଗ୍ରହଣ କରିବାରେ ଅନୁଭବ ଶୁଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଡ଼ିଓ ବାଘାଯତିନର ସଭାପତି ପରେଶ ଚନ୍ଦ୍ର ସାହୁ, ପ୍ରାକ୍ତନ ଜିଲ୍ଲା କୃଷି ଅଧିକାରୀ ସରୋଜ ମହାପାତ୍ର, ଉପଖଣ୍ଡ ପୋଲିସ ଅଧିକାରି ଗକୁଳାନନ୍ଦ ସାହୁ, ଶିକ୍ଷାବିତ ପ୍ରଫୁଲ ମହାଳିକ ପ୍ରମୁଖ ମଂଚାସିନ ଅତିଥି ଭାବରେ ଯୋଗଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧର ଖବର କିପରି ରେଡ଼ିଓ ମାଧ୍ୟମରେ ଲୋକଙ୍କ ପାଖରେ ପହଂଚୁଥିଲା ଓ ଏହା ଏକମାତ୍ର ସ ।ଧନ ଥିଲା ବକ୍ତବ୍ୟରେ କହିଥିଲେ । ଏହାପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ବିଜୟ କମିଳା, ରୋଜାଲିନ ବୀର, ଭାଗ୍ୟଶ୍ରୀ ଖିଲାର, ଭୋଳାନାଥ ସାହୁ, ରାଜଲକ୍ଷ୍ମୀ ତ୍ରୀପାଠି ପ୍ରମୁଖଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଶ୍ରୋତାବନ୍ଧୁ ମାନେ ନିଜ ନିଜର ଅନୁଭବ ଶୁଣାଇଥିଲେ । ରେଡ଼ିଓ ବାଘାଯତୀନର ଉପସ୍ଥାପକ ଦେବେନ୍ଦ୍ର ରାଉଳ ଓ ଆଶିଷ ମଲିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଆକାଶ, ପ୍ରଦୀପ, ଚମ୍ପାବତୀ, ମୌସୁମୀ, ନନ୍ଦିନି, ପାନ, ସୁମି, ଜାନକି, ଗୀତା, ଶାନ୍ତି, ସୁନନ୍ଦା, ମନୋରଂଜନ, ଗିରିଜା ଶଙ୍କର, ସନ୍ତୋଷ, ରବିନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଖୋରଧାଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ଖୋରଧା , ୦୩/୧୦ (ନି.ପ୍ର): ଜିଲ୍ଲା ସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଜିଲ୍ଲା ସଦର ମହକୁମା, ଖୋରଧା ଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୁଲ୍ୟରେ ପାଳିତ ହୋଇଯାଇଅଛି । ପୂର୍ବାହ୍ନ ରେ ଜିଲ୍ଲା ପରିଷଦ ଉପ ସଭାପତି , ଖୋରଧା ଶ୍ରୀଯୁକ୍ତ ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଖୋରଧା ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବେଉରା ଯୋଗଡେଇ ଖୋରଧା ଡାକବଙ୍ଗଳା ସନ୍ନିକଟ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ଅର୍ଦ୍ଧ ବୟବ ପ୍ରତି ମୂର୍ତ୍ତିରେ ଗଣମାଧ୍ୟମ ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଗହଣରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଖୋରଧା ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଓ ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ, ଜିଲ୍ଲା ପରିଷଦ ସଭାପତି, ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ, ସମ୍ମାନିତ ଅତିଥି ରୂପେ ଉପସଭାପତି, ଜିଲ୍ଲା ପରିଷଦ, ଖୋରଧା ଶ୍ରୀଯୁକ୍ତ ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ଭାବେ ସଦର ତହସିଲଦାର ଶ୍ରୀ ବିଭାଶ ପାଣିଗ୍ରାହୀ ଏବଂ ମୁଖ୍ୟ ବକ୍ତା ଭାବେ ପ୍ରାଣ ନାଥ ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ଼ଃ ସୁବୋଧ କୁମାର ଜଗଦେବ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍ଘାଟନ କରିଥିଲେ ।

# ବିଦ୍ୟାଳୟ ନିକଟରେ ଅବକାରୀ ନିଶା ଦ୍ରବ୍ୟ ବିକ୍ରୀକୁ ବିରୋଧ



ଖଇରା , ୦୩/୧୦ (ନି.ପ୍ର): ଖଇରା ଥାନା ସାରକୋଣା ପଞ୍ଚାୟତ କେନ୍ଦୁଭଦଳୀ ଗ୍ରାମର ମଦ, ଗଞ୍ଜେଇ,ବ୍ରାଉନସୁଗାର ଅବକାରୀ ନିଶା ଦ୍ରବ୍ୟ କାରବାରକୁ ନେଇ ଉତେଚନା ଦେଖାଦେଇଛି । ଦୀର୍ଘଦିନରୁ ବାଉରୀବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଲାଗି ବେଆଇନ ମଦ ଗଞ୍ଜେଇ ନିଶା ଦ୍ରବ୍ୟ ବିକ୍ରି ଚାଲିଥିବାରୁ ଗ୍ରାମବାସୀ ଜିଲ୍ଲା ପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳିପାରି ନାହିଁ । ପରେ ଅବକାରୀ ବିଭାଗ ବେଆଇନ ଭବେ ନିଶା ଦ୍ରବ୍ୟ ବିକୁଥିବା ବେପାରୀ ଙ୍କୁ ଗିରଫ କରି କୋର୍ଟ ଚଲାଣ କରିଥିଲା । ଜାମିନ୍ ରେ ଆସି ପୁନର୍ବାର ସ୍କୁଲ୍, ଗ୍ରାମବାସୀ, ଏବଂ ପ୍ରଶାସନକୁ ଚ୍ୟାଲେଞ୍ଜ କରି ଧମକ୍ ଦେଇ ନିଶା କାରବାରକୁ ବ୍ୟାପକ କରିଥିବାର ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି । ବିଦ୍ୟାଳୟକୁ ଲାଗି ଦୀର୍ଘଦିନ ଧରି ନିଶା କାରବାର ଚାଲିଥିବା ବେଳେ । ଗ୍ରାମବାସୀମାନେ ଏକତ୍ରିତ ହୋଇ ସ୍କୁଲକୁ ଘେରିଥିବା ନିଶା ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ମୂଳପୁଚ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଯଦି ନିଶା ଦ୍ରବ୍ୟ ବିକ୍ରି ବନ୍ଦ ନ ହୁଏ ତେବେ ଛାତ୍ର ଛାତ୍ରୀ ମାନଙ୍କ ଜୀବନ ପୁରା ଅନ୍ଧାର ହେବ ବୋଲି ଗ୍ରାମ ବସି ମାନେ ପ୍ରକାଶ କରିଛନ୍ତି । ଦେଖିବାକୁ ବାକି ରହିଲା କେବେ ପ୍ରଶାସନ ତରଫରୁ ଆଖିଦୃଶିଆ କାର୍ଯ୍ୟନୁଷ୍ଠାନ ହେବ ।

# ମରଣଯନ୍ତା ପାଲଟିଛି ବାଲିଆପାଳ-ବସ୍ତା ୨୨ କିଲୋମିଟର ରାସ୍ତା



ବାଲିଆପାଳ , ୦୩/୧୦ (ନି.ପ୍ର): ମରଣଯନ୍ତା ପାଲଟିଛି ବାଲିଆପାଳ-ବସ୍ତା ରାସ୍ତା । ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା । ବାରମ୍ବାର ଦାବି ପରେ ବି ହେଉନାହିଁ ମରାମତି । ନିଘୋଡ଼ ନିଦ୍ରାରେ ଶୋଇଛି ପୂର୍ତ୍ତ ବିଭାଗ। ଯାତାୟାତ ସୁଗମ କରିବା ସହ ଦୁର୍ଘଟଣା ରୋକିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଥିବା କହୁଛନ୍ତି। ହେଲେ ବାଲିଆପାଳ-ବସ୍ତା ରାସ୍ତାର ଚିତ୍ର ଏହାର ବିପରୀତ। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା। ବାରମ୍ବାର ଦାବି ପରେ ମରାମତି ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କେତେବେଳେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି, ତ କେତେବେଳେ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ଦିଆଯାଉଛି। ରାସ୍ତାରେ କ୍ୟାମେରା ଲଗାଇ ଏବଂ ପୋଲିସ ଚେକିଂ ମାଧ୍ୟମରେ ଯାନବାହନ ଓ ବାଇକ୍ ଚାଳକଙ୍କ ଉପରେ କଡ଼ା ନଜର ରଖାଯାଉଛି। ଦ୍ରୁତ ଗତିରେ ଗାଡ଼ି ଚଳାଇବା କିମ୍ବା ଆବଶ୍ୟକ ସୁରକ୍ଷା ସାମଗ୍ରୀ ବ୍ୟବହାର ନକରିବା ପାଇଁ ଚାଳକଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯାଉଛି । କିନ୍ତୁ ଦୁର୍ଘଟଣା ରୋକିବା ପାଇଁ ରାସ୍ତା ମରାମତି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି । ଏହାର ଉଦାହରଣ ହେଉଛି ବାଲିଆପାଳ-ବସ୍ତା ରାସ୍ତା । ବାଲିଆପାଳ ବ୍ଲକ୍ର ବସ୍‌ଷ୍ଟାଣ୍ଡ ଠାରୁବସ୍ତା ଗାନ୍ଧିଛକ ପର୍ଯ୍ୟନ୍ତ ପ୍ରାୟ ୨୨ କିଲୋମିଟର ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ରାସ୍ତାର ସ୍ଥାୟୀ ମରାମତି ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଗତ ଅଗଷ୍ଟ ୧୦ ତାରିଖରେ ସାମ୍ବାଦିକ ମାନେ ଧାରଣାରେ ବସିଥିବା ବେଳେ ବିଭାଗୀୟ ଅଧିକାରୀ ପହଞ୍ଚି ୩ ଦିନ ମଧ୍ୟରେ ମରାମତି କରିବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ବାଲିଆପାଳ- ବସ୍ତା ର ଏହି ପୂର୍ତ୍ତ ବିଭାଗ ରାସ୍ତା ଉପରେ ବସ୍ତା, ବାଲିଆପାଳ, ଜଳେଶ୍ୱର, ଭୋଗରାଇ ଏବଂ ସଦର ବ୍ଲକ୍ ର ପ୍ରାୟ ୫ ଲକ୍ଷ ଲୋକ ଯାତାୟାତ ପାଇଁ ନିର୍ଭର କରନ୍ତି । ଏହି ରାସ୍ତା ସିଧାସଳଖ ପଶ୍ଚିମବଙ୍ଗ ସହ ସଂଯୋଗ ହୋଇଥିବାରୁ ପଶ୍ଚିମବଙ୍ଗର ଅନେକ ଅଞ୍ଚଳର ଲୋକେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭରଶୀଳ। ପ୍ରତ୍ୟେକ ଦିନ ଏହି ରାସ୍ତାରେ ୫ ହଜାରରୁ ଅଧିକ ଯାନବାହନ ଚଳାଚଳ କରିଥାଏ। ଡଗରା ବେଳାଭୂମି, ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବପୀଠ, ତାଳସାରୀ ବେଳାଭୂମି ଭଳି ପର୍ଯ୍ୟଟନସ୍ଥଳୀ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯାତାୟାତ କରନ୍ତି । ଏହା ସହ ବାଲିଆପାଳ ଅଞ୍ଚଳର ଧାନ, ପାନ, ମାଛ,ପଇଡ଼,କାଜୁ, ଚିନାବାଦାମ ଭଳି ଅର୍ଥକାରୀ ଫସଲ ରାଜ୍ୟ ତଥା ରାଜ୍ୟ ବାହାରକୁ ପଠାଇବା ପାଇଁ ଏହି ରାସ୍ତା ମୁଖ୍ୟ ମାଧ୍ୟମ। ଏତେ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଏହାର ସ୍ଥାୟୀ ମରାମତି ଦିଗରେ ଆବଶ୍ୟକ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ପରେ ୨୦୧୬ ମସିହାରେ ପ୍ରାୟ ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୫ଟି ବ୍ରିଜ୍ ନିର୍ମାଣ କରାଯାଇଥିଲା। ହେଲେ ଏହି ବ୍ରିଜ୍ଗୁଡ଼ିକର ଅବସ୍ଥା ମଧ୍ୟ ଠିକ୍ ନଥିବାରୁ ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି । କେତେବେଳେ କେଉଁ ମୁହୂର୍ତ୍ତରେ ଏହି ଗାତରେ ପଡ଼ି ଲୋକଙ୍କ ଜୀବନ ଚାଲିଯିବ, ତାହା କହିହେବ ନାହିଁ । ତେବେ ଏହି ରାସ୍ତାର ସ୍ଥାୟୀ ମରାମତି ଯଦି ନ କରାଯାଏ ତାହାହେଲେ ଆଗାମୀ ଦିନରେ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ବସ୍ତା ପ୍ରେସ କ୍ଲବ, ମିଡ଼ିଆ ଫୋରମ ବାଲିଆପାଳ ଓ ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

# ଲଗାଣ ବର୍ଷା ଯୋଗୁଁ କାନ୍ଥ ପଡିଲା: ଘରୋଇ ଜିନିଷ ଉଦ୍ଧାର କରିବାକୁ ଯାଇ ଜଣେ ଆହତ

ବାଲେଶ୍ୱର , ୦୩/୧୦ (ନି.ପ୍ର): ବାଲେଶ୍ୱର ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତ ମାଳ ଗାଁର ଦଳେଇସାହିର ଚଳିତ ବର୍ଷ ଲଘୁଚାପ ବର୍ଷା ହେତୁ ପାଖମାଳ ନଈରେ ବଢ଼ିଆସିବା ଫଳରେ ମାଟି କାନ୍ଥ ଗୁଡିକ ଦୁର୍ବଳ ହୋଇ ପଡିଥିଲା। ଗୃହସ୍ୱାମୀ କାର୍ତ୍ତିକ ଦଳେଇ ପିତା ସ୍ୱର୍ଗତ ଭାଲୁ ଦଳେଇ ଘୋରେଇ ଜିନିଷ ପତ୍ର ଉଧାରକରିବାକୁ ଯାଇ ଆଘାତ ପ୍ରାପ୍ତ ହୋଇଛନ୍ତି। କାନ୍ଥ ପଡି ମାଟିଘର ନଷ୍ଟ ହୋଇ ଯାଇଛି । ଏବେ ସାରା ପରିବାର ରାସ୍ତାରେ। ଶ୍ରୀ ଦଳେଇ ଜଣେ ନିତି ମଜୁରିଆ ହୋଇଥିବାରୁ କାନ୍ଥ ପଡି ଆଘାତ ପ୍ରାପ୍ତ ହେବା ପରିବାର ପାଇଁ ସମସ୍ୟା ଦେଖା ଦେଇଛି। ଖବର ପାଇ ମାନବଧିକାର କର୍ମୀ ସୁଧାକର ସେଠୀ ପହଁଛି, ଶ୍ରୀ ଦଳେଇଙ୍କୁ ଅଶୁଚିକିତ୍ସାର ବ୍ୟବସ୍ଥା କରିବା ସହ, ସରକାରୀ ଯୋଜନାରେ ତୁରନ୍ତ ଏକ ସ୍ଥାୟୀ ପକ୍କା ଘର ପ୍ରଦାନ ପାଇଁ ପ୍ରଶାସନକୁ ଅନୁରୋଧ ରଖିଛନ୍ତି। ମାଳ ନଦୀ କୂଳରେ ଥିବା ମାଳଗାଁର ଦଳେଇ ସାହି ବହୁ ସମୟରେ ମାଳ ନଦୀର ଅବବାହିକରେ ନିର୍ମିତ ଚ୍ୟାକଡ୍ୟାମ ନିର୍ମାଣ ଜନିତ ତ୍ରୁଟି ସହ ଉପଯୁକ୍ତ ପରିଚାଳନା ଅଭାବରୁ ବହୁ ସମୟରର ଦଳେଇ ସାହିରେ ବନ୍ୟା ଦେଖିବାକୁ ମିଳେ। ଏବାବଦରେ ଦୃଷ୍ଟି ଦେବାକୁ ଶ୍ରୀ ସେଠୀ ପ୍ରଶାସନଙ୍କୁ ଅନୁରୋଧ ରଖିଛନ୍ତି। ସେହି ବସ୍ତିରେ ସମସ୍ତେ ନିତିମଜୁରିଆ ହୋଇଥିବାରୁ ନଦୀର ଏହି ପ୍ରାୟୋଜିତ ବନ୍ୟା ବହୁ ସମୟରେ ଅସୁବିଧା ସୃଷ୍ଟିକରେ।

## ବଦଳୁଛି ବିଶ୍ୱ ଶକ୍ତିର...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

**ସୀମା ପ୍ରାଚୀର ନୁହେଁ, ସେତୁ ନିର୍ମାଣ ହିଁ ଭବିଷ୍ୟତ**

ବ୍ରିକ୍ସର ଭବିଷ୍ୟତ ନିର୍ଭର କରେ ଏହା କିପରି ଆଗକୁ ବଢ଼ିବାକୁ ଚାହୁଁଛି। ଏହା ପାଖରେ ବିଶ୍ୱ ଜନସଂଖ୍ୟା, ଅର୍ଥନୀତି ଓ ଭୌଗୋଳିକ କ୍ଷେତ୍ରଫଳର ଏକ ବଡ଼ ଅଂଶ ରହିଛି, ଯାହା ବିଶ୍ୱ ଆଲୋଚନାକୁ ପ୍ରଭାବିତ କରିବାକୁ ଯଥେଷ୍ଟ। କିନ୍ତୁ କେବଳ ଆକାର ଯଥେଷ୍ଟ ନୁହେଁ ଘୋଷଣାପତ୍ରକୁ କାର୍ଯ୍ୟରେ ପରିଣତ କରିବା ପାଇଁ ମଜବୁତ କାର୍ଯ୍ୟପନ୍ଥା ଆବଶ୍ୟକ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏକ ବହୁପାକ୍ଷିକ ବିଶ୍ୱର ଅର୍ଥ ପୃଥିବୀକୁ ଦୁଇଟି ଶିବିରରେ ବାଣ୍ଟିବା ନୁହେଁ। ବ୍ରିକ୍ସକୁ ପ୍ରମାଣ କରିବାକୁ ହେବ ଯେ, ଏହା ପାଶ୍ଚାତ୍ୟ ବିରୋଧରେ ଆଉ ଏକ ଶୀତଳ ଯୁଦ୍ଧ ବା ପ୍ରାଚୀର ସୃଷ୍ଟି କରିବାକୁ ଚାହୁଁନାହିଁ, ବରଂ ଭିନ୍ନ ଭିନ୍ନ ବିଚାରଧାରା ମଧ୍ୟରେ ସହଯୋଗର ସେତୁ ବାନ୍ଧିବାକୁ ଚାହୁଁଛି।

ଏହି ଦିଗରେ ଉଦୀୟମାନ ଭାରତର ଭୂମିକା ନିର୍ଣ୍ଣାୟକ। ନିଜର ଆନ୍ତର୍ଜାତୀୟ ପ୍ରଭାବ ଓ ନିରପେକ୍ଷ କୂଟନୀତି ବଳରେ ଭାରତ ବ୍ରିକ୍ସକୁ ଏକ ପ୍ରକୃତ ସେତୁ ଭାବେ ଗଢ଼ିତୋଳିବାରେ ସଫଳ ହୋଇପାରିବ। ବିଶ୍ୱ ଶାସନର ନିୟମ ପୁନଃନିର୍ଦ୍ଧାରଣ ହେଉଥିବା ଏହି ସମୟରେ, ବ୍ରିକ୍ସ ମାଧ୍ୟମରେ ଭାରତର ଏହି ନେତୃତ୍ୱାଧୀନ ସେତୁନିର୍ମାଣ ପ୍ରକ୍ରିୟା ହିଁ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ କୂଟନୈତିକ କାହାଣୀ।

+ କେଶଦୂରାପାଳ, କେନ୍ଦୁଝର

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା...

ଭଳି ବିଶ୍ୱସ୍ତରୀୟ ଐତିହାସିକ ସ୍ମାରକ ସାଙ୍ଗକୁ ରାଜ୍ୟରେ ୫୭୫ କିଲୋମିଟର ଦୀର୍ଘ ପ୍ରାକୃତିକ ସମୁଦ୍ରତଟ, ଭିତରକନିକାର ବିଶ୍ୱପ୍ରସିଦ୍ଧ ମ୍ୟାଙ୍ଗ୍ରୋଭ୍ ଜଙ୍ଗଲ, ଏସିଆର ସର୍ବବୃହତ ଲୁଣିଆ ପାଣି ହ୍ରଦ ଚିଲିକା ଏବଂ ହୀରାକୁଦ ଜଳଭଣ୍ଡାର ରହିଛି। ବିକଶିତ୍ ଓଡ଼ିଶା ଭିଜନ୍ ୨୦୩୬-୨୦୪୭ ରୋଡମ୍ୟାପ୍ ଅନୁଯାୟୀ ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରାଯାଉଛି। ରାଜ୍ୟର ସ୍ଥାନୀୟ କାରିଗର, ଗାଇଡ଼ ଏବଂ ଟୁର୍ ଅପରେଟରମାନଙ୍କୁ ଅତ୍ୟାଧୁନିକ ଡିଜିଟାଲ୍ ଜ୍ଞାନକୌଶଳରେ ସଜ୍ଜିତ କରାଯାଉଛି, ଯାହାଦ୍ୱାରା ପର୍ଯ୍ୟଟକଙ୍କ ଯାତ୍ରା ଅଧିକ ସୁଗମ ଓ ଅବିସ୍ମରଣୀୟ ହୋଇପାରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶା କେବଳ ଗୋଟିଏ ଗନ୍ତବ୍ୟସ୍ଥଳ ନୁହେଁ, ଓଡ଼ିଶା ନିଜେ ଏକ ବିଶ୍ୱ ଅନୁଭୂତି। ଆମର ବୌଦ୍ଧ ଐତିହ୍ୟ, ହସ୍ତତନ୍ତ, ଐତିହ୍ୟସ୍ଥଳୀ, ବିଶାଳ ଚିଲିକା ଏବଂ ଇକୋ-ଟୁରିଜିମ୍ ଏହାର ପ୍ରମାଣ। ଆମ ସଂସ୍କୃତି ପର୍ଯ୍ୟଟନ ପାଇଁ ସୃଷ୍ଟି କରାଯାଇନାହିଁ, ଏହା ନିଜ ମୌଳିକ ରୂପରେ ଜୀବନ୍ତ ଅଛି। ଆମ ସରକାର ସ୍ଥାୟୀ ପର୍ଯ୍ୟଟନ ପାଇଁ ଏକ ସୁଦୃଢ଼ ଏବଂ ଉତ୍ତମ ପରିବେଶ ସୃଷ୍ଟି କରୁଛନ୍ତି, ଯାହା ଦ୍ୱାରା ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶ ହେବ। ପର୍ଯ୍ୟଟନ ଅର୍ଥନୀତିରେ ଏକ ସଶକ୍ତ ଯୋଗଦାନକାରୀ ହେବା ଉଚିତ୍। ଆମ ପର୍ଯ୍ୟଟନରେ ସାହସିକ ପର୍ଯ୍ୟଟନ ମଧ୍ୟ ଅନ୍ତର୍ଭୁକ୍ତ ଏବଂ ଆମେ ତାହାକୁ ଅଧିକ ସୁଦୃଢ଼ କରୁଛୁ ।

### ଧାମନଗରରେ ଭୋଟର...

ସେପ୍ଟେମ୍ବର ୧ରେ ଏନଏସି କାର୍ଯ୍ୟଳୟ ଘେରିଥିଲେ ହଜାର ହଜାର ଭୋଟର । ପୂର୍ବରୁ ନାଁ କଟିଥିଲା ଏବେ ତଦନ୍ତ ପରେ ପୁଣି ସେମାନଙ୍କ ନାଁ ଭୋଟର ତାଲିକାରେ ଯୋଡ଼ି ହୋଇଥିବା ଜଣାପଡ଼ିଛି । ଧାମନଗର ଏନଏସିରେ ଏସଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ନା କଟିବା, ବିବାଦ ପରେ ପୁଣି ନାଁ ଯୋଡ଼ି ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାହିଁକି ଏପରି କଲେ ? ଏହା ପଛରେ ଆଉ କାହାର ହାତ ଅଛି କି ? ସେସବୁ ଦିଗରେ ତଦନ୍ତ ଜରୁରୀ ହୋଇପଡିଛି ।

### ଅତିଥି ଅଧ୍ୟାପକ ନିଯୁକ୍ତି ଉପରେ...

ଅଧ୍ୟାପକ ଭାବେ ନିଯୁକ୍ତି ଦେବା ନିଷ୍ପତ୍ତି ବିରୋଧରେ ଦାୟର ମାମଲାକୁ ଗୁରୁତର ସହ ନେଇଥିଲେ ଉଚ୍ଚନ୍ୟାୟାଳୟ। ରାଜ୍ୟ ସରକାରଙ୍କ ୨୦୨୫ ଅକ୍ଟୋବର ୨୩ର ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ରହିତାଦେଶ ପରେ ଲୋକ ଭବନରେ ଆଜି ଅନୁଷ୍ଠିତ ହୋଇଛି ଉଚ୍ଚସ୍ତରୀୟ ବୈଠକ। ନଭେମ୍ବରରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇ ଏହାକୁ ଖୁବଶୀଘ୍ର ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବୈଠକ ପରେ କହିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି । ବିଶ୍ୱବିଦ୍ୟାଳୟର ଏତେ ପଦ ଖାଲି ପଡ଼ିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ଅତିଥି ଅଧ୍ୟାପକ ନିଯୁକ୍ତି ଦେବାକୁ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଥିଲେ । ଏହାକୁ ବିରୋଧ କରି ହାଇକୋର୍ଟକୁ ଯାଇଥିଲେ ଆଶାୟୀ ପ୍ରାର୍ଥୀ। ଏନସିଟିଇ ନିୟମାବଳୀ ଏବଂ ୟୁଜିସି ଗାଇଡଲାଇନ ଅନୁସାରେ, ଷ୍ଟେଟ୍ ସିଲେକ୍ସନ ବୋର୍ଡ ଜରିଆରେ ତୁରନ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ ।

# ସହିଦ୍ ପାର୍କଠାରେ ମିଳିତ ନିଶା ନିବାରଣ ଅଭିଯାନ (ମନା)ର ବାଲେଶ୍ୱରରେ ଗାନ୍ଧୀ ଜୟନ୍ତୀ ପାଳିତ




ବାଲେଶ୍ୱର, ୦୩/୧୦ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱର ପକ୍ଷରୁ ସ୍ଥାନୀୟ ସହିଦ୍ ପାର୍କ ଠାରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପୁଣ୍ୟ ଜନ୍ମତିଥି ସଭାପତି ଶ୍ରୀଯୁକ୍ତ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଭ୍ୟା କଲ୍ୟାଣୀ ନନ୍ଦଙ୍କ ନେତୃତ୍ୱରେ ଉପସ୍ଥିତ ସଦସ୍ୟ/ ସଦସ୍ୟାମାନେ ଗାନ୍ଧୀଙ୍କ ପ୍ରିୟଭଜନ ‘ରଘୁପତି ରାଘବ...’ ଗାନ କରିଥିଲେ। ଗାନ୍ଧିଜୀଙ୍କର ନିଶା ହଟାଅ ଓ ଦେଶ ବଞ୍ଚାଅ ନୀତିକୁ ସମର୍ଥନ କରି ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଦେଶରୁ ନିଶା ହଟିଲେ ହିଁ ଗାନ୍ଧିଜୀଙ୍କ ରାମରାଜ୍ୟ ଗଠନର ସ୍ୱପ୍ନ ସାକାର ହେବ ବୋଲି ସାଧାରଣ ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର ମତ ପ୍ରକାଶ କରିଥିଲେ। ଏହି ସଭାରେ ଉପଦେଷ୍ଟା ସୁବ୍ରତ କର, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, ସରସ୍ୱତୀ ପଣ୍ଡା, ଲକ୍ଷ୍ମଣ ଚରଣ ବିଶ୍ୱାଳ, ପ୍ରଭାକର ସାହୁ (ଖ), ଶାନ୍ତି ବିଶି, ପୁଷ୍ପଲତା ଚକ୍ରବର୍ତ୍ତୀ, ବାସନ୍ତୀ ଦେ, ବେଣୁଧର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, କବିତା ଜେନା, ସୁଧାଂଶୁ ଶେଖର ପରିଡ଼ା, ଜ୍ୟୋତ୍ସ୍ନା ସେନାପତି, କବିତା ଦାସ, ଶେଖ୍ ସାଜିଦ୍ ଅଲ୍ଲୀ, ଶେଖ୍ ଅସଗର ଅଲ୍ଲୀ, ଦିଲ୍ଲୀପ ଚକ୍ରବର୍ତ୍ତୀ, ରବିନାରାୟଣ ଭୋଳ ପ୍ରମୁଖ ଆଲୋଚନାରେ ଭାଗ ନେଇ ରାଜ୍ୟକୁ ନିଶାମୁକ୍ତ କରିବାପାଇଁ ଆହ୍ୱାନ ଦେଇଥିଲେ। ସମ୍ପାଦକ ତ୍ରିଦିବ ନାୟକ ଧନ୍ୟବାଦ ଦେଇଥିଲେ।

**OFFICE OF THE SUPERINTENDING ENGINEER**
BALASORE (ROADS & BUILDINGS) DIVISION-II
**AT/PO- BHASKARGANJ, BALASORE**
CONTACT NO:- 06782-263149
**E-mail ID:- eepwdbls2@gmail.com**

**SHORT TENDER CALL NOTICE**

**BID INVITATION NO. SE (R and B) BLS-II- 21/ 2026-27**

No. 7166 dt. 30/09/26

| | | | |
|---|---|---|---|
| 1 | The Superintending Engineer, Baleshwar (R & B) Division-II, Baleshwar on behalf of the Governor of Odisha invites Percentage rate bids to be received in ONLINE **MODE** only for Roads & Buildings works. | | |
| 2 | No. of Work | : | 6 Nos |
| 3 | Nature of work: | : | Electrical Work |
| 4 | Class of Contractor: | : | Empaneled fire licensed agency of Class D or above authorized by Odisha Fire & Emergency Servicg having MoU with associate electrical contractor (MV/HT or above) having valid license from ELBO |
| 5 | Approx. value of work | : | Rs. 9.90 Lakhs to Rs.22.39 Lakhs |
| 6 | Tender Cost: | : | Rs4000.00 of (Sl. No.-3) and Rs. 6000.00 of (Sl. No. 1,2,4,5,6) |
| 7 | Availability of Bid Documents in the website: | : | From 10.00 Hours of 06.10.2026 to 16.00 Hours of 16.10.2026 |
| 8 | Date of Opening of Bid: | : | Dt. 16.10.2026 at 16.30 Hours |
| 9 | Other details can be seen in the Bidding documents from the website: https://tendersodisha.gov.in | | |

OIPR: 34001/34155/1/26-27/0009

**Superintending Engineer,**
**Baleswar (R&B) Division-II**

## ଗଜାନନ କମିଟି ତରଫରୁ ଆଲୋଚନା ଚକ୍ର ଓ ବୃକ୍ଷ ରୋପଣ

ଭଦ୍ରକ , ୦୩/୧୦ (ନି.ପ୍ର): ପବିତ୍ର ଗାନ୍ଧୀଜୟନ୍ତୀ ଅବସରରେ ଗତକାଲି ଅପରାହ୍ନରେ ଗଜାନନ କମିଟି ତରଫରୁ ଆଲୋଚନା ଚକ୍ର ଓ ବୃକ୍ଷ ରୋପଣ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖବର ଦାତା ପ୍ରଦୀପ ବଳ, ସେକ ଦିଲସାଦ ଓ ଶକ୍ତି ସ୍ୱରୂପ ମହିଳା ସଂଗଠନ ର ସଭାପତି ଶଶିକଳା ମିଶ୍ର,ଉପସଭାପତି ଅନିତା ରାୟ, ସଦସ୍ୟା ସୀମା ରାଉତ ପ୍ରମୁଖ ଯୋଗଦେଇ ଜାତିର ଜନକ ମହାତ୍ମା ଗାନ୍ଧୀ ତଥା ବାପୁଙ୍କର 'ସ୍ୱଦେଶୀ ଚିନ୍ତାଧାରା ମୂଳତଃ ସ୍ଥାନୀୟ ପରିବେଶ ଓ ସମ୍ବଳର ସୁରକ୍ଷା ଉପରେ ଆଧାରିତ ଥିଲା। ସେ ଚାହୁଁଥିଲେ ବିକାଶର ଧାରା ସହର କୈନ୍ଦ୍ରିକ ନ ହୋଇ ଗ୍ରାମାଭିମୁଖୀ ହେଉ, ଯାହାକୁ ସେ 'ଗ୍ରାମ ସ୍ୱରାଜ' ବୋଲି କହୁଥିଲେ। ଗାଁର କୁଟିର ଶିଳ୍ପ, ପାରମ୍ପରିକ କୃଷି ପ୍ରଣାଳୀ ଏବଂ ହସ୍ତଶିଳ୍ପର ବିକାଶ ଦ୍ୱାରା ବାହ୍ୟ ଜଗତ ଉପରେ ନିର୍ଭରଶୀଳତା କମିବା ସହ ପରିବେଶର ସନ୍ତୁଳନ ରକ୍ଷା ହୋଇପାରିବ ବୋଲି କହିଥିଲେ, ସଭାପତି ସନିଆ ନାୟକ ଓ ସମ୍ପାଦକ ଶିବା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ର ସହ ବୃକ୍ଷ ରୋପଣ କରାଯାଇଥିଲା ଅନ୍ୟମାନଙ୍କ ମଧ୍ୟରେ ରାଜେଶ ନାୟକ, ବର୍ଣ୍ଣି ନାୟକ, କାଳନ୍ଦୀ ନାୟକ ପ୍ରମୁଖ ସଭା ପରିଚାଳନା କରିଥିଲେ।



## ଆଜିଠାରୁ ବାଲେଶ୍ୱରବାସୀଙ୍କୁ ସେବା ଯୋଗାଇବ ଗାୟତ୍ରୀ ବୈଷ୍ଣବୀ ହେଲଥ୍ କେୟାର




ବାଲେଶ୍ୱର, ୦୨/୧୦ (ନି.ପ୍ର): ବାଲେଶ୍ୱରରେ ଏକ ସୁପର ମଲ୍ଟି ସ୍ପେଶାଲିଟି କ୍ଲିନିକ୍ ଆଣ୍ଡ ଡାଇଗ୍ନୋସିସ୍‌ର ଆବଶ୍ୟକତା ଥିଲାବେଳେ ଏହି ସଂସ୍ଥା ବାଲେଶ୍ୱରବାସୀଙ୍କୁ ସମସ୍ତ ସେବା ଯୋଗାଇଦେଇପାରିବ ବୋଲି ସାଧାରଣରେ ବିଶ୍ୱାସ। ଅନେକ ଦୁରାରୋଗ୍ୟ ରୋଗର ପରୀକ୍ଷା ଓ ଚିକିତ୍ସାପାଇଁ ବାଲେଶ୍ୱରବାସୀଙ୍କୁ କଟକ ଓ ଭୁବନେଶ୍ୱର ଯିବାକୁ ପଡୁଥିବାବେଳେ ଏହାର ଆରମ୍ଭ ଏଠାକାର ଲୋକଙ୍କୁ ଅନେକ ଆଶ୍ୱାସନା ଦେବାସହ ବହୁ ରୋଗର ଉପଚାର ମିଳିବ ବୋଲି ସାଧାରଣରେ ଆଶା କରାଯାଉଛି। ଏହି ସୁପର ମଲ୍ଟି ସ୍ପେଶାଲିଟି କ୍ଲିନିକ୍ ଆଣ୍ଡ ଡାଇଗ୍ନୋସିସ୍‌ର ଶୁଭ ଉଦ୍‌ଘାଟନ ଅବସରର ଦୁଇ ଦିନ ପୂର୍ବରୁ ଗତ ୨ ତାରିଖ ଦିନ ଏକ ବିଶାଳ ରକ୍ତଦାନ ଶିବିର ବହୁ ବିଶିଷ୍ଟ ଜନନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରୋପାଇଟର ମନୋଜ ଜେନା, ଯୋଗମାୟା ଜେନା, ଲକ୍ଷ୍ମୀକାନ୍ତ ପଣ୍ଡା ଓ ସସ୍ମିତା ଅଗସ୍ତିଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଫିତା କାଟି ଗାୟତ୍ରୀ ବୈଷ୍ଣବୀ ହେଲଥ କେୟାର କ୍ଲିନିକ୍‌ର ଶୁଭ ଉଦ୍‌ଘାଟନ କରିଥିଲେ। ସେହିପରି ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ବିଧାୟକ ଶ୍ରୀ ଦତ୍ତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଗାୟତ୍ରୀ ବୈଷ୍ଣବୀ ହେଲଥ କେୟାରର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ରକ୍ତଦାନ ହେଉଛି ଏକ ମହତ୍ ସେବା କାର୍ଯ୍ୟ ଏବଂ ଜଣେ ରକ୍ତଦାତାଙ୍କ ଦାନ ଅନ୍ୟ ଜଣଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ହେଲଥ କେୟାରରେ ସୁପର ମଲ୍ଟି ସ୍ପେସାଲିଟି କ୍ଲିନିକ୍‌ର ବ୍ୟବସ୍ଥା ରହିବା ସହ ବାହାରୁ ଆସିବାକୁ ଥିବା ଅଭିଜ୍ଞ ଡାକ୍ତରମାନେ ନିୟମିତ ଭାବେ ରୋଗୀଙ୍କ ଚିକିତ୍ସା କରିବେ ବୋଲି ଗାୟତ୍ରୀ ବୈଷ୍ଣବୀ ହେଲଥ କେୟାର ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ପ୍ରକାର ରୋଗର ଚିକିତ୍ସା ଓ ପରାମର୍ଶ ପାଇଁ ଏଠାରେ ଆବଶ୍ୟକ ସୁବିଧା ଉପଲବ୍ଧ ହୋଇପାରିବ।



## ଆରସିସି ଅନୁଷ୍ଠାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ




ବାରିପଦା, ୦୩/୧୦ (ନି.ପ୍ର): ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଆର ସି ସି ଅନୁଷ୍ଠାନ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ କବି ବିଷ୍ଣୁ ଶତପଥି ଉଭୟ ମହାପୁରୁଷଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ତାଙ୍କ ପଥ ଅନୁସରଣ କରି ନିଜକୁ ସୁନାଗରିକ ଭାବେ ଗଢ଼ିତୋଳିବା ଲାଗି ପରାମର୍ଶ ଦେଇଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଡ଼. ଅସୀମ କୁମାର ଚକ୍ରବର୍ତ୍ତୀ, ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ ଓ ହିମାଂଶୁ ଶେଖର ପ୍ରହରାଜ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ସେବା, ମାନବିକତା, ଦେଶପ୍ରେମ ଓ ସମାଜ ପ୍ରତି ଦାୟିତ୍ୱବୋଧର ବାର୍ତ୍ତା ଦେଇଥିଲେ ଓ ଅନୁଷ୍ଠାନର ଚେୟାରମ୍ୟାନ୍ ତଥା ମୁଖ୍ୟ ଆୟୋଜକ କବିଶ୍ରୀ ରାଜେନ୍ଦ୍ର ଦାସ ଉପସ୍ଥିତ ବିଶିଷ୍ଟ ଅତିଥିମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ ଓ ଜାତୀୟ ସ୍ତରରେ 'ଓଡିଶା ରତ୍ନ ସମ୍ମାନ' ହାସଲ କରିଥିବା କବିଶ୍ରୀ ରାଜେନ୍ଦ୍ର ଦାସଙ୍କ ସଫଳତା ପାଇଁ ଉପସ୍ଥିତ ଅତିଥି, ଅଭିଭାବକ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ନିଜ ବକ୍ତବ୍ୟରେ କବିଶ୍ରୀ ରାଜେନ୍ଦ୍ର ଦାସ ଆଗାମୀ ଦିନରେ ଓଡ଼ିଶା ଓ ମୟୂରଭଞ୍ଜର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଯୁବପିଢ଼ିଙ୍କ ଉନ୍ନତି ଓ ସାମାଜିକ ପ୍ରଗତି ପାଇଁ ଅଧିକ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ଥିବା କହିଥିଲେ ଓ ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ତଥା ଗଣିତ ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା ।

## ବାସୁଦେବପୁର ବ୍ଲକର ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳିତ



ବାସୁଦେବପୁର , ୦୩/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଞ୍ଚାୟତର ଚାର ବାଟିଆ ଠାରେ ବାସୁଦେବପୁର ର ଭାରତୀୟ ଜନତା ପାର୍ଟି ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଜୟନ୍ତୀ ଉତ୍ସବରେ ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଯୁବ ନେତା ପଞ୍ଚାନନ ସେନାପତି, ସମାଜସେବୀ ଦେବେନ୍ଦ୍ର ନାୟକ, ରମାକାନ୍ତ ଘଡ଼େଇ,ବିଦ୍ୟାଧର ମାଝୀ, ଆନନ୍ଦ ଶଙ୍କର ଦାସ, ସଞ୍ଜୀବ ମହାନ୍ତି, ସୁକାନ୍ତ କୁମାର ବିଶ୍ୱାଳ, ସରୋଜ ବିଶ୍ୱାଳ, ରାଧାକାନ୍ତ ମହାଳିକ, ରାଜେଶ ମଲିକ୍, ଶଶିକାନ୍ତ ମହାଳିକ, ରାଜେନ୍ଦ୍ର କୁମାର ବାରିକ୍, ଗୌତମ ବିଶ୍ୱାଳ, ତପନ କୁମାର ବିନ୍ଧାଣୀ ପ୍ରମୁଖ ଯୋଗ ଦେଇଥିଲେ ଏବଂ ମହାତ୍ମା ଗାନ୍ଧୀ ଓ ଭାରତ ବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ସମସ୍ତେ ଗାନ୍ଧୀ ସ୍ମୃତି ପୀଠରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଶିଷ୍ଟ ସମାଜସେବୀ ଓ ଯୁବ ନେତା ମନୋଜ କୁମାର ନାୟକ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଲକ୍ଷ୍ମୀ ଦାସପୁର ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଦିବସରେ ପଞ୍ଚାୟତର ସରପଞ୍ଚ ଜାନକୀ ବାରିକ୍,ସରପଞ୍ଚ ପ୍ରତିନିଧି ଜୟରାମ ବାରିକ୍,କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ହୋତା ଓ ବିଭିନ୍ନ ୱାର୍ଡ ମେମ୍ବର ଯୋଗ ଦେଇଥିଲେ ଏବଂ ଗାନ୍ଧୀଜି ଓ ଶାସ୍ତ୍ରୀଜୀ ଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇ ଥିଲା। ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା, ବୃକ୍ଷ ରୋପଣ ପ୍ରଭୃତି କାର୍ଯ୍ୟକୁ ଗୁରୁତ୍ୱ ଦିଆ ଯାଇଥିଲା। ସେହିପରି ଭାବେ ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ତଥା ବିଦ୍ୟାଳୟ , ମହା ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇ ଯାଇଛି।

## ଅଜଣା ବସ୍ତୁ ପାଇଁ ଇସ୍ରୋରୁ ଆସିଲା ଫୋନ: ପରୀକ୍ଷଣ ବେଳେ ବେଲୁନ ଫାଟିବାରୁ ଆକାଶରୁ ଖସିଲା ପାଣିପାଗ ମାପକଯନ୍ତ୍ର



ନୀଳଗିରି, ୦୨/୧୦ (ନି.ପ୍ର): ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଗେନ୍ଦରାସାହି ଅଙ୍ଗନବାଡି ପଛପଟ ଗତକାଲି ଅପରାହ୍ନ ସମୟରେ ଶାଳଗଛରେ ଏକ ସୋଲର ଡବା ଆକାରର ବସ୍ତୁଟି ଆସି ଝୁଲିଥିବା ଅଞ୍ଚଳବାସୀ ଦେଖି ଭୟଭୀତ ହୋଇପଡ଼ିଥିଲେ।ଉକ୍ତ ଡବା ଆକାରର ବସ୍ତୁଟିରେ ଏକ ହଳଦିଆ ରଙ୍ଗର ତାରରେ ବନ୍ଧା ହୋଇ ଗଛରେ ଝୁଲିଥିବା ବେଳେ ଉକ୍ତ ଡବାରେ ପି ୦୦୮୬ ନମ୍ବର ଲେଖାଥିବା ଦେଖିବାକୁ ମିଳିଥିଲା। ଏହା କେଉଁଠୁ ଓ କିପରି ଆସିଲା ତାକୁ ନେଇ ଗ୍ରାମବାସୀ ଦ୍ୱନ୍ଦରେ ଓ ଭୟଭୀତ ହୋଇ ବରହମପୁର ପୋଲିସ ଓ ଅଗ୍ନିଶମ ବିଭାଗକୁ ଅବଗତ କରିଥିଲେ।ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହି ବାକ୍ସଟିକୁ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଖୋସିବା ପରେ ସେଥିରୁ ଏକ ଆଣ୍ଟିନା ଓ ଟ୍ରାନ୍ସ ମିଟର ବାହାରିଥିଲା ଯେଉଁଥିରେ ଏହା ଏକ ବାୟୁ ବା ପାଣିପାଗ ବିଭାଗ ମାପକ ଯନ୍ତ୍ର ବୋଲି ଲେଖା ରହିଥିଲା। ଅଧିକ ତଦନ୍ତ ପରେ ବରହମପୁର ପୋଲିସକୁ ଟ୍ରାନ୍ସମିଟର ବାକ୍ସରେ ଏକ ନମ୍ବର ମିଳିଥିଲା ଯେଉଁଥିରେ ଯୋଗାଯୋଗ କରିବା ପରେ ତାହା ଇସ୍ରୋକୁ ଲାଗିଥିଲା। ପରବର୍ତ୍ତୀ ସମୟରେ ନେମୀ ଚାନ୍ଦ ଓ ରାହୁଲ ଶିବଗୋତିରା ନାମକ ଦୁଇ ଜଣ ବୈଜ୍ଞାନିକ ବରହମପୁର ପୋଲିସକୁ ଫୋନ କରି ଏହା ଏକ ପାଣିପାଗ ମାପକ ଓ ବାୟୁ ମାପକ ଯନ୍ତ୍ର ଯାହା ପରୀକ୍ଷଣ ସମୟରେ ବେଲୁନ ଫାଟିଯିବାରୁ ଖସିପଡିଛି ଏବଂ ଏହା ଅତ୍ୟଧିକ ଟଙ୍କାର ଯନ୍ତ୍ର ଅଟେ ଯେହେତୁ ଏହା ନଷ୍ଟ ହୋଇନାହିଁ ଫେରାଇବା ପାଇଁ କହିଥିଲେ। ବରହମପୁର ପୋଲିସ ପକ୍ଷରୁ ଉପଯୁକ୍ତ କାଗଜ ପତ୍ର ଓ ତଥ୍ୟ ମଗାଯାଇଛି।ଉପଯୁକ୍ତ କାଗଜ ପତ୍ର ମିଳିଲେ ତାହା ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ବରହମପୁର ଆଇଆଇସି ଜନ୍ ପଟ୍ଟନାୟକ ମତପ୍ରକାଶ କରିଛନ୍ତି ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପ୍ରଣାଳୀ ପାଠ୍ୟକ୍ରମର ଶୁଭାରମ୍ଭ




ବାଲେଶ୍ୱର, ୦୩/୧୦ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରମାଣପତ୍ର ପାଠ୍ୟକ୍ରମର ଶୁଭାରମ୍ଭ ଆଭାସୀ ମାଧ୍ୟମରେ ହୋଇଯାଇଛି। ଜୁମ୍ ମାଧ୍ୟମରେ ଆୟୋଜିତ ଉଦଘାଟନୀ ଅଧିବେଶନରେ ଭାରତର ସମୃଦ୍ଧ ଓ ବିବିଧ ଜ୍ଞାନ ପରମ୍ପରାକୁ ନେଇ ଶୈକ୍ଷିକ ଅଧ୍ୟୟନ ଓ ଆଲୋଚନା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ସୁଯୋଗ ପ୍ରଦାନ କରାଯାଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଜ୍ଞାନ ପ୍ରଣାଳୀ (ଆଇ.କେ.ଏସ୍) ର ଶୈକ୍ଷିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଭାରତର ସମୃଦ୍ଧ ବୌଦ୍ଧିକ ପରମ୍ପରା ସହ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ଯୋଡ଼ିବା ଏବଂ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଅଧ୍ୟୟନର ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ସେ ଉଲ୍ଲେଖ କରିଥିଲେ। ଆଇ.କେ.ଏସ୍ ପାଠ୍ୟକ୍ରମର ନୋଡାଲ ଅଧିକାରୀ ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ପ୍ରମାଣପତ୍ର ପାଠ୍ୟକ୍ରମର ଉଦ୍ଦେଶ୍ୟ, ପରିସର ଓ ଶୈକ୍ଷିକ ଗଠନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଭିଇସିସିର ବୈଜ୍ଞାନିକ-ଜି ପ୍ରଫେସର ଯଯାତି କେଶରୀ ନାୟକ ଏବଂ ପ୍ରେସିଡେନ୍ସି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ବରଦା ଲକ୍ଷ୍ମୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ତଥା କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ। ଡ଼କ୍ଟର ରଜତ କୁମାର ପ୍ରଧାନ ବକ୍ତା ଭାବେ ଯୋଗଦେଇ ଉଦଘାଟନୀ ଅଧିବେଶନରେ ଶୈକ୍ଷିକ ଆଲୋଚନାକୁ ସମୃଦ୍ଧ କରିଥିଲେ। ପାଠ୍ୟକ୍ରମ ପ୍ରତି ବିଭିନ୍ନ ଶୈକ୍ଷିକ ପୃଷ୍ଠଭୂମି ଓ ଅନୁଷ୍ଠାନରୁ ବ୍ୟାପକ ଆଗ୍ରହ ପ୍ରକାଶ ପାଇଛି। ଏଥିପାଇଁ ମୋଟ ୪୭୮ ଜଣ ଅଂଶଗ୍ରହଣକାରୀ ପଞ୍ଜୀକୃତ ହୋଇଛନ୍ତି। ପ୍ରାୟ ୩ରୁ ୪ ମାସ ଧରି ଚାଲିବାକୁ ଥିବା ଏହି ପାଠ୍ୟକ୍ରମରେ ଭାରତୀୟ ଜ୍ଞାନ ପ୍ରଣାଳୀର ବିଭିନ୍ନ ଦିଗ ଉପରେ କ୍ରମବଦ୍ଧ ଓ ନିରନ୍ତର ଅଧ୍ୟୟନର ସୁଯୋଗ ମିଳିବ। କାର୍ଯ୍ୟକ୍ରମ ଆରମ୍ଭରେ ଆଇକେଏସ୍ କକ୍ଷର ପାଠ୍ୟକ୍ରମ ସଂଯୋଜକ ଶ୍ରୀ ଅରୁଣ କୁମାର ନାଏକ ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପାଠ୍ୟକ୍ରମ ପରିଚାଳନାରେ ଡ଼କ୍ଟର ଦେବାଶିଷ ମିଶ୍ର, ଡ଼କ୍ଟର ସମୀର କୁମାର ଜେନା ଓ ଡ଼କ୍ଟର ଆକାଶ ମଲ୍ଲିକ ସହ-ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଶେଷରେ ଡ଼କ୍ଟର ଆକାଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହ ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରମାଣପତ୍ର ପାଠ୍ୟକ୍ରମର ନିୟମିତ ଶୈକ୍ଷିକ କାର୍ଯ୍ୟକଳାପ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି।

## ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ

ଭୁବନେଶ୍ୱର, ୦୩ ଅକ୍ଟୋବର (ହି.ସ.)- ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଂଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍ କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ। ଟ୍ରେନ୍ ନମ୍ବର ୧୮୧୦୮ ଜଗଦଲପୁର–ରାଉରକେଲା ଏକ୍ସପ୍ରେସ ୪ ଅକ୍ଟୋବରରୁ ୮ ଅକ୍ଟୋବର ପର୍ଯ୍ୟନ୍ତ ବାତିଲ ରହିବ।ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସ ୩ ଅକ୍ଟୋବରରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ବାତିଲ ରହିବ।୪ ଅକ୍ଟୋବରରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ଟ୍ରେନ୍ ନମ୍ବର ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ ଏବଂ ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ–ବିଶାଖାପାଟଣା ଏକ୍ସପ୍ରେସ ବାତିଲ ରହିବ।

## ଶାରଦୀୟ ଦୁର୍ଗାପୂଜାର ସୁପରିଚାଳନା ପାଇଁ ଶାନ୍ତି କମିଟି ବୈଠକ

ବାଲେଶ୍ୱର, ୦୨/୧୦ (ନି.ପ୍ର): ଶାରଦୀୟ ଦୁର୍ଗାପୂଜାକୁ ବାଲେଶ୍ୱରରେ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ପାଳନ କରିବା ଉଦ୍ଦେଶ୍ୟରେ ଆଜି ଅପରାହ୍ନ ୪.୩୦ ଘଟିକା ସମୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ସଦର ବିଧାୟକ ମାନସ କୁମାର ଦତ୍ତ, ମାନ୍ୟବର ପୌରଧ୍ୟକ୍ଷା, ବାଲେଶ୍ୱର ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ବାଲେଶ୍ୱର ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦିବ୍ୟଜ୍ୟୋତି ଦାଶ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପରେଶ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଦୁର୍ଗାପୂଜା ଅବସରରେ ଆଇନଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ଶୋଭାଯାତ୍ରାର ସୁପରିଚାଳନା ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପୂଜା କମିଟିଗୁଡ଼ିକୁ ନିର୍ଦ୍ଧାରିତ ନିୟମ ଓ ପ୍ରଶାସନିକ ନିର୍ଦ୍ଦେଶାବଳୀ ପାଳନ କରିବା ସହିତ ଶାନ୍ତି ଓ ଶୃଙ୍ଖଳା ରକ୍ଷାରେ ପ୍ରଶାସନକୁ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା। ବୈଠକରେ ଡିଜେ ଓ ଉଚ୍ଚ ଶବ୍ଦଯୁକ୍ତ ମାଇକର ବ୍ୟବହାର ସମ୍ପର୍କିତ ନିୟମ ପାଳନ, ମେଢ଼ର ଉଚ୍ଚତା ସମ୍ପର୍କିତ ନିୟମ ପାଳନ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଧ୍ୱନି ପରିବେଷଣ, ଉଚ୍ଚ ଶବ୍ଦଯୁକ୍ତ ବାଣର ବାରଣ, ଶୋଭାଯାତ୍ରା ସମୟରେ ଯାତାୟାତ ବ୍ୟବସ୍ଥାକୁ ବାଧା ନଦେବା ଏବଂ ମଦ୍ୟପାନ ଠାରୁ ଦୂରେଇ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପୂଜା ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଉପରେ ପୋଲିସର ତୀକ୍ଷ୍ଣ ନଜର ରହିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ବୈଠକରେ ପୂଜା ପାଇଁ ଆବଶ୍ୟକ ଅନୁମତି ଓ ଆପତ୍ତିବିହୀନ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ୧୦ ରୁ ୧୨ ଅକ୍ଟୋବର ପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ଶୋଭାଯାତ୍ରା ପାଇଁ ମଧ୍ୟ ଆବଶ୍ୟକ ଅନୁମତି ନେବାକୁ ପୂଜା କମିଟିଗୁଡ଼ିକୁ କୁହାଯାଇଛି। ଆସନ୍ତା ୨୨ ଅକ୍ଟୋବରରେ ଭସାଣି ଉତ୍ସବ ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଦୁର୍ଗାପୂଜା ହେଉଛି ଭାଇଚାରା, ସାମାଜିକ ଏକତା ଓ ସୌହାର୍ଦ୍ଦ୍ୟର ପର୍ବ। ତେଣୁ ସମସ୍ତେ ପରସ୍ପରର ଧାର୍ମିକ ଭାବନାକୁ ସମ୍ମାନ ଦେଇ ଶାନ୍ତିପୂର୍ଣ୍ଣ ଭାବେ ପୂଜା ପାଳନ କରିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା। ପୂଜା କମିଟି, ପୋଲିସ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ଦୁର୍ଗା ପୂଜା ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀ, ଶାନ୍ତି କମିଟିର ସଦସ୍ୟ, ଦୁର୍ଗାପୂଜା କମିଟିର କର୍ମକର୍ତ୍ତା, ଜନପ୍ରତିନିଧି, ସାମ୍ବାଦିକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଯୋଗଦେଇ ଦୁର୍ଗା ପୂଜାର ସୁପରିଚାଳନା ନେଇ ଆଲୋଚନା କରିଥିଲେ।

## ସୁବର୍ଣ୍ଣରେଖା ନଦୀରେ ବୁଡି ପର୍ଯ୍ୟଟକଙ୍କ ମୃତ୍ୟୁ

ବସ୍ତା, ୦୨/୧୦ (ନି.ପ୍ର): ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବେଣାପୁରା ବାରୁଣୀ ଘାଟରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ନଦୀରେ ଗାଧୋଇବା ସମୟରେ ବୁଡି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ମୃତ ପର୍ଯ୍ୟଟକ ଜଣକ ଉତ୍ତର ପ୍ରଦେଶର ନୟନପାରା ଅଞ୍ଚଳର ଅଶୋକ କୁମାର ପାଠକ(୪୮) ବୋଲି ଜଣାପଡିଛି। ସୂଚନାରୁ ପ୍ରକାଶ, ଅଶୋକ ପାଠକ ତୀର୍ଥ କରିବାପାଇଁ ପରିବାର ସଙ୍ଗେ ବସ୍ ଯୋଗେ ପୁରୀ ଅଭିମୁଖେ ଯାଉଥିଲେ ରାସ୍ତାରେ ଶୌଚ ସ୍ନାନ ହେବାପାଇଁ ଉକ୍ତ ନଦୀ ଘାଟରେ ଅଟକି ଥିଲେ। ଆଜି ସକାଳ ପ୍ରାୟ ୮ଟା ସମୟରେ ଅଶୋକ ନଦୀରେ ଗାଧୋଉଥିବା ବେଳେ ହଠାତ୍ ଗଭୀର ପାଣିକୁ ଚାଲିଯାଇ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ବସ୍ତା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବସ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଦୁଇ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଅଶୋକଙ୍କ ମୃତଦେହ ଉଦ୍ଧାର କରିଥିଲେ। ବସ୍ତା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଛି ଏବଂ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida